R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୯
ତିଥି : ତୃତୀୟା
୦୪ ନଭେମ୍ବର ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ଶାନ୍ତି, ଅହିଂସାର ବାର୍ତ୍ତା ପ୍ରଚାର କରୁଛି ଧଉଳି

## ଧଉଳି ସମେତ ସବୁ ଐତିହ୍ୟସ୍ଥଳୀର ବିକାଶ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩।୧୧ (ସବ୍ୟୁ) : ଧଉଳି ଏକ ସାଧାରଣ ପାହାଡ ନୁହେଁ, ଏହି ପାହାଡ ଓଡିଶା ଇତିହାସର ଏକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି । କଳିଙ୍ଗର ବୀର ସନ୍ତାନଙ୍କ ସୌର୍ଯ୍ୟ, ସାହାସ ଓ ସାମର୍ଥ୍ୟର ପ୍ରତୀକ ଏହି ଧଉଳି । ଓଡିଆ ବୀର ସନ୍ତାନଙ୍କ ଲୁହ ଆଉ ରକ୍ତରେ ଏକାକାର ହୋଇଥିବା ତ୍ୟାଗର ତୀର୍ଥସ୍ଥଳୀ ଏହି ଧଉଳି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧଉଳି ଶାନ୍ତି ସ୍ତୁପର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ ଏହା କହିଛନ୍ତି ।

ଧଉଳି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖ୍ରୀଷ୍ଟପୂର୍ବ ୨୬୧ରେ ଲୋମହର୍ଷଣକାରୀ କଳିଙ୍ଗ ଯୁଦ୍ଧ ପରେ ଏହିଠାରୁ ଶାନ୍ତିକୁ ଜୀବନର ବ୍ରତ କରି ବୌଦ୍ଧ ଧର୍ମକୁ ଗ୍ରହଣ କରିଥିଲେ ସମ୍ରାଟ ଅଶୋକ । ଆଜିକୁ ୫୨ ବର୍ଷ ତଳେ ଜାପାନ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା ଏହି ଶାନ୍ତିର ସ୍ତୁପ । ସେବେଠାରୁ ଆଜି ପର୍ଯ୍ୟନ୍ତ ଶାନ୍ତି ଆଉ ମୈତ୍ରୀର ପ୍ରତୀକ ସାଜିଛି ଏହି ଧଉଳି ।

ବୌଦ୍ଧ ଧର୍ମ ସମ୍ପର୍କରେ ଯେବେ ଆଲୋଚନା କରାଯାଏ ସେତେବେଳେ ଓଡିଶାର ନାଁ ସବୁଠାରୁ ଆଗରେ ଆସିଥାଏ । ଓଡିଶାରେ ବୌଦ୍ଧ ଧର୍ମର ଯେତେ ପ୍ରଚାର ପ୍ରସାର ହୋଇଥିଲା ଏବଂ ଯେତେ ବୌଦ୍ଧ ବିହାର ଓଡିଶାରେ ଦେଖିବାକୁ ମିଳେ ତାହା ଭାରତବର୍ଷର ଅନ୍ୟ କୌଣସି ପ୍ରଦେଶରେ ଦେଖିବାକୁ ମିଳେ ନାହିଁ । ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀଠାରୁ ଓଡିଶାରେ ବୌଦ୍ଧ ଧର୍ମର ପ୍ରସାର ଘଟିଥିଲା । ଧଉଳି ପାଦ ଦେଶରେ ଦୟାନଦୀ କୂଳରେ ଭାରତ ଇତିହାସରେ ଏକ ନିର୍ଣ୍ଣାୟକ ମୋଡ ଆସିଥିଲା । ମଗଧର ସମ୍ରାଟ ଅଶୋକଙ୍କୁ କଳିଙ୍ଗ ଯୁଦ୍ଧର ବିଭୀଷିକା ଧର୍ମାଶୋକରେ ପରିଣତ କରିଥିଲା । ସମ୍ରାଟ ଅଶୋକ ଦେଶ ବିଦେଶରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ପାଇଁ ନିଜ ପୁତ୍ର ମହେନ୍ଦ୍ର ଏବଂ କନ୍ୟା ସଙ୍ଘମିତ୍ରାଙ୍କୁ ସିଂହଳ ଦେଶକୁ ଏହି ଓଡିଶାରୁ ପଠାଇଥିବା ବିଶ୍ୱାସ କରାଯାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଅତୀତର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ସେତେବେଳେ ନୌବାଣିଜ୍ୟ ପରମ୍ପରାରେ ଓଡିଶା ସାଧବ ପୁଅ ମାନେ ସିଦ୍ଧହସ୍ତ ଥିଲେ । ବୋଇତରେ ସେମାନେ ସାତ ସମୁଦ୍ର ପାର ହୋଇ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ । ଭାରତର ଅନ୍ୟ କୌଣସି ରାଜ୍ୟର ଲୋକମାନେ ସେତେବେଳେ ବୋଇତରେ ସମୁଦ୍ରଯାତ୍ରା ବିଷୟରେ ଜାଣିନଥିଲେ । ତେଣୁ ବୌଦ୍ଧ ଧର୍ମର ପ୍ରଚାର ପାଇଁ ଯାଉଥିବା ବୌଦ୍ଧ ସନ୍ୟାସୀ ମାନେ ଓଡିଶାରୁ ବିଦେଶକୁ ଯାଉଥିଲେ । ସେଥିପାଇଁ ଓଡିଶାରେ ବୌଦ୍ଧ ଧର୍ମର ବହୁଳ ପ୍ରସାର ଘଟିଥିଲା । ଯାହାର ଐତିହାସିକ ମୁକସାକ୍ଷୀ ଭାବେ ରତ୍ନଗିରି, ଲଳିତଗିରି, ଉଦୟଗିରି ଓ ଖଣ୍ଡଗିରି ଆଦିରେ ବୌଦ୍ଧ ବିହାର, ଗୁମ୍ଫା ଓ ଭଗ୍ନାବଶେଷ ଆଜି ମଧ୍ୟ ଦେଖିବାକୁ ମିଳୁଛି ।

ଧଉଳି ଗିରିରେ ଆଜି ଯେଉଁ ଶାନ୍ତିସ୍ତୁପ ନିର୍ମାଣ କରାଯାଇଛି, ତାହା ସାରା ପୃଥିବୀକୁ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଛି । ଲୋକମାନଙ୍କ ମଧ୍ୟରେ ଶାନ୍ତିର ବାର୍ତ୍ତା ପ୍ରସାର ପାଇଁ ସମ୍ରାଟ ଅଶୋକ ଏଠାରେ (୯ ପୃଷ୍ଠାରେ)

# ବର୍ଷକରେ ମରିଛନ୍ତି ୫୦ ହାତୀ



ଭୁବନେଶ୍ୱର,୩।୧୧(ସବ୍ୟୁ): ୨୦୨୪ ଆରମ୍ଭରୁ ଏପର୍ଯ୍ୟନ୍ତ ଘଟିଥିବା ଅସ୍ୱାଭାବିକ ହାତୀମୃତ୍ୟୁର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି ।

ଚଳିତବର୍ଷ ଆରମ୍ଭରୁ ରାଜ୍ୟରେ ପ୍ରାୟ ୫୦ଟି ହାତୀ ମୃତ୍ୟୁ ଘଟଣା ବିଭିନ୍ନ

## ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି । ଏହା ଅତ୍ୟନ୍ତ ଉଦ୍‌ବେଗଜନକ। ଅସ୍ୱାଭାବିକ ହାତୀ ମୃତ୍ୟୁ ରୋକିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି । ଗଜସାଥୀ ମୁତୟନ, ରାପିଡ୍ ଆକ୍ସନ୍ ଟିମ୍ ବ୍ୟବସ୍ଥା ଆଦି ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ସାଙ୍ଗକୁ ମଧ୍ୟ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କ ଦକ୍ଷତା, ଆନ୍ତରିକତା ଏବଂ କାର୍ଯ୍ୟକୁଶଳତାର ଅଧିକ ଆବଶ୍ୟକତା ଅନୁଭୂତ ହେଉଛି ।

ସୁରକ୍ଷିତ ପରିବେଶରେ ବାସ କରିବା ବନ୍ୟଜନ୍ତୁମାନଙ୍କ ଅଧିକାର । ସେମାନଙ୍କୁ ଆଇନଗତ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଛି । ସେମାନଙ୍କ ନିରାପତ୍ତା ନିଶ୍ଚିତ କରାଯିବା ନିମନ୍ତେ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ନିଆଯିବା ସର୍ବଥା ଜରୁରୀ । ବନ ବିଭାଗ ଅଧିକାରୀମାନେ ଏଥି ନିମନ୍ତେ ଉତ୍ତରଦାୟୀ ହେବା ଆବଶ୍ୟକ । କୌଣସିମତେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ସତର୍କ କରାଇଦେଇଛନ୍ତି ।

୨୦୨୪ରୁ ଏଯାବତ୍ ଘଟିଥିବା ଅସ୍ୱାଭାବିକ ହାତୀ ମୃତ୍ୟୁ ଘଟଣାଗୁଡ଼ିକୁ ବନଖଣ୍ଡଓ୍ୱାରୀ ପ୍ରସ୍ତୁତ କରାଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ । ଦୋଷୀ ବ୍ୟକ୍ତିବିଶେଷ ଓ ଅବହେଳା ପ୍ରଦର୍ଶନ କରିଥିବା ବନ ବିଭାଗ (୯ ପୃଷ୍ଠାରେ)

# ୪ ଓ ୧୧ରେ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୩।୧୧ (ସବ୍ୟୁ) : ଆସନ୍ତାକାଲି ନଭେମ୍ବର ୪ ତାରିଖ(ସୋମବାର ) ଏବଂ ଆଗାମୀ ନଭେମ୍ବର ୧୧ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଏହି ଦିନମାନଙ୍କରେ ୟୁନିଟ-୫, ଭୁବନେଶ୍ୱରସ୍ଥିତ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ ।ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଥିବା ନେଇ ଲୋକ ସଂପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

## ଉତ୍କର୍ଷ ଓଡ଼ିଶା ମେକଇନ୍ ଓଡ଼ିଶା କନକ୍ଲେଭ-୨୦୨୫

# ତିନିଦିନିଆ ବିଦେଶ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୧ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ହେଲା ପରେ ମୋହନ ଚରଣ ମାଝୀ ପ୍ରଥମ ଥର ପାଇଁ ବିଦେଶ ଗସ୍ତ କରିବାକୁ ଯାଉଛନ୍ତି । ତାଙ୍କର ଏହି ଗସ୍ତ ସିଙ୍ଗାପୁରକୁ ହେବ । ଏହି ଗସ୍ତକାଳରେ ସେ ଓଡ଼ିଶାରେ ବ୍ୟବସାୟିକ ସଂପ୍ରସାରଣ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା କରିବେ । ଶ୍ରୀ ମାଝୀ ଆସନ୍ତା ୧୮ ତାରିଖରୁ ତିନିଦିନିଆ ସିଙ୍ଗାପୁର ଗସ୍ତ କରିବେ । ଶ୍ରୀ ମାଝୀ ଚଳିତମାସ ୧୮ ତାରିଖରୁ ସିଙ୍ଗାପୁର ଗସ୍ତ କରିବେ । ସେଠାରେ ସେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରହିବେ । ଉତ୍କର୍ଷ ଓଡ଼ିଶା ମେକଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ପାଇଁ ସେଠାରେ ରୋଡ୍ ଶୋ'କରିବେ । ଏହାସହ ନିବେଶକମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ବରିଷ୍ଠ ଅଧିକାରୀମାନେ ସିଙ୍ଗାପୁର ଗସ୍ତରେ ଯିବେ ।

ସୂଚନାଯୋଗ୍ୟ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ

## ସିଙ୍ଗାପୁରରେ ରୋଡ୍ ଶୋ' ସହ ନିବେଶକଙ୍କୁ ଭେଟିବେ

ଆୟୋଜନ ହେବ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତମାସ ଦେଶର ରାଜଧାନୀ ନୂଆଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇରେ ରୋଡ୍ ଶୋ' ଆୟୋଜନ କରାଯାଇଥିଲା । ଏହି ଦୁଇ ସହରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶର ଅନେକ ବିଶିଷ୍ଟ ଶିଳ୍ପପତିଙ୍କୁ ଭେଟିଛନ୍ତି । ଶ୍ରୀ ମାଝୀ ମୁମ୍ବାଇରେ ରିଲାନ୍ସ ବୋର୍ଡର ନିର୍ଦ୍ଦେଶକ ଅନନ୍ତ ଅମ୍ବାନି, ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରଓ୍ୱାଲ, ଗୋଦରେଜ୍ ଅଧ୍ୟକ୍ଷ ନାଦିର ଗୋଦରେଜ୍, ଲକ୍ଷ୍ମୀ ଅର୍ଗାନିକ୍ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ରବି ଗୋଏଙ୍କା, ଜେଏସଡବ୍ଲ୍ୟୁ ଗ୍ରୁପ୍ ମୁଖ୍ୟ ସଜ୍ଜନ ଜିନ୍ଦଲ, ୱେଲସ୍ପନର ବିଜୟ ଗୋଏଙ୍କା ଓ ବାଳକୃଷ୍ଣ ଗୋଏଙ୍କାଙ୍କୁ ଭେଟିଥିଲେ । ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲଭ-୨୦୨୫ ପାଇଁ ବିଶିଷ୍ଟ ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭେଟିବା ଦ୍ୱାରା କେନ୍ଦୁଝର ଜିଲ୍ଲାରେ ଜେଏସଡବ୍ଲ୍ୟୁ-ପୋସ୍କୋର ମିଳିତ ସହଯୋଗରେ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ହେବାର ଆଶା ଦେଖାଯାଇଛି ।

# ୧୦ରୁ ଟ୍ରକ ଧର୍ମଘଟ

ଭୁବନେଶ୍ୱର,୩।୧୧ (ସବ୍ୟୁ) : ରାଜ୍ୟ ସରକାରଙ୍କୁ ଲଘୁ ଖଣିଜ ପରିବହନ କରୁଥିବା ମିଳିତ ଟ୍ରକ ମାଲିକ ସଂଘର କଡ଼ା ଚେତାବନୀ । ୯ ତାରିଖ ସୁଦ୍ଧା ବାଲି ପରିବହନ ସମସ୍ୟା ସମେତ ଲଘୁ ଖଣିଜ ପରିବହନ ନେଇ ଥିବା ୧୧ ଦଫା ଦାବି ପୂରଣ କର । ନଚେତ୍ ୧୦ ତାରିଖରୁ ବନ୍ଦ ରହିବ ସବୁ ପ୍ରକାର ଲଘୁ ଖଣିଜ ପରିବହନ । ଖୋର୍ଦ୍ଧା ଟ୍ରକ ମାଲିକ ସଂଘ ଆହ୍ୱାନକ୍ରମେ ପାଖାପାଖି ୧୦ ଜିଲ୍ଲାର ୧୫ ଟ୍ରକ ମାଲିକ ସଂଘର ମିଳିତ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି । ନଦୀ ବାଲି ପରିବହନ କ୍ଷେତ୍ରରେ ସୁବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଟ୍ରକ ମାଲିକମାନେ ପରିବହନ ବିଭାଗ ଓ ଲଘୁ ଖଣିଜ ବିଭାଗ ଅଧିକାରୀ ଦ୍ୱାରା ଅଯଥା ଜରିମାନା ତଥା ଶୋଷଣର ଶିକାର ହେଉଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏନେଇ ସରକାରଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ସୁଫଳ ମିଳିନି । ଯଦି ଆଗାମୀ ୯ ତାରିଖ ସୁଦ୍ଧା ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି ୧୦ ତାରିଖରୁ ସାରା ରାଜ୍ୟରେ ଲଘୁ ଖଣିଜ ପରିବହନ କରୁଥିବା ୫ ହଜାରରୁ ଅଧିକ ଟ୍ରକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚକା ବନ୍ଦ ଆନ୍ଦୋଳନ କରିବେ ।

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

# ୬ କୋଟିରୁ ଅଧିକ ଭୋଟର ଆଗୁଆ ଭୋଟ୍ ଦେଲେ



ୱାଶିଂଟନ,୩।୧୧: ନଭେମ୍ବର ୫ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ତାରିଖ ସ୍ଥିର ହୋଇଛି । ତେବେ ସାରା ଦେଶରେ କୋଟି କୋଟି ଭୋଟର ମତଦାନ କରିସାରିଛନ୍ତି । ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ନିର୍ବାଚନ ଲ୍ୟାବ ଟ୍ରାକର ଅନୁଯାୟୀ ବର୍ତ୍ତମାନ ପର୍ଯ୍ୟନ୍ତ ୬ କୋଟି ୮୦ ଲକ୍ଷ ଲୋକ ଆମେରିକାରେ ଭୋଟ୍ ଦେଇ ସାରିଛନ୍ତି । ଆମେରିକାରେ, ଏକ ନିୟମ ରହିଛି ଯାହା ଅନ୍ତର୍ଗତ ନିର୍ବାଚନ ପାଇଁ ଧାର୍ଯ୍ୟ ତାରିଖ ପୂର୍ବରୁ ଭୋଟରଙ୍କୁ ଭୋଟ୍ ଦେବାର ଅଧିକାର ମିଳିଥାଏ । ଏହାକୁ ଏର୍ଲି ଭୋଟ୍ କୁହାଯାଇଥାଏ । ଏହି ନିୟମ ଅନୁଯାୟୀ, ଯେଉଁମାନେ ଆମେରିକାରେ ଭୋଟ୍ ଦେବା ପାଇଁ ବୈଧ, ସେମାନଙ୍କୁ ଭୋଟ୍ ଦେବା ଦିନ ପୂର୍ବରୁ ମଧ୍ୟ ଭୋଟ୍ ଦେବାର ଅଧିକାର ଦିଆଯାଇଥାଏ । ପଞ୍ଜିକୃତ ଇମେଲ ବ୍ୟବହାର କରି, ଭୋଟ୍ ପୋଷ୍ଟ କରି ଭୋଟ୍ ତାରିଖ ପୂର୍ବରୁ ଭୋଟ୍ କେନ୍ଦ୍ର ପରିଦର୍ଶନ କରି ସେମାନେ ଭୋଟ୍ କରିପାରିବେ । କେବଳ ନ୍ୟୁୟର୍କ ସିଟିରେ ପ୍ରାୟ ୧,୪୦,୦୦୦ ଲୋକ ଏର୍ଲି ଭୋଟ୍ ଦେବାର ପ୍ରଥମ ଦିନରେ ଭୋଟ୍ ଦେଇଥିଲେ । ଏଠାରେ ନିର୍ବାଚନ ବୋର୍ଡ ଅନୁଯାୟୀ ନ୍ୟୁୟର୍କ ଏର୍ଲି ଭୋଟ୍ ଦେବାରେ ଏକ ରେକର୍ଡ ସୃଷ୍ଟି କରିଛି ଏବଂ ଏହା ଜାରି ରହିଛି । ଏର୍ଲି ଭୋଟ୍ ଦେବାର ଏହି ସୁବିଧା ସହିତ, ଅଧିକାଂଶ ଭୋଟର ଭୋଟ୍ ପାଇଁ ସ୍ଥିର ହୋଇଥିବା ଦିନରେ ଅନେକ ସମସ୍ୟାରୁ ରକ୍ଷା ପାଇଥାନ୍ତି । ମତଦାନ କିମ୍ବା ଖରାପ ପାଗ କିମ୍ବା ମତଦାନ ସ୍ଥାନରେ ଅନ୍ୟ କେଣସି ସମସ୍ୟା ପାଇଁ ଲମ୍ବା ଧାଡି ହୋଇଥାଏଛ ମାତ୍ର ଏର୍ଲି ଭୋଟ୍ ଦ୍ୱାରା ଭୋଟର ଏସବୁ ସମସ୍ୟାରୁ ରକ୍ଷା ପାଇଥାନ୍ତିଛସୂଚନାଯୋଗ୍ୟ ୨୦୨୦ରେ ୧୦୦ରୁ କମ୍ ମତଦାନ କେନ୍ଦ୍ର ଏର୍ଲି ଭୋଟ୍ ପାଇଁ ସ୍ଥାପିତ ହୋଇଥିଲା । ଏଥର କେବଳ ନ୍ୟୁୟର୍କରେ ଏହି ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ରହିଛି ।








# ସୁନାର ବିବାହ କାର୍ଡ

ବିବାହ କାର୍ଡ ଅନେକ ପାରମ୍ପରିକ ଭାବନାକୁ ପ୍ରତିପାଦିତ କରିଥାଏ । ତେଣୁ ସମସ୍ତେ ନିଜ ବିବାହ କାର୍ଡକୁ ଖୁବ ଭବ୍ୟ କରିବାକୁ ଚେଷ୍ଟା କରିଥାଆନ୍ତି । ସେହିଭଳି ଏକ କାର୍ଡ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । କାର୍ଡଟି ନିଜର ଆକାର ଓ ଡିଜାଇନ୍ ପାଇଁ ବେଶ୍ ଭାଇରାଲ ହେଉଛି । କାର୍ଡଟି ତିଆରି କରିବା ପାଇଁ ପାଖାପାଖି



୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହାକୁ ସୁନା ଓ ରୂପାରୁ ତିଆରି କରାଯାଇଥିବା ସୂଚନା ମିଳିଛି । କାର୍ଡଟି ଦେଖିବାକୁ ଖୁବ ୟୁନିକ୍ ହୋଇଛି । ଏଥିରେ ଘୋଡାଗାଡି ଆକୃତିର ଛବି ରହିଛି ଯାହାକୁ ସୁନାରେ ତିଆରି କରାଯାଇଛି, ଏବଂ ଏହାରି ଭିତରେ ବିବାହର ସମସ୍ତ ତଥ୍ୟ ଦିଆଯାଇଛି । କାର୍ଡଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଲୋକମାନେ କାର୍ଡର ସ୍ୱତନ୍ତ୍ରତାକୁ ଖୁବ ପସନ୍ଦ କରିବାରେ ଲାଗିଛନ୍ତି ।

# ବୋନ୍‌କୁ ରଖନ୍ତୁ ଷ୍ଟ୍ରଙ୍ଗ୍

ବୟସ ବଢିବା ସହିତ ଆମର ଆଣ୍ଠୁ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ତେବେ ଏହା ଯେ କେବଳ ବୃଦ୍ଧା ଅବସ୍ଥାରେ ହେବ ତାହା ନୁହେଁ । ଏହା କମ ବୟସ ଯେପରି ୪୦ ବର୍ଷ ପରେ ମଧ ଏହି ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି । ତେଣୁ କିଛି ଉପାୟ ରହିଛି, ଯାହାକୁ ବ୍ୟବହାର କରି ଆପଣ ନିଜର ବୋନ୍ ହେଲ୍‌ଥକୁ ଭଲ ରଖିପାରିବେ । ସବୁବେଳେ ଆକ୍ଟିଭ ରୁହନ୍ତୁ । ମୁଣ୍ଡ ସହିତ ଶାରୀରିକ ସ୍ତରରେ ଆକ୍ଟିଭ ରହିବା ଦ୍ୱାରା ଆମର ବୋନ୍ ଷ୍ଟ୍ରଙ୍ଗ୍ ହୋଇଥାଏ । ଆମ ଶରୀର ଏକ ଯନ୍ତ୍ରଭଳି ତେଣୁ ଏହାର ସବୁ ଅଙ୍ଗର ବ୍ୟବହାରର ଆବଶ୍ୟକତା ରହିଛି । ସେଥିପାଇଁ ସବୁବେଳେ ଗୋଟିଏ ସ୍ଥାନରେ ବସି ନରହି ଚଲାବୁଲା ଏବଂ କିଛି ଶାରିରୀକ ପରିଶ୍ରମ କରନ୍ତୁ । ସେହିଭଳି ଖାଦ୍ୟପେୟର ଧ୍ୟାନ ଦିଅନ୍ତୁ । ବୟସ ବଢିବା ପରେ ସାଧାରଣତଃ ସନ୍ତୁଳିତ ଆହାରର ଖାଇବା ଜରୁରୀ ହୋଇପଡେ । ତେଣୁ ଏହି ସମୟରେ ଯେତେ ପାରିବେ ସେତେ ମାତ୍ରାରେ ସବୁଜ ପନି ପରିବା ଖାଆନ୍ତୁ । ଘରେ ରନ୍ଧା ଖାଦ୍ୟ ଖାଆନ୍ତୁ । ଏହା ଆପଣଙ୍କୁ ସୁସ୍ଥ ରଖିବା ସହିତ ବୋନ୍‌କୁ ମଧ ଷ୍ଟ୍ରଙ୍ଗ୍ କରିବ ।



## ସୋସିଆଲ କୋଟ୍ସ



ମୁଁ ସେତେବେଳେ ସଲମାନଙ୍କୁ ଫିଲ୍ମରେ ନବାକୁ ଚାହିଁଥିଲି, ହେଲେ ସେ ହିଁ ରାଜି ନଥିଲେ । ସେ ସବୁବେଳେ ମୋ ପାଖୁ ଅନ୍ୟମାନଙ୍କୁ ଆଣି କହୁଥିଲେ ମୁଁ ଏହି ଫିଲ୍ମ ପାଇଁ ଠିକ୍ ନୁହେଁ ମୋ ସ୍ଥାନରେ ଏମାନଙ୍କୁ ନିଅନ୍ତୁ ।

**ସୂରଜ ବଡଜାତ୍ୟା, ନିର୍ଦ୍ଦେଶକ**



ମୁଁ ଅଜୟଙ୍କର ଅନେକ ଫିଲ୍ମ ଦେଖିଛି, ତାଙ୍କର 'କମ୍ପାନୀ','ଭଗତ ସିଂ','ରନ୍ ୱେ' ଭଳି ଫିଲ୍ମ ମୋତେ ଖୁବ ପ୍ରଭାବିତ କରିଥାଏ । ସେ ଜଣେ ଖୁବ ଭଲ ଆକ୍ଟର ।

**କାଜୋଲ, ଅଭିନେତ୍ରୀ**



ମୁଁ ଅନ୍ୟମାନଙ୍କ ଠାରୁ ଭିନ୍ନ ଫିଲ୍ମ ପ୍ରସ୍ତୁତ କରିଥାଏ । କାହାକୁ ଖୁସି କରିବା ପାଇଁ କେବେ ବି ଫିଲ୍ମ ତିଆରି କରି ନାହିଁ । ସମସ୍ତଙ୍କୁ ମୋ ଫିଲ୍ମ ପସନ୍ଦ ଆସିବ ଏହା ଜରୁରୀ ନୁହେଁ ।

**ବିବେକ ଅଗ୍ନିହୋତ୍ରୀ, ଫିଲ୍ମମେକର**

## ଇତିହାସ ପୃଷ୍ଠାରୁ

୧୬୧୮– ମୋଗଲ ଶାସକ ଔରଙ୍ଗଜେବଙ୍କ ଜନ୍ମ ।

୧୮୨୨– ଦିଲ୍ଲୀରେ ଜଳଯୋଗାଣ ଯୋଜନା ଔପଚାରିକ ରୂପେ ଶୁଭାରମ୍ଭ ହେଲା ।

୧୮୨୨– ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ମ୍ୟାରୀ ଟୋଡ୍‌ଙ୍କ ସହିତ ବିବାହ ବନ୍ଧନରେ ବାନ୍ଧିହେଲେ ।

୧୯୨୪– ବାୟୋମିଙ୍ଗ୍‌ର ନେଲି ଟେଲୋ ରସ୍ ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ପ୍ରଥମ ମହିଳା ଗଭର୍ଣ୍ଣର ରୂପେ ନିଯୁକ୍ତି ପାଇଲେ ।

୧୯୨୯– ଭାରତୀୟ ଲେଖିକା ଶକୁନ୍ତଳା ଦେବୀଙ୍କ ଜନ୍ମ ।

୧୯୫୪– ଦାର୍ଜିଲିଙ୍ଗ୍‌ରେ ହିମାଳୟ ପର୍ବତାରୋହଣ ସଂସ୍ଥାର ସ୍ଥାପନା କରାଗଲା ।

୧୯୯୫– ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ।

୨୦୦୮– ବାରାକ ଓବାମା ଆଫ୍ରିକୀୟ ମୂଳ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ହେଲେ ।

# ମାନସିକ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ

ଆମ ଜୀବନରେ ମାନସିକ ସ୍ୱାସ୍ଥ୍ୟର ବେଶି ଗୁରୁତ୍ୱ ରହିଛି । ତେବେ ମହିଳାମାନଙ୍କୁ ବିଶେଷଭାବେ ଅଧିକ ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ । ସେମାନଙ୍କର ଦାୟିତ୍ୱ ଅଧିକ ହୋଇଥାଏ ତେଣୁ ସେମାନଙ୍କର ମାନସିକ ଚାପ ମଧ ଅଧିକ ରହିଥାଏ । ସେହିଭଳି ସମସ୍ତେ ସେମାନଙ୍କ ଠାରୁ ଅଧିକ ଆଶା ମଧ ରଖନ୍ତି, ଯାହାର ପ୍ରଭାବ ଅଧିକ ପଡିଥାଏ । ତେବେ ଏସବୁ ଭିତରେ ବି କିଛି ବଷୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଯାହାଫଳରେ ମହିଳାମାନେ ନିଜ ମାନସିକ ସ୍ୱାସ୍ଥ୍ୟର ବି ଯତ୍ନ ନେଇ ପାରିବେ । ସବୁବେଳେ ମହିଳାଙ୍କ ଆଖପାଖରେ କୁହାଯାଉଥିବା ଶବ୍ଦର ପ୍ରଭାବ ସେମାନଙ୍କ ଉପରେ ଅଧିକ ପଡିଥାଏ । ଯଦି ସେମାନଙ୍କର ତୁଳନା ବାରମ୍ବାର ଅନ୍ୟ ସହିତ ହୋଇଥାଏ ତେବେ ଏହା ସେମାନଙ୍କୁ ଅପମାନଜନକ ଲାଗିଥାଏ । ଏହାର ନକରାତ୍ମକ ପ୍ରଭାବ ସେମାନଙ୍କ ମସ୍ତିଷ୍କ ଉପରେ ପଡିଥାଏ । ସେମାନେ ନିଜକୁ କମ୍ ଭାବିବାରେ ଲାଗନ୍ତି ଏବଂ ସେମାନଙ୍କର ଆତ୍ମବିଶ୍ୱାସ କମିଥାଏ । ମହିଳାଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ସବୁଠାରୁ ପ୍ରମୁଖ କାରଣ ହେଲା ନିଜ ପାଇଁ ସମୟ ନକାଢିବା । କାମ, ପରିବାର ଓ ଘରର ଦାୟିତ୍ୱ ମଧ୍ୟରେ ସେମାନେ ନିଜ ପାଇଁ ସମୟ କାଢି ପାରନ୍ତି ନାହିଁ । ତେବେ ଏହା ମଧ ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥାଏ । ସେହିଭଳି ସେମାନେ ସବୁ ପରିସ୍ଥିତି ସହିତ ଭାବନାତ୍ମକ ଭାବେ ଜଡିତ ରହିଥାଆନ୍ତି । ତେଣୁ ଯିଏ ଯାହା ବି କହିଥାଏ ସେମାନଙ୍କୁ ବାଧି ଥାଏ । ତେଣୁ ସବୁବେଳେ ମହିଳାଙ୍କ ସହିତ କଥାହେବା ସମୟରେ ଟିକେ ଭାବିକରି କଥା ହେବାକୁ ପଡିଥାଏ । ସେହିଭଳି ମହିଳାଙ୍କୁ ମଧ ନିଜ ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାର ଅଛି । କୌଣସି କଥାକୁ ଏତେ ଗମ୍ଭୀରତାର ସହ ନନେଇ ହାଲୁକା ଭାବେ ନେବାର ଅଛି । ଯଦି କୌଣସି ଘଟଣା ଘଟୁଛି ତେବେ ଏହାକୁ ହାଲୁକା ଭାବେ ବୁଝି ବିଚାରି ସମାଧାନ କରିବାର ଅଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଜ ପାଇଁ ସମୟ କାଢିବା । ସବୁବେଳେ ଚେଷ୍ଟା କରନ୍ତୁ ନିଜ ପାଇଁ ସମୟ କାଢିବାକୁ । ଏହାର ଆବଶ୍ୟକତା ବିଶେଷ ଭାବେ ରହିଛି ।



# ନୂଆ ଚରିତ୍ର ପାଇଁ ଉତ୍ସାହିତ

ଦର୍ଶକ ଖୁବଶୀଘ୍ର ଛଟି ମୟା କି ବେଟିୟା ଧାରାବାହିକରେ ସ୍ନେହା ୱାଗ୍‌ଙ୍କୁ ଦେଖିବାକୁ ପାଇବେ । ସୂଚନା ଅନୁସାରେ ଦେବୋଲିନା ଭଟ୍ଟାଚାର୍ଯ୍ୟ ପ୍ରେଗ୍‌ନେଣ୍ଟ ଥିବାରୁ ସିରିଏଲ୍‌ରୁ ବ୍ରେକ୍ ନେଇଛନ୍ତି । ତାଙ୍କ ସ୍ଥାନରେ ଦର୍ଶକ ସ୍ନେହାଙ୍କୁ ଦେଖିବାକୁ ପାଇବେ । ତେବେ ସ୍ନେହା ନିଜର ଚରିତ୍ରକୁ ନେଇ ବେଶ୍ ଖୁସି ଅଛନ୍ତି । ତାଙ୍କୁ ଏଭଳି ଲୋକପ୍ରିୟ ଧାରାବାହିକରେ ଲିଡ୍ ରୋଲରେ ଦେଖିବାକୁ ମିଳିଥିବାରୁ ସେ ବେଶ୍ ଉତ୍ସୁକ ଅଛନ୍ତି । ଏହି ମାଇଥୋଲୋଜିକାଲ ଧାରାବାହିକକୁ ଦର୍ଶକ ଖୁବ ଭଲପାଇବା ଦେଉଛନ୍ତି । ତେଣୁ ଏହି ଚରିତ୍ରଟି ତାଙ୍କ କ୍ୟାରିୟର ପାଇଁ ଏକ ଟର୍ଣ୍ଣି ପଏଣ୍ଟ ହେବ ବୋଲି ସ୍ନେହା ଆଶା ବ୍ୟକ୍ତ କରିଛନ୍ତି । ଏହି ଧାରାବାହିକରେ ଖୁବ ପରିଚିତ ମୁହଁ ଯେପରି ସାରା ଖାନ୍, ଜୟା ଭଟ୍ଟଚାର୍ଯ୍ୟ, ବ୍ରିନ୍ଦା ଦହଲ, ଆସିସ୍ ଦିକ୍ଷିତ୍ ଆଦି ଦେଖିବାକୁ ମିଳୁଛନ୍ତି ।



# ସ୍ୱଦେଶୀ ଟେଲିସ୍କୋପ



ଭାରତ ନିଜର ସ୍ୱଦେଶୀ ଟେଲିସ୍କୋପ ପ୍ରସ୍ତୁତ କରିଛି, ଯାହାର ନାମ ରଖାଯାଇଛି ଏମ୍‌ଏସିଇ ରଖାଯାଇଛି । ଏହି ଟେଲିସ୍କୋପ ବ୍ଲାକ୍ ହୋଲ୍ ଓ ସୁପରନୋବା ଭଳି ସ୍ପେସର ଅନେକ ଆକ୍ଟିଭିଟି ସମ୍ପର୍କରେ ଅଧିକ ତଥ୍ୟ ଏହା ଆଣିବ । ଏହା ଦୁନିଆର ସବୁଠାରୁ ଉଚ୍ଚାରେ ଥିବା ଇମେଜିଂ ଚେରେନକୋବ ଟେଲିସ୍କୋପ ଅଟେ । ଏହାକୁ ଲଦାଖରେ ସ୍ଥାପିତ କରାଯାଇଛି । ଏହାର ନିର୍ମାଣ ମୁଖ୍ୟଭାବେ ଭାଭା ଆଟୋମିକ ରିସର୍ଚ୍ଚ ସେଣ୍ଟର କରିଛି । ଏହା ବିଶେଷଭାବେ ଗାମା କିରଣର ଅଧ୍ୟୟନ କରିଥାଏ । ଏହା ଇମେଜିଂ ଚେରେନକୋବ ଜ୍ଞାନକୌଶଳକୁ ବ୍ୟବହାର କରି କାର୍ଯ୍ୟ କରିଥାଏ । ଯେତେବେଳେ ଗାମା କରିଣ ଆମ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥାଏ, ସେତେବେଳେ ଚେରେନ୍‌କୋବ ବିକିରଣ ଉତ୍ପନ୍ନ କରିଥାଏ । ଏହାକୁ ଏହି ଟେଲିସ୍କୋପ ରେକର୍ଡ କରିଥାଏ । ଏହା ବିଜ୍ଞାନ କ୍ଷେତ୍ରରେ ଭାରତର ନାଁକୁ ଖୁବ ଆଗକୁ ନେବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି ।

# ଚିଜ୍ ଚିକେନ କବାବ

**ସାମଗ୍ରୀ :** ୬ ରୁ ୭ଟି କଟା ଚିକେନ ଥାଇ ପିସ୍, ଛୋଟଛୋଟ କଟା ଅଧାକପ ପିଆଜ, ୨କପ ଦହି, ଏକ କପ୍ ରାଶି, ଦୁଇ ଚାମଚ ରସୁଣ ବଟା,୧ଚାମଚ ଅଦା ବଟା, ଅଧା ଚାମଚ ଲଙ୍କା ଗୁଣ୍ଡ, ଅଧା ଚାମଚ ଭଜା ବେସନ, ଅଧା ଚାମଚ ଗୁଜୁରାତି ଗୁଣ୍ଡ, ଅଧା ଚାମଚ ବିଟ୍ ଲୁଣ, ଅଳ୍ପ ପରିମାଣ ଜାଭେତ୍ରି ଗୁଣ୍ଡ, ଅଳ୍ପ ପରିମାଣ ଜାଇଫଳ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରଣାଳୀ :** ପ୍ରଥମେ ଚିକେନ୍‌ରେ ରସୁଣ, ଅଦା ବଟା ଓ ଲଙ୍କା ଗୁଣ୍ଡ ମିଶାଇ ୨୦ରୁ ୩୦ ମିନିଟ ରଖିଦିଅନ୍ତୁ । ସେହିଭଳି ଅନ୍ୟ ଏକ ପାତ୍ରରେ ଚିଜ୍ ଓ ଦହି ମିଶାଇ କିଛି ସମୟ ପାଇଁ ରଖନ୍ତୁ । ଏହାପରେ ଏଥିରେ ବେସନ, ଗୁଜୁରାତି, ଲଙ୍କା ଗୁଣ୍ଡ, ଜାବିତ୍ରି ପାଉଡର, ବିଟ୍ ଲୁଣ, ଜାଇଫଳ ପାଉଡର ମିଶାନ୍ତୁ । ଏହାପରେ ଏହି ମିଶ୍ରଣକୁ କଟା ହୋଇ ରହିଥିବା ମ୍ୟାରିନେଟ୍ ଚିକେନରେ କୋଟ କରନ୍ତୁ । ପରେ ସେହି କୋଟେଡ୍ ଚିକେନ୍‌କୁ ଅଙ୍ଗାରରେ ସେକି ପାରିବେ । ଏହାସହିତ ଏହାକୁ ମାଇକ୍ରୋୱେଭ୍ ଟ୍ରେରେ ରଖି ୨୫ରୁ ୩୦ ମିନିଟ୍ ଯାଏଁ ଗ୍ରିଲ କରିପାରିବେ । ଏହାପରେ ପ୍ରସ୍ତୁତ ହୋଇଯିବ ଚିଜ୍ ଚିକେନ କବାବ ।



## ବଲାଙ୍ଗିର ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର

# ଭାଷା, ସାହିତ୍ୟ, ରାଜନୀତି, ସଂସ୍କୃତି କ୍ଷେତ୍ରରେ ବଲାଙ୍ଗିରର ଅବଦାନ ଅତୁଳନୀୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ବଲାଙ୍ଗିର ଦିନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବଲାଙ୍ଗିର ଦିନ୍ କମିଟି ପକ୍ଷରୁ କୋଶଳ କଳା ମଣ୍ଡଳ ପଡିଆରେ ଆୟୋଜିତ ମହୋତ୍ସବରେ ଯୋଗଦେଇ କହିଛନ୍ତି ଯେ ବଲାଙ୍ଗିରକୁ ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାଷା, ସାହିତ୍ୟ, ରାଜନୀତି, ସଂସ୍କୃତି ଆଦି ପ୍ରତି କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲାର ଅବଦାନ ଅତୁଳନୀୟ । ଦଳମତ ନିର୍ବିଶେଷରେ ଏହି ମାଟି ଅନେକ ଆଗଧାଡିର ନେତୃତ୍ୱକୁ ଜନ୍ମ ଦେଇଛିଛ ଏହି ନେତୃବୃନ୍ଦ ଗଣ ଏ ଅଞ୍ଚଳ ତଥା ରାଜ୍ୟର ବିକାଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନ ମଧ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନା ଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲା ୧୯୪୯ ମସିହା ନଭେମ୍ବର ପହିଲାରେ ଗଠିତ ହୋଇଥିଲା । ସେଥିପାଇଁ ପ୍ରତିବର୍ଷ ନଭେମ୍ବର ପହିଲାରେ ବଲାଙ୍ଗିର ଦିନ୍ ଉତ୍ସବ ପାଳନ କରାଯାଏ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବଲାଙ୍ଗିରର କଳା ଓ ସଂସ୍କୃତି ମହାନ୍ । କିନ୍ତୁ, ଏକ ସମୃଦ୍ଧ ସଂସ୍କୃତିର ପ୍ରଥମ ସର୍ତ୍ତ ହେଉଛି ଏକ ସମୃଦ୍ଧ ସମାଜ । ଗତ ଚାରିମାସ ତଳେ ଆପଣମାନେ ଯେଉଁ ଆଶା ଓ ଭରଷାରେ ଏକ ନୂତନ ସରକାରଙ୍କୁ ନିର୍ବାଚିତ କରିଛନ୍ତି, ମୁଁ କଥା ଦେଉଛି ଆପଣମାନଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରିବି । ଏହି ଦିଗରେ କାର୍ଯ୍ୟ ମଧ ଆରମ୍ଭ ହୋଇଗଲାଣି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଆମ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କ ନେତୃତ୍ୱରେ ଓଡିଶା ବିକାଶର ନୂତନ ଶିଖରକୁ ଛୁଇଁବା ଆରମ୍ଭ କରିଛି । ବଲାଙ୍ଗିରରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛିଛ କେନ୍ଦ୍ର, ରାଜ୍ୟ ସହିତ ଜନପ୍ରତିନିଧି ମଧ ସମାନ ସରକାରର ଅଂଶ ବିଶେଷ । ତେଣୁ ବିକାଶର ରାଜରାସ୍ତାରେ ଟ୍ରିପଲ ସ୍ପିଡରେ ବିକାଶର ଧାରା ଜାରି ରହିବ । ଆଜି ଗୋଟିଏ ଦିନରେ ବଲାଙ୍ଗିର ଜିଲ୍ଲାରେ ୮୯୦ କୋଟି ଟଙ୍କାର ପ୍ରକଳ୍ପ




ଆରମ୍ଭ ହୋଇଛି ବୋଲି ପ୍ରକାଶ କରି ଆଜି ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଭାବେ ଏହା ମୋର ପ୍ରଥମ ଗସ୍ତ ହୋଇପାରେ, କିନ୍ତୁ ମୁଁ ବଲାଙ୍ଗୀରବାସୀଙ୍କୁ କଥା ଦେଉଛି ଯେ ଏହା ମୋର ଶେଷ ଗସ୍ତ ନୁହେଁ, ଏହା ତ ଆୟମାରମ୍ଭ ମାତ୍ର । ଭବିଷ୍ୟତରେ ବଲାଙ୍ଗିରର ବିକାଶ ଯାତ୍ରାରେ ସାମିଲ ହେବାକୁ ମୁଁ ବାରମ୍ବାର ଆପଣଙ୍କ ସହିତ ସାମିଲ ହେବି । ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ନୃତ୍ୟ, ସଙ୍ଗୀତ ଓ କ୍ରୀଡ଼ାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ୧୯୪୦ ମସିହାରେ ପାଟନା ରାଜ୍ୟର ଶାସକ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଦ୍ୱାରା ଐତିହାସିକ ଏହି କୋଶଳ କଳାମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା । ଆଜି ଏହି କୋଶଳ କଳା ମଣ୍ଡଳ ପଡିଆ ବଲାଙ୍ଗୀର ଜିଲ୍ଲାର ଐତିହ, ସଂସ୍କୃତି ଓ ପରମ୍ପରାର ପ୍ରାଣକେନ୍ଦ୍ର ପାଲଟି ଯାଇଛି ବୋଲି ସେ କହିଥିଲେ । ବଲାଙ୍ଗିର ଜିଲ୍ଲାର ପ୍ରାକୃତିକ ଶୋଭା, ପର୍ଯ୍ୟଟନ ସ୍ଥାନ, ପ୍ରସିଦ୍ଧ ମନ୍ଦିର ଇତ୍ୟାଦି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଣୀପୁର-ଝରିଆଲରେ ଥିବା ଇନ୍ଦ୍ରଲାଠ ମନ୍ଦିର ବୋଧହୁଏ ଦେଶର ଏକମାତ୍ର ଇଟାରେ ନିର୍ମିତ ମନ୍ଦିର ଯାହା ପୂର୍ଣାଙ୍ଗ ଭାବେ ଆଜି ଗର୍ବର ସହିତ ଛିଡା ହୋଇଛି । ଗୋଟିଏ ସ୍ଥାନରେ ଶୈବ, ଶାକ୍ୟ, ବୈଷ୍ଣବ ଏବଂ ଶକ୍ତି ଉପାସନାର ଏକ ବିରଳ ଓ ଅଦ୍ଭୁତ ସମ୍ମିଶ୍ରଣ ଦେଖିବାକୁ ମିଳେ ଏଠି । କିନ୍ତୁ, ଏହାର ପର୍ଯ୍ୟଟନ ସ୍ଥଳୀ ଭାବେ ଯେତେ ସୁଯୋଗ ଅଛି, ତାହାକୁ ସଂପୂର୍ଣ୍ଣ ଭାବେ ଉପଯୋଗ କରିବାରେ ପୂର୍ବବର୍ତ୍ତୀ ସରକାରମାନେ ବିଫଳ ହୋଇଛନ୍ତି ।

ବଲାଙ୍ଗୀର ଜିଲ୍ଲାର ଶ୍ରୀ ହରିଶଙ୍କର ଓ ରାଣିପୁର-ଝରିଆଲକୁ ପ୍ରାଥମିକତା ଦେଇ ଉନ୍ନତି କରଣ କରାଯିବ ବୋଲି ସେ କହିଥିଲେ । ବଲାଙ୍ଗୀର ଜିଲ୍ଲାର ବଳିଷ୍ଠ ଏବଂ ସୁନ୍ଦର ସଂସ୍କୃତି ଓ ପରମ୍ପରାକୁ ନିକଟରୁ ଦେଖିବାକୁ ମୋତେ ସୁଯୋଗ ମିଳିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଆଜି ଏହି ମହାନ ମାଟି କୁ ଆସି ମୁଁ ନିଜକୁ ଧନ୍ୟ ମଣୁଛି ଏବଂ ଏହାର ସେବା ରେ ନିଜକୁ ସାମିଲ କରାଇପାରିଥିବାରୁ ଖୁସି ଅନୁଭୂତ କରୁଛି । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯୋଗଦେଇ ଜିଲ୍ଲାର କଳା ଓ ସଂସ୍କୃତି ଉପରେ ଆଲୋକପାତ କରିବା ସହିତ ନୂଆ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର

**'ବଲାଙ୍ଗିର ଦିନ୍' କାର୍ଯ୍ୟକ୍ରମ**

ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂହଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହ ଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ ମହୋଦୟ ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ଦେବକି ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଗଣ ଯୋଗଦେଇଥିଲେ ।

## ନାଲକୋରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪







ଭୁବନେଶ୍ୱର, (ସବ୍ୟୁ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ)ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଆଧାରରେ କମ୍ପାନୀର ସମସ୍ତ ୟୁନିଟ ତଥା ଆଞ୍ଚଳିକ କାର୍ଯ୍ୟାଳୟଏବଂ ପୋର୍ଟ ଫାସିଲିଟି ଠାରେ ବିଭିନ୍ନ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜୀବନରେ ଅଖଣ୍ଡତା, ସାଧୁତା ଏବଂ ଉତ୍ତରଦାୟିତ୍ୱର ବାର୍ତ୍ତା ପ୍ରଚାର ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ଅଖଣ୍ଡତା ଶପଥ ପାଠ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗୀତା, କର୍ମଚାରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନ୍ୟତମ ଅଟେ । ଦୈତନଗରୀ କଟକ-ଭୁବନେଶ୍ୱରର ୩୫ ରୁ ଉର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରୁ ୨୫୦ ରୁ ଅଧିକ ପ୍ରତିଯୋଗୀ ଏହି ତର୍କ ତଥା ବକ୍ତୃତା କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ନାଲକୋ କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିଯୋଗିତାମାନଙ୍କରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପିଆଣ୍ଡଟି) ଏବଂ ନିର୍ଦ୍ଦେଶକ (ଏଚଆର) ଅତିରିକ୍ତ ଦାୟିତ୍ୱ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ) ଏବଂ ହରଶିମରନସିଂ, ଆଇଆରଏସଇ, ସିଭିଓ, ନାଲକୋ ସମ୍ମାନିତ ଅତିଥିଭାବରେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା

ନିମାପଡା,(ସବ୍ୟୁ) : ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଶନିବାରଦିନ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ବିନୋଦିନୀ ଦାଶ ସମସ୍ତଙ୍କୁ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଇଥିଲେ ।ଦୁର୍ନୀତି ହିଁ ଦେଶ ବିକାଶର ପ୍ରତିବନ୍ଧକ ତେଣୁ ସମସ୍ତେ ଏକତ୍ରିତ ହୋଇ ଏହାକୁ ହଟାଇବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଦୁର୍ନିତୀ ନିବାରଣ ସଂପର୍କିତ ତର୍କ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରୀମାନେ ଏକ ସାଇକେଲ ଶୋଭାଯାତ୍ରା ଏବଂ ଗ୍ରାମସଭା କରି ଲୋକମାନଙ୍କୁ ଏସଂପର୍କରେ ସଚେତନ କରାଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ,କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ ।

## ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କୁ ୩୨ତମ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ସନ୍ତରଣ ଜଗତର ଅନନ୍ୟ ପ୍ରତିଭା ଓଡିଶାର ପ୍ରତ୍ୟାଶା ରାୟଙ୍କୁ ୨୦୨୪ ବର୍ଷର ମର୍ଯ୍ୟାଦାଜନକ ଏକଲବ୍ୟ ପୁରସ୍କାର, ଏପ୍ରିଲ୍ ୧ ତାରିଖ ୨୦୨୨ ରୁ ମାର୍ଚ୍ଚ ୩୧ ତାରିଖ ୨୦୨୪ ମଧ୍ୟରେ ଉଭୟ ଜାତୀୟ ଓ ଆର୍ନ୍ତଜାତୀୟସ୍ତରରେ ତାଙ୍କର ଅନନ୍ୟ କୃତିତ୍ୱ ପାଇଁ ମେ ଫେୟାର୍ - କନ୍‌ଭେନ୍‌ସନ୍, ଭୁବନେଶ୍ୱର ଠାରେ ସମ୍ମାନପତ୍ର, ଫଳକ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଉଦୀୟମାନ ଧାବକ ଦଣ୍ଡପତି ମୃତ୍ୟୁମ୍ ଜୟରାମ ଓ ବ୍ୟାଡମିଣ୍ଟନ୍ ଖେଳାଳୀ ତାନ୍‌ଭୀ ପତ୍ରୀ ଉଭୟଙ୍କୁ ମାନପତ୍ର ସହ ୧.୫ ଲକ୍ଷ ଟଙ୍କା ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଅଛି। ଏହି ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ କୃଷି ଓ କୃଷକ ସଶକ୍ତି କରଣ,ଶକ୍ତି ବିଭାଗ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଓ ସୂର୍ଯ୍ୟବଂଶୀ ସୁରଜ ମନ୍ତ୍ରୀ ଶିକ୍ଷା, କ୍ରୀଡା ଓ ଯୁବଶକ୍ତି ଏବଂ ଓଡିଆ ଭାଷା ସାହିତ୍ୟ ଓ ସସ୍କୃତି ସମ୍ମାନୀୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। 'ଇମ୍ପାକ୍ଟ'ର ଟ୍ରଷ୍ଟି




ତଥା ଚେୟାରମ୍ୟାନ୍, ଏକଲବ୍ୟ ପୁରସ୍କାର କମିଟୀ ୨୦୨୪ ବୈଜୟନ୍ତ ପଣ୍ଡା, ବିଚାରକ ମଣ୍ଡଳୀର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ସହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମ୍ୟାନେଜମେଣ୍ଟ କନ୍‌ସଲ୍‌ଟାଣ୍ଟ ସୟଦ୍ ମକବୁଲ୍ ଅଲ୍ଲୀ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଇମ୍ପାକ୍ଟର ଟ୍ରଷ୍ଟି ଶ୍ରୀମତି ପାରମିତା ପଣ୍ଡାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ହେଡ୍ କର୍ପୋରେଟ୍ ଆଫାୟାରସ୍ ଓ ୩୨ତମ ଏକଲବ୍ୟ ପୁରସ୍କାର ଆବାହକ ଶଶାଙ୍କ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ବର୍ଷିୟାନ କମ୍ୟୁନିଷ୍ଟ ନେତାଙ୍କର ପରଲୋକ

ଟାଙ୍ଗୀ,(ସବ୍ୟୁ) : ଟାଙ୍ଗୀ ବ୍ଲକ ଅଧିନସ୍ଥ କୁହୁଡିର ବର୍ଷିୟାନ କମ୍ୟୁନିଷ୍ଟ ନେତା ରାଜକିଶୋର ପାତ୍ର(୯୭)ଙ୍କର ରବିବାର ଦିନ ସକାଳେ ତାଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି । ଯୁବକ ଅବସ୍ଥାରୁ ବାମପକ୍ଷୀ ଆଦର୍ଶରେ ଅନୁପ୍ରାଣିତ ହୋଇ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇଥିଲେ । ଦେଶ ସ୍ୱାଧିନତା ପରେ ଲଙ୍ଗଳ ଯାର ଜମି ତାର ଭାଗଚାଷୀ ଆନ୍ଦୋଳନରେ ଯୋଗଦେଇ କୁହୁଡି ଛଅ ଗଡ ଅଞ୍ଚଳର ବହୁ ଚାଷୀଙ୍କୁ ଜମିଦାରଙ୍କ ଜମି ହସ୍ତାନ୍ତର କରିବାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଆନ୍ଦୋଳନରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ ଛ ଏହି ଅଞ୍ଚଳର ପ୍ରଥମ କମ୍ୟୁନିଷ୍ଟ ନେତା ହିସାବରେ ଉଚ୍ଚମାନର କଦଳୀଚାଷ କରି ବହୁ ସୁନାମ ଅର୍ଜନ କରିଥିଲେ । ଅଭିଭକ୍ତ ପୁରୀ ଜିଲାର ଜଣେ କମ୍ୟୁନିଷ୍ଟ ନେତା ହିସାବରେ ସେ ବିଭିନ୍ନ ଅଞ୍ଚଳରେ ଶହାଶ୍ରାଧିକ ଗଣସଭାରେ ସରକାରଙ୍କ ଚାଷୀ ଓ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରି ଭାଷଣ ରଖି ସମସ୍ତଙ୍କ ପ୍ରିୟପାତ୍ର ହୋଇଥିଲେ । ତାଙ୍କର ମରଶରୀରକୁ କୁହୁଡି ଗ୍ରାମ ପରିକ୍ରମା କରାଯାଇ ଲକ୍ଷ୍ମୀଧରପୁର ଶ୍ମଶାନରେ ସତ୍କାର କରାଯାଇଥିଲା । ପୁଅ ସର୍ବେଶ୍ୱର ତାଙ୍କୁ ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ଖୋର୍ଦ୍ଧା ଜିଲାପରିଷଦର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ରମହାପାତ୍ର,ଟାଙ୍ଗୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ବେହେରା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା ସମେତ ବହୁ ସଂଖ୍ୟକ ସାଧାରଣ ଜନତା ଉପସ୍ଥିତ ରହି ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।କୁହୁଡି ତଥା ଟାଙ୍ଗୀ ବ୍ଲକରେ ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି ।

## ଦିଲ୍ଲୀରେ ଓଡ଼ିଶାର ଟେକ ରଖିଲେ ଶିଳ୍ପୀ ଜ୍ୟୋତିରଂଜନ

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ହେଲେ ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନୂଆଦିଲ୍ଲୀଠାରେ ଆୟୋଜିତ ସର୍ବ ଭାରତୀୟ ଚିତ୍ରକଳା ପ୍ରତିଯୋଗୀତାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ର ଜ୍ୟୋତିରଂଜନ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଓଡିଶାର ନାଁ ଉଜ୍ଜ୍ୱଳ କରିଛନ୍ତି । ଜ୍ୟୋତିରଂଜନଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଧଉଳି ଶାନ୍ତିସ୍ତୁପ ପ୍ରତିଷ୍ଠାର ୫୨ ତମ ପ୍ରତିଷ୍ଠା ଦିବସ ଅବସରରେ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ,ଏକାମ୍ର ବିଧାୟକ ବାବୁ ସିଂ,ବି ଜେ ପି ର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ । ୨୨ ଅକ୍ଟୋବର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରିଜର୍ଭ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ବନ୍ଦନା ଖରେ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଜ୍ୟୋତିରଂଜନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ଭାରତର ବିକାଶରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅବଦାନ ବିଷୟରେ ସୁନ୍ଦର ଚିତ୍ର ଅଙ୍କନ କରି ଚୟନ କମିଟି ଓ ଦର୍ଶକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇପାରିଥିଲେ । ପୁରସ୍କୃତ ଚିତ୍ରଟିକୁ ଜ୍ୟୋତିରଂଜନ ଓଡ଼ିଶାର ପାରମ୍ପରିକ



ଶୈଳୀରେ ଅଙ୍କନ କରିଥିଲେ । ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟରୁ ୭୧ ଜଣ ଶିଳ୍ପୀଙ୍କ ଚିତ୍ରକଳା ସ୍ଥାନ ପାଇଥିଲା । ପ୍ରତିଯୋଗିତାରେ ମୁମ୍ବାଇର ଜେ ଜେ ସ୍କୁଲ ଅଫ ଆର୍ଟର ଛାତ୍ରୀ ଶୋଲଙ୍କି ସ୍ମୃତି ଚନ୍ଦ୍ରକାନ୍ତ ୨ୟ ଓ ବି. ଭା. ବିଶ୍ୱବିଦ୍ୟାଳୟର ଛାତ୍ର ନିଖିଲ ମଙ୍ଗିଲା ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଶିଳ୍ପୀଙ୍କ ଏହି ସଫଳତା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଧଉଳି ଚାରୁକଳା ମହାବିଦ୍ୟାଳୟକୁ ଉତ୍ସବ ଅବସରରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଛନ୍ତି । ଜ୍ୟୋତିରଂଜନଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ ଡ. ପଞ୍ଚାନନ ସାମଲ, ସମ୍ପାଦକ,ରବିଶଙ୍କର ଦାସ,ସଭାପତି ପ୍ର. ଡ. ହୃଷୀକେଶ ମିଶ୍ର ଓ ଛାତ୍ରଛାତ୍ରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଆଜବେଷ୍ଟସ ଭାଙ୍ଗି ଦୋକାନରୁ ଚୋରି

ବାରଙ୍ଗ ,(ସବ୍ୟୁ) :ମଧୁପୁର ଗାଁ ମୁଣ୍ଡ ବୁଷ୍ଟାର ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୁଇଟି ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ଦୋକାନର ଆଜବେଷ୍ଟସ ଓ ସିଲିଂ ଭାଙ୍ଗି ଦୋକାନ ମଧ୍ୟକୁ ପଶି ରଙ୍ଗଦୋକାନ ଓ ଏକ ଇଲେକ୍ଟ୍ରିକଦୋକାନରୁ ଚୋରି କରିଛନ୍ତି। ଚୋରମାନେ ମିଶ୍ର ଇଣ୍ଟରପ୍ରାଇଜେସର ନାମକ ରଙ୍ଗ ଦୋକାନରୁ ୨୦ବାଲ୍ଟି ରଙ୍ଗ, ୭ପ୍ରକାର ସାମଗ୍ରୀ ସହ ନଗଦ ହଜାରେ ଟଙ୍କା ଚୋରି ହୋଇଛି।ସୁଭଦ୍ରା ଇଲେକ୍ଟ୍ରିକାଲ ଦୋକାନରୁ ୨୨ଫ୍ୟାନ, ୨ଗିଜର, ୨୦ଟିତାର କଏଲ୍ ସହ ୧୫ପ୍ରକାରର ସାମଗ୍ରୀ ସହ ନଗଦ ୭ହଜାର୫୦୦ ଟଙ୍କା ଚୋରି କରିନେଇଥିବା ମିଶ୍ର ଇଣ୍ଟରପ୍ରାଇଜେସର ମାଲିକ ସୁଭଦ୍ରା ପୁର ଗ୍ରାମର ଅଭୟ ମିଶ୍ର ଓ ମ୍ୟାଜିକ ଲାଇଟିଂ ଦୋକାନର ମାଲିକ ମଧୁପୁର ଗ୍ରାମର ଗଜେନ୍ଦ୍ର ସାହୁ ବାରଙ୍ଗ ଥାନାରେ ରବିବାର ଦିନ କରିଥିବା ଅଭିଯୋଗରେ ଦର୍ଶାଇ ଛନ୍ତିଛପୋଲିସ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଛି।ସବୁଦିନ ଭଳି ଶନିବାର ରାତିରେ ଉଭୟ ଦୋକାନ ମାଲିକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦୋକାନ ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ।

## ବାଇକ ଧକ୍କାରେ ଅଜଣା ବ୍ୟକ୍ତି ଗୁରୁତର

ବେତନଟୀ ( ସବ୍ୟୁ ) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା-ରୁପ୍ସା ରାସ୍ତାର ବାଛୁରୀପଡ଼ା ଠାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଭାବେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଖବର ରୁ ପ୍ରକାଶ ଗୁରୁତର ବ୍ୟକ୍ତି ଜଣଙ୍କ ରୁପସାରୁ ବୈଶିଙ୍ଗା ଆସୁଥିବା ବେଳେ ବୈଶିଙ୍ଗା ରୁ ରୁପ୍ସା ଯାଉଥିବା ବାଇକଟି ତାଙ୍କୁ ଧକ୍କା ଦେଇ ଥିଲା । ଦୁର୍ଘଟଣା ପରେ ବାଇକ ଆରୋହୀ ରୁପସା କେନ୍ଦୁଡିଙ୍ଗାରୀ ଗ୍ରାମର ଗଜେନ୍ଦ୍ର ସିଂ ର ପୁଅ ବ୍ରଜ ସିଂ ବାଇକ ସହ ଫେରାର ହୋଇ ଯାଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଜଣଙ୍କୁ ବୈଶିଙ୍ଗା ଡାକ୍ତରଖାନା ରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି । ଆହତ ବ୍ୟକ୍ତିର ଚେତା ଆସିବା ପରେ ସେ ନିଜର ପରିଚୟ ଦେଇ ପାରୁ ନାହିଁ । ଫଳରେ ଅଧିକ ଚିକିତ୍ସା ପାଇଁ ବଡ ଡାକ୍ତରଖାନା ନିଆଯାଇ ପାରି ନାହିଁଛ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନ, ଏଏସଆଇ ଭାବଗ୍ରାହୀ ମହାନ୍ତ ସଦଳବଳେ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି । ଅଧିକ ତଦନ୍ତ ଜାରି ରଖିବା ସହିତ ପରିଚୟ ପାଇଲେ ବୈଶିଙ୍ଗା ପୋଲିସ କୁ ଜଣାଇବା ପାଇଁ ଅନୁରୋଧ କରିଛନ୍ତି ।

## ପ୍ରାଧ୍ୟାପକ ଡଃ ଅରୁଣ କୁମାର ରାୟଙ୍କ ପରଲୋକ

କଟକ, (ସ୍ୱପ୍ର) : ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଅରୁଣ କୁମାର ରାୟଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରୀରେ କଟକ ତୁଳସୀପୁର ସ୍ଥିତ ଶ୍ରୀବିହାର କଲୋନୀ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପିଡିତ ଥାଇ ବିଦେଶ ଯାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ଅଧାପିକା କବିତା ରାୟଙ୍କ ସମେତ ସମସ୍ତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପ୍ରଘଟ ହେବାପରେ ତାଙ୍କ ବାସଭବନ ଲୋକାରଣ୍ୟ ହୋଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତଃ ରାୟଙ୍କ ଶେଷଦର୍ଶନ କରିବା ସହ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତଃ ରାୟ ଦୀର୍ଘଦିନ ଧରି ଖ୍ରୀଷ୍ଟ କଲେଜ ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଭାବେ



କାର୍ଯ୍ୟକରିବା ସହ ଭାଇସ୍ ପ୍ରିନ୍ସପାଲ ଦାୟିତ୍ୱ ଅତି ନିଷ୍ଠାର ସହ ତୁଲାଇ ବହୁ ସୁନାମ ଅର୍ଜନ କରିଥିଲେ। ସେ ଦୀର୍ଘ ୩୭ବର୍ଷ ଧରି ଖ୍ରୀଷ୍ଟ କଲେଜରେ ଅଧାପନା କରି ଅବସର ଗ୍ରହଣ କରିଥିଲେ । ରସାୟନ ବିଜ୍ଞାନରେ ଅଧାପନା କରିବା ସମୟରେ ସେ ଛାତ୍ରଛାତୀଙ୍କୁ ବହୁ ଗବେଷଣାମୂଳକ ଉପାଦେୟ ତଥ୍ୟ ଭିତିକ ଶିକ୍ଷାଦାନ କରି ବହୁ ସୁନାମର ଅଧିକାରୀ ହୋଇଥିଲେ । ଫଳରେ ତାଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ସ୍ଥାନୀୟ ସତିଚଉରା ସ୍ଥିତ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ବଡ ଝିଅ ମୌସୁମୀ ରାୟ ମୁଖାଗ୍ନୀ ଦେଇଥିଲେ । ଶେଷକୃତ୍ୟ ସମ୍ପନ୍ନବେଳେ ତାଙ୍କ ବନ୍ଧୁ ପରିଜନଙ୍କ ସମେତ ଝିଅ- ଚୈତାଲୀ, ମିତାଲୀ, ସୋନାଲୀ ଉପସ୍ଥିତ ଥିଲେ ।

## ଶିକ୍ଷା, ଗବେଷଣା ଓ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ ଗଭର୍ଣ୍ଣର ବୈଠକ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗଭର୍ଣ୍ଣର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏଥିରେ ପୌରହିତ୍ୟ କରିବା ସହ ସଂପର୍କରେ ବିବିଧ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପ୍ରାରମ୍ଭରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ପ୍ରଥମ ବୈଠକର ବିବରଣୀ ଉପସ୍ଥାପନ ସହ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଓ କାର୍ଯ୍ୟଧାରା ବିଷୟରେ ବିଧାୟକ ଛବି ମଲ୍ଲିକ, ସହ ଅଧକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ପ୍ରଫେସର ଡା. ବିରଞ୍ଚି




ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସହିତ ଶିକ୍ଷା, ଗବେଷଣା ଓ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଏବଂ ବିଶେଷ କରି ଗ୍ରାମାଞ୍ଚଳରେ ଗଢି ଉଠିଥିବା ଏହି ବିଶ୍ୱବିଦ୍ୟାଳୟର ସ୍ୱାତନ୍ତ୍ର୍ୟ ପ୍ରତିପାଦନ ସହ ଏହାର ବିକାଶ ଓ ଗୌରବ ବୃଦ୍ଧି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଜାତୀୟ ଶିକ୍ଷାନୀତିକୁ ଗୁରୁତ୍ୱ, ପରୀକ୍ଷା ପରିଚାଳନା ଓ ନିର୍ଦ୍ଧାରିତ ସମୟଭିତ୍ତିରେ ଫଳାଫଳ ପ୍ରକାଶ, ଆଲୁମ୍‌ନିଙ୍କ ସଂପୃକ୍ତି ଓ ସହଯୋଗ, ଅଭିଜ୍ଞ ଶିକ୍ଷକ ଓ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା, ପ୍ଲେସ୍‌ମେଣ୍ଟ ଇତ୍ୟାଦି ପ୍ରସଙ୍ଗ ଉପରେ ସଦସ୍ୟମାନେ ଗଠନମୂଳକ ଅଭିମତ ଦେଇଥିଲେ । ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ସୁଶାନ୍ତ କୁମାର ଦାସ, ଇଂ ଅଶୋକ କୁମାର ବାସା,ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରମୁଖ ବୋର୍ଡର ସଦସ୍ୟ ଯୋଗଦେଇଥିଲେ । ଡେପୁଟୀ ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ୟାମାକାଳୀ ପୂଜା

ବାଲିପାଟଣା,(ସବ୍ୟୁ) :ଆଲୋକର ପର୍ବ ଦୀପାବଳି ଏବଂ ମା ଶ୍ୟାମାକାଳୀଙ୍କର ପୂଜା ବାଲିପାଟଣା ଅଞ୍ଚଳରେ ମହା ସମାରୋହରେ ପାଳିତ ହୋଇଯାଇଛି।। ପିତୃପୁରୁଷଙ୍କୁ ସ୍ମରଣ କରିବା ପାଇଁ ମାସେ ବ୍ୟାପି ପିତୃପକ୍ଷ ପାଳିତ ହେଉଥିବାବେଳେ ଦୀପାବଳି ହେଉଛି ଶେଷ ତିଥି। ବାଲିପାଟଣା ସୀମାନ୍ତ ପ୍ରାଚୀ ନଦୀରେ ଶୁକ୍ରବାର ଦିର୍ନ ଶହ ଶହ ଶ୍ରଦ୍ଧାଳୁମାନେ ସ୍ନାନ କରି ଅନ୍ତର୍ବେଦୀ ପୀଠ ଠାରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଥିଲେ। ସେହିପରି ବାଲିପାଟଣା ବଜାର ଠାରେ ମା କାଳୀଙ୍କର ପୂଜା ଯଥା ବିଧି ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ବଜାର କାଳୀପୂଜା କମିଟି ପକ୍ଷରୁ ବିଭିନ୍ନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରବଚକ୍ ସୁକାନ୍ତ ଦାସ ମହାରାଜ ଓ ଭଜନ,ମେଲୋଡି ଅତ୍ୟନ୍ତ ମାନମୁଗ୍ଧକର ହୋଇଥଲା। ଆଖ ପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## କନଜରଭେନ୍ସିରେ ପରିବା ହାଟ, ଜବରଦଖଲକାରୀ ଉତ୍ସାହିତ

ଭୁବନେଶ୍ୱର, (ସବ୍ୟୁ): କନଜରଭେନ୍ସିରେ ପରିବା ହାଟ ହେବା ନେଇ ବିଏମସି ସୂଚନା ଦେବାପରେ ଏବେ ଜବରଦଖଲକାରୀମାନେ ସଜବାଜ ହେଲେଣି । ପରିବା ଦୋକାନ ନାଁରେ କନଜରଭେନ୍ସି ଦଖଲ କରି ସେଠାରେ କିଭଳି ଘରଟିଏ କରିବେ ସେଥିପାଇଁ ପ୍ରସ୍ତୁତି ଚଳାଇଲେଣି । ସରକାରୀ କ୍ୱାଟର୍ସ ସମେତ ଘରୋଇ ପ୍ଲଟ ମଝିରେ ଥିବା ସ୍ଥାନ ହେଉଛି କନଜରଭେନ୍ସି । ଏହି ସ୍ଥାନଟିକୁ ଦୁଇପଟ ଘର ପାଇଁ ସ୍ୱରେଜ ପାଇପ ଲାଇନ ବିଛାଇବା ପାଇଁ ରଖାଯାଇଥିଲା । ପୂର୍ବରୁ ଏହି ସ୍ଥାନରେ ପାନୀୟଜଳ ପାଇପ ବିଛା ଯାଇଥିବାବେଳେ ଏବେ ତାହା ଘର ଆଗପଟକୁ ଆସିଛି । ତେବେ ସ୍ୱରେଜ ଲାଇନ ବିଛାଯାଇଥିବା ଏହି ସ୍ଥାନଟି ପୂର୍ବରୁ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ମଶାବଣ ପାଲଟିଥିବାବେଳେ ନିକଟରେ ବିଏମସି ପକ୍ଷରୁ ତାହାକୁ ସଫା କରାଯାଇ ଟାଇଲ ବିଛାଯାଇଛି । ଟାଇଲ ବିଛାଯିବା ପୂର୍ବରୁ ଏବଂ ପରେ କେତେକ ସ୍ଥାନରେ ମାଫିଆମାନେ କନଜରଭେନ୍ସିକୁ ଜବରଦଖଲ କରି ସେଠାରେ ଘର ତିଆରି କରିଛନ୍ତି । ଏହି ଘରକୁ ଭଡା ଲଗାଇ ବେଶ ମୋଟା ଅଙ୍କର ପଇସା ଆଦାୟ କରୁଛନ୍ତି । ଏହି ବେଆଇନ ଘରକୁ ବିଜୁଳି ପାଣି ସଂଯୋଗ ବି ମିଳିଯାଇଛି । ତେଣୁ ଏହା ସହଜରେ ଭଡା ଲାଗିଯାଉଥିବାବେଳେ ବିଏମସି, ବିଡିଏ ଓ ସାଧାରଣ ପ୍ରଶାସନ କର୍ତ୍ତୃପକ୍ଷ ଏହାକୁ ଉଚ୍ଛେଦ କରିପାରୁ ନାହାନ୍ତି । ଟାଇଲ ବିଛା ପରେ ମାଫିଆମାନେ କନଜରଭେନ୍ସି ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି । କେତେକ ସ୍ଥାନରେ ବର୍ଗଫୁଟ ପିଛା ଏହାକୁ ବିକ୍ରି କରି ଦେଉଛନ୍ତି । ତେବେ ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ଭୟରେ ଏହାକୁ ଜବରଦଖଲ କରିବାକୁ ପଛଉଥିବାବେଳେ ଏବେ ବିଏମସିର ସଙ୍କେତ ପାଇଁ ସେଠାରେ ପରିବା ହାଟ କରିବାକୁ ସଜବାଜ ହେଲେଣି । ଥରେ ପରିବା ଦୋକାନଟିଏ କରିଦେଲେ ଏମାନଙ୍କୁ ସେଠାରୁ ହଟାଇବା ଖୋଦ ବିଏମସି ପକ୍ଷରେ ଆଉ ସହଜ ହେବନାହିଁ ।

ସରକାରୀ କ୍ୱାଟର୍ସ ଓ ଘର ଆଖପାଖରେ ଖାଲିଥିବା ସ୍ଥାନରେ ଭେଣ୍ଡିଂ ଜୋନ କରି ସେଠାରେ ଦୋକାନ ଖୋଲିବା ବଦଳରେ ପାଇଖାନା ଟାଙ୍କି ନିକଟରେ ଓ ଲୋକଙ୍କ ବାଡିପଟେ ପରିବା ହାଟ ଖୋଲିବାକୁ ବିଏମସିର ନିଷ୍ପତ୍ତି ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । କାରଣ ପରିବା ସମେତ ଅନ୍ୟାନ୍ୟ ବ୍ୟବସାୟୀ ସେଠାରେ ବସିଲେ ଓ ଶହ ଶହ ଲୋକ ସେଠାରେ ଜମାହେଲେ ସେମାନଙ୍କ କୋଳାହଳରେ ପିଲାଏ ପାଠ ଟିକେ ପଢିପାରିବେ ନାହିଁ ବୋଲି ଅନେକ ବ୍ୟକ୍ତି ମତ ଦେଉଛନ୍ତି । ତେବେ ରାଜଧାନୀରେ ରାସ୍ତାକଡ, ଖାଲି ଥିବା ସ୍ଥାନ, ଗଳି କନ୍ଦି ଆଦିକୁ ଜବରଦଖଲ କରିଥିବା ମାଫିଆମାନେ ଏବେ ବିଏମସିର ପରିବା ହାଟ ନିଷ୍ପତ୍ତିରେ ଉତ୍ସାହିତ ଅଛନ୍ତି । ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ସେମାନଙ୍କ ରୋଜଗାର ବଢିଯିବ ବୋଲି ଏବେ ଠାରୁ ଆକଳନ କରୁଛନ୍ତି । ତେଣୁ ଲୋକଙ୍କ ଘର ପଛପଟେ ପାଇଖାନା ଟାଙ୍କି କଡରେ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବା ପୂର୍ବରୁ ବିଏମସି ଏ ସଂକ୍ରାନ୍ତରେ ଭଲଭାବେ ଚିନ୍ତା କରିବା ଆବଶ୍ୟକ ବୋଲି କନଜରଭେନ୍ସି କଡରେ ବସବାସ କରୁଥିବା ଅନେକ ବ୍ୟକ୍ତି ମତ ଦେଉଛନ୍ତି ।

### ଉତ୍କଳ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ବର୍ଷବ୍ୟାପୀ ପାଳନ କରାଯିବ

# ୨୧ରୁ ତିନିଦିନ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଜୟନ୍ତୀ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଜନନାୟକ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ଏକ ବର୍ଷ ପର୍ଯ୍ୟନ୍ତ ପାଳନ କରାଯିବ । ଡକ୍ଟର ମହତାବଙ୍କ ଜୟନ୍ତୀ ଅବସରରେ ନଭେମ୍ବର ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱରରେ ସମାରୋହ ଅନୁଷ୍ଠିତ ହେବା ସହିତ ଆସନ୍ତା ଏକବର୍ଷ ପର୍ଯ୍ୟନ୍ତ ମହତାବଙ୍କ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଡଃ ମହତାବ ଜଣେ ଜାତୀୟତା ବାଦୀ ନେତା ଥିଲେ । ତେଣୁ, ତାଙ୍କର ଏକ ବର୍ଷ ବ୍ୟାପୀ ଜୟନ୍ତୀ ଉତ୍ସବକୁ ଓଡିଆ ଜାତୀୟତା ବାଦର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏହା ସହିତ ଡଃ ମହତାବଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରାଯାଇ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ଗୁଡିକରେ ପ୍ରଦର୍ଶିତ କରିବା ପାଇଁ ମଧ୍ୟ ପ୍ରସ୍ତାବ ରହିଛି । ରାଜ୍ୟ ଅତିଥି ଭବନରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ମହତାବଙ୍କ ଜୟନ୍ତୀ ପାଳନ ପାଇଁ ଗଠିତ ଶୀର୍ଷ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।



ବୈଠକର ଆଲୋଚନାରୁ ଜଣାଯାଇଛି ଯେ ଡଃ ମହତାବଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲ୍ଲାର ଅଗରପଡ଼ା ଠାରେ ଏକ ସ୍ମୃତି ସଂଗ୍ରହାଳୟ ପ୍ରତିଷ୍ଠା, ପ୍ରତିମୂର୍ତ୍ତି ସ୍ଥାପନ ଏବଂ ପର୍ଯ୍ୟଟନ ସ୍ଥଳୀ ଭାବେ ବିକାଶ କରାଯିବ । ଭୁବନେଶ୍ୱରରେ ନଭେମ୍ବର ୨୩, ୨୪ ଏବଂ ୨୫ ତାରିଖରେ ଉତ୍କଳ ମହତାବଙ୍କର କୃତି ସମ୍ପର୍କିତ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ ଡଃ ମହତାବ ଜଣେ ଜାତୀୟତା ବାଦୀ ନେତା ଥିଲେ । ତେଣୁ ଦଳମତ ନିର୍ବିଶେଷରେ ତାଙ୍କର ଜୟନ୍ତୀକୁ ଅତ୍ୟନ୍ତ ସୁନ୍ଦର ଓ ପ୍ରଭାବଶାଳୀ ଭାବରେ ଏକ ବର୍ଷ ବ୍ୟାପୀ ପାଳନ କରାଯିବ । ସେ କହିଲେ ଯେ ୨୦୩୬ରେ ସ୍ୱତନ୍ତ୍ର ଓଡିଶା ୧୦୦ ବର୍ଷ ପୂରଣ କରିବ । ତେଣୁ, ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ସର୍ବଶ୍ରେଷ୍ଠ ଅବଦାନ ରଖିଥିବା ବରପୁତ୍ର ମାନଙ୍କ ମଧ୍ୟରେ ଡଃ ମହତାବଙ୍କ ନାମ ମଧ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଶୀର୍ଷ କମିଟିର ଆଉ ଅନେକ ଉପ କମିଟିର ବୈଠକ ବସି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସମ୍ପର୍କରେ ନିଷ୍ପତ୍ତି ନେବେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ଡଃ ମହତାବ ଓଡିଆ ଲୋକମାନଙ୍କର ସାମୁହିକ ଅଭିବ୍ୟକ୍ତି ଥିଲେ। ଯେହେତୁ ୨୦୩୬ରେ ଓଡିଶା ୧୦୦ ବର୍ଷ ପୂରଣ କରିବାକୁ ଯାଉଛି, ତେଣୁ ଆଗାମୀ ଦଶ ବର୍ଷ ପାଇଁ 'ଓଡିଆ ଜାତୀୟତାବାଦ'ର ପ୍ରସାର କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଡଃ ମହତାବଙ୍କ ପରି ଜଣେ ଜାତୀୟତାବାଦୀ ନେତାଙ୍କ ଜୀବନୀକୁ ଆଧାର କରି ଓଡିଆ ଜାତୀୟତାବାଦର ତତ୍ତ୍ୱ ଉପରେ ଆଲୋଚନା। ପର୍ଯ୍ୟାଲୋଚନା ହେବାର ଆବଶ୍ୟକତା ରହିଛି । ଉତ୍କଳ ବିଶ୍ୱ ବିଦ୍ୟାଳୟରେ 'ମହତାବ ସେଣ୍ଟର' ପ୍ରତିଷ୍ଠା କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । କଟକ ସାଂସଦ ଭର୍ତ୍ତୃହରି ମହତାବ ମଧ୍ୟ କେତେକ ପ୍ରସ୍ତାବ ରଖିଥିଲେ । ହଦଗଡ ଓ ଭୁବନେଶ୍ୱରରେ ତାଙ୍କର ସ୍ମାରକୀ ପ୍ରତିଷ୍ଠା କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । ଡଃ ମହତାବଙ୍କ ରଚିତ ବିଭିନ୍ନ ନାଟକ ଗୁଡିକୁ ବର୍ଷ ସାରା ସାମିଲ କରିବାକୁ ସେ ପ୍ରସ୍ତାବ ଦେଇଥିଲେ ।

ଏହା ସହିତ ତାଙ୍କର କୃତି ଓ କୀର୍ତ୍ତି ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ ପ୍ରକାଶନ ଏବଂ ପ୍ରାମାଣିକ ଚିତ୍ର ନିର୍ମାଣ, ରାଜ୍ୟ ସଂଗ୍ରହାଳୟରେ ସ୍ୱତନ୍ତ୍ର ଗ୍ୟାଲେରୀ ପ୍ରତିଷ୍ଠା, ଜୟନ୍ତୀ ଉପଲକ୍ଷେ ଡକ୍ଟର ମହତାବଙ୍କ ରଚିତ ପୁସ୍ତକ, ଫଟୋ ଓ ତୈଳଚିତ୍ର ପ୍ରଦର୍ଶନ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଚେୟାର ପ୍ରତିଷ୍ଠା, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତା, ଶିଶୁଲେଖାର ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶନ, ଦିଲ୍ଲୀ , କଲିକତା ଓ ମୁମ୍ବାଇ ଠାରେ ଡକ୍ଟର ମହତାବଙ୍କ କୃତିକୁ ନେଇ ଆଲୋଚନା ଚକ୍ରର ଆୟୋଜନ, ଡକ୍ଟର ମହତାବଙ୍କ ସାହିତ୍ୟ କୃତିଗୁଡ଼ିକର ପୁନଃ ପ୍ରକାଶନ ନିମନ୍ତେ ପଦକ୍ଷେପ ଓ ଆହୁରି ଅନେକ ପଦକ୍ଷପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, କ୍ରୀଡା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂହ, ଜାତୀୟ କଂଗ୍ରେସ ଦଳର ପ୍ରତିନିଧୀ ଶିବାନନ୍ଦ ରାୟ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ କୀର୍ତ୍ତିରାଜି ପ୍ରାଧିକରଣ ଭାରତ ସରକାରଙ୍କ ପକ୍ଷରୁ ପ୍ରଫେସର କିଶୋର କୁମାର ବାସା, ହରେକୃଷ୍ଣ ମହତାବ ସଂସାଧନ କେନ୍ଦ୍ରର ସମ୍ପାଦକ ପ୍ରଫେସର ଉପେନ୍ଦ୍ର ପାଢୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜୟନ୍ତୀ ସମାରୋହ ପାଳନକୁ ସ୍ମରଣୀୟ କରିବା ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ । ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଶୀର୍ଷ କମିଟି ପକ୍ଷରୁ ନିଆଯାଇଥିବା ବିଭିନ୍ନ କମିଟି ସମ୍ପର୍କରେ ଉପସ୍ଥାପନା ରଖିଥିଲେ ।

## ଇନର ହ୍ୱିଲ କଟକ ସେଣ୍ଟ୍ରାଲର ସମାଜ ମଙ୍ଗଳ କାର୍ଯ୍ୟ

ଭୁବନେଶ୍ୱର (ସବ୍ୟୁ): ଇନର ହ୍ୱିଲ କ୍ଲବ କଟକ ସେଣ୍ଟ୍ରାଲର ଜିଲ୍ଲା ଅଧକ୍ଷା ଶ୍ରୀମତୀ ସନ୍ଧ୍ୟାରାଣୀ ମିଶ୍ର କ୍ଲବ ପରିଦର୍ଶନରେ ଆସିଥିଲେ ,ସେଥିପାଇଁ କଟକ କ୍ଲବ ଆନେକ୍ସ-୨ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା . ଉକ୍ତ ଦିନ ସଦସ୍ୟା ମାନେ ଜିଲ୍ଲା ଅଧକ୍ଷା ଶ୍ରୀମତୀ ସନ୍ଧ୍ୟାରାଣୀ ମିଶ୍ର ଓ ପୂର୍ତନ ଜିଲ୍ଲା ଆଧକ୍ଷା ଶ୍ରୀମତୀ ନଳିନୀ




ମହାପାତ୍ରଙ୍କ ସହିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲ କୁ ଯାଇ ସେଠାରେ ଶିଶୁବିଭାଗ ରେ ଉପସ୍ଥିତ ୧୦ ଜଣ କ୍ୟାନ୍ସର କବଳିତ ଶିଶୁଙ୍କୁ ପ୍ରୋଟିନ ପାଓ୍ୱଡର,ତଉଲିଆ,ଡ୍ରଇଂ ଖାତା ରଙ୍ଗ ପେନସିଲ,ଇତ୍ୟାଦି ଆବଶ୍ୟକୀୟ ଦ୍ରବ୍ୟ ସହିତ ପ୍ରତ୍ୟକଙ୍କୁ ୧୦୦୦ ଟଙ୍କା ର ସହାୟତା ରାଶି ବଣ୍ଟନ କରି ଥିଲେ .ଉକ୍ତ ସନ୍ଧ୍ୟାରେ ସଭା ସ୍ଥଳରେ ଜଣେ ବାଳିକାଙ୍କୁ ଉଚ୍ଚଶିକ୍ଷା ପାଇଁ ୧୦.୦୦୦ଟଙ୍କା ଏବଂ ଅନ୍ୟ ଜଣଙ୍କୁ ନର୍ସିଂ ତାଲିମରେ ପ୍ରବେଶ ପାଇଁ ୩୦.୦୦୦/ଟଙ୍କା ଅର୍ଥରାଶି ପ୍ରଦାନ କାରାକାଇଥିଲା .ତା ସାହିତ ଜଣେ ପୋଲିଓ ଗ୍ରସ୍ତ ବାଳକ ପାଇଁ ଏକ ହ୍‌ୱିଲ ଚେୟାର,ଜଣେ ମହିଳା ସ୍ୱାବଲମ୍ବୀ ହେବାପାଇଁ ନୂଆ ସିଲାଇ ମେସିନ, ଦୁଇଜଣ ଦୁର୍ଘଟଣାରେ ଆଘାତ ପାଇଥିବା ମହିଳାଙ୍କୁ ବ୍ୟବହାର ପାଇଁ ଏକ ଉଠା ପାଇଖାନା ଓ ଏକ ଚାଲିବା ସହାୟକ ଜଷ୍ଟି କ୍ଲବ ତରଫରୁ ଯୋଗାଇ ଦିଆ ଯାଇଥିଲା । ସଭାପତି ମମତା ବେବର୍ତ୍ତା କାର୍ଯ୍ୟ ପରିଚାଳନା କରିଥିଲେ .ଇନର ହ୍ୱିଲ କଟକ ସେଣ୍ଟ୍ରାଲର ଏତାଦୃଶ କାର୍ଯ୍ୟ ପାଇଁ ଜନ ସାଧାରଣ ପ୍ରସଂଶା କରିଥିଲେ ।

## ଏଚସିଜି ପଣ୍ଡା କ୍ୟାନ୍ସର ହସପିଟାଲ ପକ୍ଷରୁ ବ୍ରେଷ୍ଟ କ୍ୟାନ୍ସର ସଚେତନତା ପାଇଁ ସାଇକଲଥନ ରାଲି

କଟକ,(ସବ୍ୟୁ): ବ୍ରେଷ୍ଟ କ୍ୟାନସର କୁ ପ୍ରତିରୋଧ ସଂକ୍ରାନ୍ତୀୟ ଏକ ସଚେତନତା ସାଇକଲଥନ ଏଚସିଜି ପଣ୍ଡା କ୍ୟାନ୍ସର ହସପିଟାଲ ପକ୍ଷରୁ ଆୟୋଜିତ ହୋଇଯାଇଛି । ବ୍ୟାୟାମ ଦ୍ୱାରା କିଭଳି ବ୍ରେଷ୍ଟ କ୍ୟାନ୍ସର ଭଳି ରୋଗର ପ୍ରତିହିତ କରିହେବ ସେ ସଂକ୍ରାନ୍ତରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏକ ସାଇକେଲ ରାଲି ପଣ୍ଡା କ୍ୟାନସର ହସପିଟାଲ ପରିସରରୁ ବାହାରି ପ୍ରାୟ ୧୦ କିଲୋମିଟର ରାସ୍ତା ଅତିକ୍ରମ କରିଥିଲା । ଡାକ୍ତର ରଣଜିତ କର ଓ ଡାକ୍ତର ବିଜନ କୁମାର ସାହାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସାଇକେଇଥାନ ଫୁଲନଖରା ଦେଇ ପୁଣି ହସପିଟାଲ ପରିସରରେ




ପହଞ୍ଚିଥିଲା । ଏକ ବିଶେଷ ଫ୍ଲାସ ମବରେ ଏମଜେଙ୍କ (ମାଇକେଲ ଜାକସନ)ଜଣାଶୁଣା ସଙ୍ଗୀତକୁ ନେଇ ପ୍ରଦର୍ଶନ ହୋଇଥିଲା ବ୍ରେଷ୍ଟ କ୍ୟାନସର ସଚେତନତା । ଏହି ପ୍ରଦର୍ଶନରେ ପ୍ରଫେସର କୃପାସିନ୍ଧୁ ପଣ୍ଡା ଯୋଗଦେଇ କର୍କଟ ରୋଗକୁ ପ୍ରଥମରୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ଦ୍ୱାରା ପ୍ରତିବନ୍ଧକ ଲଗାଇବା ଉପରେ ଦିକ୍ଷାନ୍ତ ଉଦବୋଧନ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଅନେକ ସାଧାରଣ ଲୋକ ଅଂଶ ଗ୍ରହଣ କରିଥିଲେ । ଶେଷରେ ଶୁଭମ ପାଣି ଧନ୍ୟବାଦ ଦେଇଥିଲେ ।

## ବେପାରୁଆ ଗାଡ଼ି ଚାଳକ: ଲକ୍ଷ୍ମୀ ବସ ଧକ୍କାରେ ମହିଳା ମୃତ

ଆଠଗଡ ,(ସବ୍ୟୁ) : ବେପାରୁଆ ଲକ୍ଷ୍ମୀ ବସ ଗାଡ଼ି ଚାଳକ ପାଇଁ ଜଣେ ମହିଳାଙ୍କ ଜୀବନ ଯାଇଛି। ପ୍ରକାଶ ଯୋଗ୍ୟ ଆଠଗଡ ଥାନା ଅନ୍ତର୍ଗତ ଧାଇପୁର ଗ୍ରାମର ସୁକୁମାର ପ୍ରଧାନ , ତାଙ୍କର ପତ୍ନୀ କାଜଲ କିରଣ ଏବଂ ଦୁଇ ବର୍ଷର ପୁଅ ସହ ବାଇକରେ ରବିବାର ସନ୍ଧ୍ୟାରେ ଆଠଗଡ ବସଷ୍ଟାଣ୍ଡ ଆସିଥିଲେ। ଆଠଗଡ ବସଷ୍ଟାଣ୍ଡ ଠାରେ ବାବାମଣି ବସ ଠାରୁ ଆସିଥିବା ଏକ ପାର୍ସଲ ସୁକୁମାର ଗାଡ଼ି ଠାରୁ ଗ୍ରହଣ କରିବାକୁ ଯାଇଥିଲା ବେଳେ ତାଙ୍କର ପତ୍ନୀ ଓ ପୁତ୍ର ବାଇକ ନିକଟରେ ଠିଆ ହୋଇଥିଲେ। ସେହି ସମୟରେ ହଠାତ ବସଷ୍ଟାଣ୍ଡ ମଧ୍ୟରେ ଥିବା ଲକ୍ଷ୍ମୀ ବସ ପଛୁଆ ଆସି ମହିଳାଙ୍କୁ ଧକ୍କା ମାରି ଦେବାରୁ ସେ ତଳେ ପଡିଯାଇଥିଲେ ଏବଂ ଗାଡିର ଚକା ମହିଳାଙ୍କ ଉପରେ ଚଢି ଯାଇଥିଲା। ଉପସ୍ଥିତ ଥିବା ଜନତା ପାଟିତୁଣ୍ଡ କରି ଥିଲେ। ତୁରନ୍ତ ଆଠଗଡ ଆଇ ଆଇ ସି ଅନିରୁଦ୍ଧ ମୁଦୁଲି ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କର ମତ୍ୟୁ ଘୋଷଣା କରିଥିଲେ। ଏ ଘଟଣା ପରେ ଉପଖଣ୍ଡ ଚିକିତ୍ସାଳୟରେ ଧାଇପୁର ଗ୍ରାମବାସୀମାନେ ପହଞ୍ଚି ଥିଲେ। ସୋମବାର ଶବ ବ୍ୟବଛେଦ କରାଯିବ। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନଥିଲା ବେଳେ ଗାଡି ଚାଳକ ଫେରାର ହୋଇ ଯାଇଥିବା ଜଣାପଡିଛି।

## ବୟୋଜ୍ୟେଷ୍ଠ ଓ କୁନିଶିଶୁଙ୍କ ହୃଦୟରେ ହସ ଫୁଟାଇ ଦୀପାବଳି ପାଳିଲେ ଯଶୋଦା ମାଆ

ଭୁବନେଶ୍ୱର (ସବ୍ୟୁ): ଦୀପାବଳୀ ଅବସରରେ ଯଶୋଦା ମା ଫାଉଣ୍ଡେସନ ତରଫରୁ ଏକାମ୍ର ନିଳୟ ବୃଦ୍ଧାଶ୍ରମର ବାପା ମାଆ ଓ ବର୍ଣ୍ଣବୋଧ ପାଠଶାଳାର କୁନିକୁନି ପିଲାଙ୍କୁ ନେଇ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି । ବୃଦ୍ଧାଶ୍ରମରେ ବୟଜ୍ୟୋଷ୍ଠଙ୍କ ଗହଣରେ ଦୀପ ପ୍ରଜ୍ଜ୍ୱଳନ କରି ବାଣ ଫୁଟାଇବା ସହ ମିଷ୍ଟାନ୍ନ ବଣ୍ଟନ କରି ସେମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ଥିଲା ଯଶୋଦା ମାଆ ଫାଉଣ୍ଡେସନର ଲକ୍ଷ୍ୟ । ବର୍ଣ୍ଣବୋଧ ପାଠଶାଳାର କୁନିକୁନି ପିଲାମାନେ ବାଣ ଫୁଟାଇ ଦୀପ ଲଗାଇ ବିଶେଷ



ଆନନ୍ଦ ଉପଲବ୍ଧି କରିଥିଲେ । ଏତତ୍ ବ୍ୟତୀତ ସେମାନେ ନାଚ ଗୀତ ମାଧ୍ୟମରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ପିଲାମାନଙ୍କୁ ଦୀପାବଳୀ ପର୍ବର ମହତ୍ତ୍ୱ ବୁଝାଇବା ପାଇଁ ଏହି ଉତ୍ସବର ଉଦ୍ଦେଶ୍ୟ ଥିଲା ।

# ବିପିୟୁଟି-ଟେକ୍ କାର୍ଣ୍ଣିଭାଲ ଆଜି

ଭୁବନେଶ୍ୱର (ସବ୍ୟୁ): ଗତ ବର୍ଷପରି ଚଳିତ ବର୍ଷ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଚଳିତ ମାସରେ ବିପିୟୁଟି-ଟେକ୍ କାର୍ଣ୍ଣିଭାଲ୍-୨୦୨୪




ବିଭିନ୍ନ ଆନୁବଂଧିତ ମହାବିଦ୍ୟାଳୟରେ ଆୟୋଜିତ କରୁଛି । ଏହି କାର୍ଣ୍ଣିଭାଲରେ ତିନୋଟି ବିଭାଗର ୫୦ଟି ବର୍ଗରେ ପ୍ରତିଯୋଗିତା ଆୟୋଜିତ ହେବ, ଯେଉଁ ପ୍ରତିଯୋଗିତା ଗୁଡିକରେ ୧୫୦ରୁ ଉର୍ଦ୍ଧ ମହାବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ର-ଛାତ୍ରୀ ଭାଗ ନେବେ । ଏହି ଉତ୍ସବ ଆସନ୍ତା ନଭେମ୍ବର ୪ତାରିଖ ସୋମବାର ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହେବ । ଭୁବନେଶ୍ୱର ରେଲ ଅଡିଟୋରିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଘାଟନି ଉତ୍ସବରେ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ପ୍ରମୁଖ ସଚିବ ଏନ୍.ବି.ଏସ୍. ରାଜପୁତ, ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ଏବଂ ବିପିୟୁଟିର କୁଳସଚିବ ନିଶି ପୁନମ୍ ମିଂଜ, ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିବେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଗୁଡିକରୁ ୧୫୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ତଥା ପରିଚାଳନା କମିଟିର ସଦସ୍ୟ ମାନେ ଯୋଗଦାନ କରିବେ ।

## ହୋର୍ଡିଂ ମାଧ୍ୟମରେ ଜରାୟୁ କର୍କଟ ସମ୍ପର୍କରେ ସଚେତନତା କରାଉଛି ଇନର ହ୍ୱିଲ କ୍ଲବ୍

କଟକ,(ସବ୍ୟୁ): ଜନସାଧାରଣଙ୍କ ମଧ୍ୟରେ ଜରାୟୁ କର୍କଟ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟ ନେଇ କଟକଠାରେ ଥିବା ୭ଟି ଇନର ହୁଇଲ କ୍ଲବ ପକ୍ଷରୁ ଏକ ହୋଡିଂ ଲଗାଯାଇଛି ଛ କଟକ ସ୍ଥିତ ବାଦାମବାଡିର ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଜରାୟୁ କର୍କଟର କାରଣ ଓ ନିରାକରଣ ସମ୍ପର୍କୀତ ସମସ୍ତ ତଥ୍ୟ ଏହି ହୋଡିଂ ମାଧ୍ୟମରେ ଦିଆଯାଇଛି । ଜିଲ୍ଲା ୩୨୬ର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ମିଶ୍ର ୭ଟି କ୍ଲବର ପରିଦର୍ଶନ କାର୍ଯ୍ୟକ୍ରମ ଶେଷ କରିବା ପରେ ଏହାକୁ ଉଦ୍ଘାଟନ କରିଥିଲେ । ସମାଜକୁ ଏଭଳି ବାର୍ତ୍ତା ଦେଉଥିବା ଯୋଗୁଁ ଶ୍ରୀମତୀ ମିଶ୍ର କଟକର ସମସ୍ତ ଇନ୍ ହୁଇଲ କ୍ଲବର ସଦସ୍ୟାମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ଇନା ପୁରୋହିତଙ୍କ ସମସ୍ତେ ଇନ୍‌ର ହୁଇଲ କ୍ଲବ କଟକ ମିଡ୍ଟାଉନ, କଟକ ସେଣ୍ଟ୍ରାଲ, କଟକ ସିଲଭର ସିଟ୍, କଟକ କୁଇନ୍ସ, କଟକ ମିଡ୍ଟାଉନ ବ୍ଲସମ୍, କଟକ ରିଭରସାଇଡର ସଭାପତି ଓ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ବିଏମ୍‌ସି, ସିଏଫ୍‌ଏଆର୍ ପକ୍ଷରୁ ପ୍ରମୁଖ ପରିମଳ କର୍ମଚାରୀଙ୍କୁ ପିପିଇ କିଟ୍ ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ରବିବାର ପ୍ରମୁଖ ପରିମଳ କର୍ମଚାରୀଙ୍କୁ ପିପିଇ କିଟ୍ ପ୍ରଦାନ କରାଯାଇଛି । ପୋଖରୀପୁଟସ୍ଥିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେୟର ଶ୍ରୀମତୀ ସୁଲୋଚନା ଦାସ ପରିମଳ କର୍ମୀମାନଙ୍କୁ ପିପିଇ କିଟ୍ ବଂଟନ କରି ଥିବା ବେଳେ ଆଜି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସ୍ଥାନୀୟ ଆଇ ଆର୍ ସି ଭିଲେଜ ୟୁ ପି ଏଚ୍ ସି ରେ ପି ପି ଇ କିଟ୍ ବଣ୍ଟନ କରିଛନ୍ତି । ପୂର୍ବରୁ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏଫ୍‌ଏଆରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି । ଦୁଇଟି କ୍ୟାମ୍ପରେ ସମୁଦାୟ ୧୦୦ ଜଣଙ୍କୁ ହ୍ୟାଣ୍ଡ ଗ୍ଲୋବ୍ସ, ଜୋତା, ମାସ୍କ, ହେଲ୍ମେଟ୍, ପୋଷାକ ଆଦି ପ୍ରଦାନ କରାଯାଇଛି । ଏହି ଅବସରରେ ମାନନୀୟା ମେୟର ପ୍ରମୁଖ ପରିମଳ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ପାଇଁ ବିଏମ୍‌ସି ନେଇଥିବା ବିଭିନ୍ନ ପଦକ୍ଷେପ ବାବଦରେ ଆଲୋଚନା କରିଥିଲେ । ନିକଟରେ ପ୍ରମୁଖ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ହାଇଟେକ୍ ମେଡିକାଲ କଲେଜ୍ ସହିତ ଆଲୋଚନା ହୋଇ ରିହାତି ଦରରେ ଉକ୍ତ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଯୋଜନା କରାଯାଉଛି । ସମାଜ ପାଇଁ ସେମାନଙ୍କର ଆବଶ୍ୟକତା ଏବଂ ଅବଦାନ ସବୁବେଳେ ରହିଛି ଏବଂ ରହିବ । ଏତଦ୍ ବ୍ୟତିତ ସିଏଫ୍‌ଏଆର୍ ସହଯୋଗରେ ସ୍ୱଚ୍ଛତା ସମ୍ବାଦ ପ୍ରକାଶ କରି ଗୋଷ୍ଠୀ ସଚେତନତା କରାଯାଉଛି ବୋଲି କୁହାଯାଇଛି । ଭୁବନେଶ୍ୱରରେ ୬ ଶହରୁ ଅଧିକ ପ୍ରମୁଖ ପରିମଳ କର୍ମଚାରୀ ରହିଛନ୍ତି । ସେମାନଙ୍କର ଦକ୍ଷତା ବୃଦ୍ଧି ଏବଂ ରୋଜଗାର ଶିକ୍ଷା ନିମନ୍ତେ ବିଏମ୍ସି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଚେତନତା, ପିପିଇ କିଟ୍ର ସଦୁପଯୋଗ, ସେସ୍ ପୁଲ୍ ସେବାରେ ରୋଜଗାର ଇତ୍ୟାଦି ବାବଦରେ ଆଲୋଚନା କରାଯାଇଥିଲା । ସ୍ଥାନୀୟ କର୍ପୋରେଟର୍ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ମେଡିକାଲ ଅଫିସର ଡାକ୍ତର ଗୁଲ୍ନାଜ ଉସ୍ମାନ , ସଖାର ପ୍ରତିଷ୍ଠାତା ମୀରା ପରିଡ଼ା ଉପସ୍ଥିତ ଥିଲେ ।

# ଋଣ ପରିଶୋଧ, ଏକ ବଡ ଆହ୍ୱାନ

ଭୁବନେଶ୍ୱର,(ତଥ୍ୟ): ଓଡିଶାର ବଜେଟନ୍ସ ପରିମାଣ ବର୍ଷକୁ ବର୍ଷ ବୃଦ୍ଧି ପାଇବା ସହ ଋଣ ପରିମାଣ ବି ବଢି ବଢି ଚାଲିଛି । ରାଜ୍ୟ ଆୟର ଏକ ପ୍ରମୁଖ ଅଂଶ ଋଣ ହୋଇଥିବାବେଳେ ବ୍ୟୟ କ୍ଷେତ୍ରରେ ବି ଋଣ ପରିଶୋଧ ଏକ ପ୍ରମୁଖ ଆହ୍ୱାନ ହୋଇଥିବା ଅର୍ଥନୀତି ବିଶାରଦମାନେ କହୁଛନ୍ତି । ଶିଳ୍ପାୟନ ଓ ବାହ୍ୟ ପୁଞ୍ଜିଲଗାଣ ବଢୁଥିବାବେଳେ ବେକାରୀ ଓ ବେରୋଜଗାରୀ ଓଡିଶା ପାଇଁ ପ୍ରମୁଖ ଆହ୍ୱାନ ଭାବେ ଉଭା ହୋଇଥିବା ପରିସ୍ଥିତିରେ କୃଷି ଏବଂ କୁଟୀରଶିଳ୍ପ ମାଧ୍ୟମରେ ଏହି ସମସ୍ୟାର ବହୁ ପରିମାଣରେ ସମାଧାନ କରାଯାଇ ପାରିବ ବୋଲି ଅର୍ଥନୀତି ବିଶ୍ଳେଷକମାନେ ଆଶା ରଖିଛନ୍ତି । ଏବର୍ଷର ରାଜ୍ୟର ବଜେଟ ପ୍ରାୟ ୨ଲକ୍ଷ ୬୫ହଜାର କୋଟି ଟଙ୍କା ଥିବାବେଳେ ଅତିରିକ୍ତ ବଜେଟ ଆସିବାପରେ ଏହାର ପରିମାଣ ୩ଲକ୍ଷ କୋଟି ଟଙ୍କା ଆଡକୁ ମୁହାଁଇପାରେ । ତେବେ ବର୍ତ୍ତମାନ ସୁଦ୍ଧା ହୋଇଥିବା ବଜେଟ ବ୍ୟବସ୍ଥା ଅନୁଯାୟୀ ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟନ୍ସରୁ ଋଣ ଉପରେ ପ୍ରାୟ ୫୪ହଜାର କୋଟି ଟଙ୍କାକୁ ସାହାରା କରି ସରକାରୀକଳ ଚାଲୁଛି ।

ଓଡିଶାର ନିଜସ୍ୱ ଟିକସ ଆୟ ୬୦ହଜାର କୋଟି ଟଙ୍କାରେ ସୀମିତ ରହୁଥିବାବେଳେ ନିଜସ୍ୱ ଅଣଟିକସ ଆୟ ୫୮ ହଜାର କୋଟି ଟଙ୍କା ଏବଂ କେନ୍ଦ୍ରରୁ ଟିକସ ଭାଗ ବାବଦରେ ଏବର୍ଷ ଓଡିଶା ୫୫,୨୩୧ କୋଟି ୭୬ଲକ୍ଷ ଟଙ୍କା ପାଇବାର ଅଛି । ଏହାଛଡା ୩୭,୭୮ କୋଟି ୨୪ଲକ୍ଷ ଟଙ୍କାର କେନ୍ଦ୍ରୀୟ ଅନୁଦାନ ମଧ୍ୟ ରାଜକୋଷ ପାଇବ ବୋଲି ଆଶା ଅଛି । ଏସବୁ ମିଶାଇଲେ ରାଜ୍ୟର ଆୟ ପରିମାଣ କେନ୍ଦ୍ରୀୟ ସହଯୋଗକୁ ମିଶାଇ ୨ଲକ୍ଷ ୧୧ହଜାର କୋଟି ଟଙ୍କା ହେବ । ଅବଶିଷ୍ଟ ୫୪ହଜାର କୋଟି ଟଙ୍କା ପାଇଁ ଋଣ ଉପରେ ନିର୍ଭର କରିବାକୁ ରାଜ୍ୟ ଏକପ୍ରକାର ବାଧ୍ୟ । ଓଡିଶା ସରକାରଙ୍କ ମୋଟ ଆୟରୁ ପାଖପାଖି ୧ଲକ୍ଷ ୬୬ହଜାର କୋଟି ଟଙ୍କା ବେତନ, ପେନସନ୍ୟ ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟରେ ଖର୍ଚ୍ଚ ହେବାପରେ ପୁଞ୍ଜି ବ୍ୟୟ ପାଇଁ ୬୦ହଜାର କୋଟି ଟଙ୍କାରୁ କମ ବ୍ୟବସ୍ଥା ରହିଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ରାଜ୍ୟ ସରକାରଙ୍କ ଋଣ ବାବଦରେ ପ୍ରାୟ ୨୮ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇପାରେ । ବର୍ଷକୁ ବର୍ଷ ରାଜ୍ୟ ସରକାର ଋଣ ବୋଝ ବଢାଇବାରେ ଲାଗିଛନ୍ତି । ଚଳିତ ଆର୍ଥିକବର୍ଷ ଶେଷ ବେଳକୁ ଓଡିଶାର ଋଣବୋଝ ପରିମାଣ ୧ଲକ୍ଷ କୋଟି ଟଙ୍କାରୁ ଅଧିକ ହେବାକୁ ଯାଉଛି ।

ଏଭଳି ଆର୍ଥିକ ସଙ୍କଟ ଭିତରେ ରାଜ୍ୟ ଗତି କରୁଥିବାବେଳେ ବିଭିନ୍ନ ବର୍ଗର ୩୦ପ୍ରତିଶତରୁ ଅଧିକ ମଞ୍ଜୁରୀପ୍ରାପ୍ତ ସରକାରୀ ଚାକିରି ଖାଲି ପଡିଛି । ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ମାଳ ମାଳ ସରକାରୀ ପଦବୀ ଖାଲି ରହୁଛି । କେଉଁ ବର୍ଷ କେତେ ସରକାରୀ ପଦବୀ ଅବସର କାରଣରୁ ଖାଲ ହେବ ତାହାର ହିସାବ ସରକାରଙ୍କ ପାଖରେ ଉପଲବ୍ଧ ଥିଲେ ବି ଯେଉଁବର୍ଷ ଯେତେ ପଦବୀ ଖାଲି ହେଉଛି ସେ ବର୍ଷ ସେତେ ପଦବୀ ପୂରଣ ନକରି ସେଗୁଡିକୁ ବର୍ଷ ବର୍ଷ ଧରି ଖାଲି ରଖାଯାଉଛି । ଅନ୍ୟ ପକ୍ଷରେ କମ୍ପ୍ୟୁଟରୀକରଣ ଯୋଗୁଁ ସରକାରୀ କଳରେ ଏବଂ ଶିଳ୍ପାନୁଷ୍ଠାନରେ ମାନବସମ୍ବଳର ବିନିଯୋଗ ହାର କମିବାରେ ଲାଗିଛି । ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ ଶିଳ୍ପାୟନ ନାମରେ ବଡ ବଡ କଳ କାରଖାନା ପ୍ରତିଷ୍ଠା ଲାଗି ଖଣିଖାଦାନ ଏବଂ ଜଳସମ୍ପଦକୁ ଆଖିବୁଜା ଟେକିଦେବା ସହ ମୃତ୍ତିକା ଓ ବାୟୁ ପ୍ରଦୂଷଣ ମାତ୍ରା ଯେଭଳି ବଢୁଛି ତାହା ରାଜ୍ୟର ବର୍ତ୍ତମାନଓ ଭବିଷ୍ୟତ ପାଇଁ ବଡ ସମସ୍ୟା ସୃଷ୍ଟି କରିବ । ବ୍ୟାପକ କର୍ମନିଯୁକ୍ତି ପାଇଁ କୃଷି, ଗ୍ରାମ୍ୟଶିଳ୍ପ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉପରେ ଧ୍ୟାନ ଦିଆଗଲେ ଗ୍ରାମ୍ୟ ଅର୍ଥନୀତି ସୁଦୃଢ ହୋଇ ରାଜକୋଷ ରାଜକୋଷ ସମୃଦ୍ଧ ହୋଇପାରିବ ବୋଲି ଅର୍ଥନୀତିଜ୍ଞ ମାନଙ୍କ ମତ ।

### ଓଇଏସ୍ ପ୍ରତିଷ୍ଠା ଦିବସରେ ପରିବେଶ ପୁରସ୍କାର ପ୍ରଦାନ

# 'ପରିବେଶ ସୁରକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ'

ଭୁବନେଶ୍ୱର, (ସବ୍ୟୁ): ପ୍ରକୃତି ଓ ପରିବେଶ ଯେତେ ପର୍ଯ୍ୟନ୍ତ ସୁରକ୍ଷିତ ଏବଂ ଏଥିରୁ ଲବ୍ଧ ଦ୍ରବ୍ୟ ଓ ସେବାର ପ୍ରବାହ ଅବ୍ୟାହତ ରହିଛି, ମାନବଜାତି ତଥା ସମଗ୍ର ଜୀବଜଗତ ସୁଚାରୁ ରୂପେ ଜୀବନ ନିର୍ବାହ କରିବା ସମ୍ଭବପର ହେବ । ଆମେ ହୃଦୟଙ୍ଗମ କରିବା ଆବଶ୍ୟକ ଯେ ପରିବେଶ ସୁରକ୍ଷା ହେଉଛି ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଯଦି ମାନବୀୟ କାର୍ଯ୍ୟକଳାପ ଦ୍ୱାରା ପ୍ରାକୃତିକ ପରିସଂସ୍ଥା ବିପର୍ଯ୍ୟସ୍ତ ହୁଏ ଏବଂ ଏହାର କାର୍ଯ୍ୟକାରିତା ପ୍ରଭାବିତ ହୁଏ, ତେବେ ଦ୍ରବ୍ୟ ଓ ସେବାର ପ୍ରବାହ ବ୍ୟାହତ ହେବ । ଏହା ଜୀବଜାତିଙ୍କୁ ବିଭିନ୍ନ ସମସ୍ୟାରେ ଜର୍ଜରିତ କରିବ, ଯାହା ସେମାନଙ୍କର ସଂଖ୍ୟା ହ୍ରାସ ଏବଂ ବିଲୁପ୍ତିର କାରଣ ହେବ । ଏହି ପରିପ୍ରେକ୍ଷୀରେ, ସରକାର, ବିଭିନ୍ନ ଅନୁଷ୍ଠାନ ଏବଂ ଜନସାଧାରଣ ସମ୍ମିଳିତ ଉଦ୍ୟମ ମାଧ୍ୟମରେ ପରିବେଶର ଗୁଣାତ୍ମକ ମାନ ବଜାୟ ରଖିବା ନିମନ୍ତେ ପ୍ରତିବଦ୍ଧତା ପ୍ରକାଶ କରିବା ଆବଶ୍ୟକ । ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୩ତମ ପ୍ରତିଷ୍ଠା ଦିବସ ଏବଂ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଯୋଗଦାନ କରିଥିବା ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି । ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସମିତିର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଆଇଏସ୍ ଅଧିକାରୀ ତଥା ଓପିଏସ୍ସିର ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ରୂପେ ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଯୋଗଦାନ କରିଥିଲେ ।



ଏହି ଅବସରରେ ମୁଖ୍ୟ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନୟକ ରଥଙ୍କୁ ପରିବେଶ କ୍ଷେତ୍ରକୁ ତାଙ୍କର ସାମଗ୍ରିକ ଅବଦାନ ନିମନ୍ତେ 'ଆଜୀବନ କୃତି ପୁରସ୍କାର' ପ୍ରଦାନ କରିଥିଲେଛ ଭାରତ ସରକାରଙ୍କର ପରିବେଶ ମନ୍ତ୍ରଣାଳୟର ପୂର୍ବତନ ପରାମର୍ଶଦାତା ଡ. ବୀରେନ୍ଦ୍ର ପ୍ରତାପ ଉପାଧ୍ୟାୟଙ୍କୁ 'ପରିବେଶ ଉତ୍କର୍ଷତା ପୁରସ୍କାର' ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ପୂର୍ବତନ ମୁଖ୍ୟ ପ୍ରଫେସର ଅଜୟ କୁମାର ପାତ୍ରଙ୍କୁ 'ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର'ରେ ଭୂଷିତ ହୋଇଥିଲେ । ସେହିପରି, ଡେରାଡୁନ୍ସ୍ଥ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନର ପ୍ରଫେସର ବିଭାଶ ପାଣ୍ଡବଙ୍କୁ 'ପ୍ରକୃତି ସଂରକ୍ଷଣ ପୁରସ୍କାର' ଏବଂ ନିତିଦିନ ଖବରକାଗଜର ସହଯୋଗୀ ସମ୍ପାଦକ ହରେକୃଷ୍ଣ ଚୌଧୁରୀଙ୍କୁ 'ପରିବେଶ ସମ୍ବାଦରେ ଉତ୍କର୍ଷତା ପୁରସ୍କାର' ପ୍ରଦାନ କରାଯାଇଥିଲା । ଏଥିସହ ପ୍ର. ଶରତ କୁମାର ପଲିତା, ଡ. ଭି.ପି. ଉପାଧ୍ୟାୟ, ଡ. ନବିନ କୁମାର ଧଳ ଏବଂ ପ୍ର. ପୁଷ୍ପାଞ୍ଜଳି ପରିଡ଼ାଙ୍କୁ 'ଓଇଏସ୍ ଫେଲୋ' ଉପାଧିରେ ସମ୍ମାନିତ କରାଗଲା । ଆଇଆଇଟି ବମ୍ବେର ପୂର୍ବତନ ପ୍ରଫେସର କୃଷ୍ଣଚନ୍ଦ୍ର ଚନ୍ଦ୍ର ସାହୁ, ଏମ୍‌ଏସ୍ସି ବିଶ୍ୱବିଦ୍ୟାଳୟର ପ୍ର. ପୁଷ୍ପାଞ୍ଜଳି ପରିଡ଼ା, ପର୍ଶୁରାମ ପଣ୍ଡା ଏବଂ ତାପସ ରଞ୍ଜନ ମଲ୍ଲିକଙ୍କୁ 'ଓଇଏସ୍ ପୃଷ୍ଠପୋଷକ'ର ମାନ୍ୟତା ପ୍ରଦାନ କରାଗଲା । ଅତିଥିମାନେ ମଧ୍ୟ ବରିଷ୍ଠ ଆଜୀବନ ସଦସ୍ୟ ଏକାଦାଶୀ ନନ୍ଦୀ, ବିଶ୍ୱନାଥ ପୁହାଣ, ପ୍ରକାଶ ଚନ୍ଦ୍ର ମିଶ୍ର, ସ୍ୱପ୍ନା ବେହେରା ଏବଂ ରାମ ନାରାୟଣ ଗୁପ୍ତାଙ୍କୁ ସମ୍ମାନିତ କରିଥିଲେ ।

ମୁଖ୍ୟ ଅତିଥି ବିବେକାନନ୍ଦ ପଟ୍ଟନାୟକ ସାମ୍ପ୍ରତିକ ବିଶ୍ୱ ପରିବେଶର ଦୃଶ୍ୟପଟ୍ଟ ଉପସ୍ଥାପନ କରି ଏହାର ଗୁଣାତ୍ମକ ମାନ କିପରି ଅବକ୍ଷୟିତ ହେଉଛି ତାହା ବର୍ଣ୍ଣନା କରିବା ସହ ଏହାକୁ ବଜାୟ ରଖିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟବକ୍ତା ଦେବୀଦତ୍ତ ବିଶ୍ୱାଳ ଓଇଏସ୍ର ପ୍ରତିଷ୍ଠାତା ସଭାପତିଙ୍କ ନାମରେ ନାମିତ 'ପ୍ରସନ୍ନ କୁମାର ଦାଶ ସ୍ମାରକୀ ବକ୍ତୃତା' ପ୍ରଦାନ କରି ଓଡ଼ିଶାର ଜଙ୍ଗଲ ଓ ବନ୍ୟଜନ୍ତୁ ସମ୍ପଦ ଉପରେ ଏକ ତଥ୍ୟ ସମ୍ବଳିତ ଆଲୋଚନା ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ପୂର୍ବତନ ପିସିସିଏଫ୍ ଡ଼. ବିଜୟ କେତନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଉପ-ସଭାପତି ଡ଼. ଲାଲ ଏକେ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ସମିତିର ଅତୀତର ସଫଳତା ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ପରିଶେଷରେ କୋଷାଧ୍ୟକ୍ଷ ପ୍ର. ବି ସୀତାରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପରିସରରେ ଛତ୍ରପୁର ଓ ବ୍ରହ୍ମପୁର ଉପଖଣ୍ଡ ଶାଖାର କର୍ମଚାରୀ ମାନଂକୁ ନେଇ ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡିଶା ପାଇପ ଜଳ କର୍ମଚାରୀ ସଂଘର ପୂର୍ବତନ ଉପସଭାପତି ରବି କୁମାର ପାଣିଗ୍ରାହୀ, କେନ୍ଦ୍ରୀୟ ସାଙ୍ଗଠନିକ ସଂପାଦକ କୈଳାଶ କୁଣ୍ଡୁ, ଭଞ୍ଜନଗର ଖଣ୍ଡ ସଂପାଦକ ସୁରେନ୍ଦ୍ର ରାଉତ, ବ୍ରହ୍ମପୁର ଖଣ୍ଡ ପୂର୍ବତନ ଯୁଗ୍ମ ସଂପାଦକ ପୂର୍ଣ୍ଣଚନ୍ଦ୍ର ଖୁଟିଂଆ ଓ ଛତ୍ରପୁରର ଯୁବ ନେତା କାଳିଆ ରାଉଳ ପ୍ରମୁଖଅତିଥି ଭାବେ ଯୋଗଦେଇ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ଅବସରରେ ଛତ୍ରପୁର ଶାଖା ସଂପାଦକ ଭାବେ ଏଚ୍.ଗୋବିନ୍ଦ ନାୟକ, ଯୁଗ୍ମ ସଂପାଦକ ଭାବେ ରମେଶ ଚନ୍ଦ୍ର ପଟ୍ଟନାୟକ, ପୁରୁଷୋତମପୁର ଯୁଗ୍ମ ସଂପାଦକ ଭାବେ ହରିକୃଷ୍ଣ ବେହେରା, ରମ୍ଭା ଯୁଗ୍ମ ସଂପାଦକଭାବେ ପ୍ରମୋଦ କୁମାର ଗୌଡ, ଖଲ୍ଲିକୋଟ ଯୁଗ୍ମ ସଂପାଦକଭାବେ ଚନ୍ଦୁ ପାତ୍ର, ଆସିକା ଶାଖା ସଂପାଦକଭାବେ ଏନ୍.ରାମଚନ୍ଦ୍ର ରେଡ଼ି, ପୋଲସରା ଯୁଗ୍ମ ସଂପାଦକ ଭାବେ ନବଘନ ସେଠୀ, ଛତ୍ରପୁର ଖଣ୍ଡ ସଂପାଦକ ଭାବେ ପ୍ରକାଶ ଚନ୍ଦ୍ର ପାତ୍ର, ଭଞ୍ଜନଗର ଶାଖା ସଂପାଦକ ଭାବେ ପବିତ୍ର ମୋହନ ଦାସ, ବାଲିଗୁଡା ଯୁଗ୍ମ ସଂପାଦକ ଭାବେ ଜାମଲା ମଲ୍ଲିକ, ଜି.ଉଦୟଗିରି ଯୁଗ୍ମ ସଂପାଦକ ଭାବେ ଦେବରାଜ ଗୌଡ, ସୋରଡା ଯୁଗ୍ମ ସଂପାଦକଭାବେ ପୂର୍ଣ୍ଣଚନ୍ଦ୍ର ଗୌଡ, ଛତ୍ରପୁର ଡିଭିଜନ କୋଷାଧ୍ୟକ୍ଷ ଭାବେ ଶୁଶାନ୍ତ ବେହେରା ଓ ଛତ୍ରପୁର ଡିଭିଜନ ଅଫିସ ସଂପାଦକ ଭାବେ ଗୋବିନ୍ଦ ମାରାଣ୍ଡିଙ୍କୁ ସର୍ବସମ୍ମତି କ୍ରମେ ଚୟନ ହୋଇଛନ୍ତି । ପରେ ନିର୍ବାଚନ ଅଧିକାରୀ ରବି କୁମାର ପାଣିଗ୍ରାହୀ ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇବା ସହ ନିଜ ପଦବୀର ସଠିକ ଭାବେ ଦାୟିତ୍ୱବହନ କରିବେ ବୋଲି ନୂତନ କର୍ମକର୍ତାମାନେ କହିଥିଲେ । ଏହା ସହିତ ଆଗାମି ଦିନରେ କର୍ମଚାରୀ ମାନଙ୍କ ସମସ୍ୟା ଗୁଡିକର ସମାଧାନ ନେଇ ରାଜ୍ୟ ସଂଘ ଓ ସରକାରଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛତ୍ରପୁର, ଭଞ୍ଜନଗର, ଆସିକା ଓ ଫୁଲବାଣି ଖଣ୍ଡର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ରେଳଧାରଣାରୁ ଦୁଇ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଳବାଇ ପୋଲିସ (ଜିଆରପି)ଗତ ୨୪ ଘଣ୍ଟା ମଧ୍ୟରେ ପୃଥକ ରେଳଧାରଣରୁ ଦୁଇଜଣ ଯୁବକଙ୍କ ମୃତଦେହ ଜବତ କରିଛି। ସେମାନଙ୍କ ମଧ୍ୟରେ ଜଣେ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ବେଳେ ଅନ୍ୟଜଣେ ଚଳନ୍ତା ଟ୍ରେନରୁ ଖସି ମୃତ୍ୟୁ ବରଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଶନିବାର ପୂର୍ବାହ୍ନରେ ଗୋଶାଣିନୂଆଗାଁ ଉତ୍ତେରେଶ୍ୱର ମନ୍ଦିର ନିକଟ ଦେଇ ଯାଇଥିବା ରେଳଧରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ଏନେଇ ୯୬/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ତାହାକୁ ସଂରକ୍ଷିତ ରଖିଥିଲା। ସନ୍ଧ୍ୟାରେ ମୃତକଙ୍କ ଭାଇ ଜେ. ଅନିଲ କୁମାର ଜିଆରପି ଥାନା ପୋଲିସ ସହାୟତାରେ ମୃତଦେହ ସଂରକ୍ଷିତ ଗୃହରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତ ଯୁବକ ଜଣଙ୍କ ଟାଉନ ଥାନା ଅନ୍ତର୍ଗତ ମିଳେଟେରୀ ଲାଇନରେ ରହୁଥିବା ଜେ. କ୍ରିଷ୍ଣା ରାଓଙ୍କ ପୁଅ ଜେ. ସୁନୀଲ କୁମାର (୩୫)। ସେ ଗତ ୧ ତାରିଖରୁ ନିଖୋଜ ଥିବା ନେଇ ଟାଉନ ଥାନାରେ ତାଙ୍କ ଭାଇ ଅଭିଯୋଗ କରିଥିଲେ। ଶନିବାର ରେଳଧାରଣରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିବା ଜାଣିବା ପରେ ଅନିଲ କୁମାର ଥାନାରେ ପହଞ୍ଚି ଭାଇର ମୃତଦେହ ଗ୍ରହଣ କରିଥିଲେ। ସୁନୀଲ କୌଣସି କାରଣରୁ ଚାପରେ ରହୁଥିବାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଅନୁମାନ କରୁଛି। ସେହିପରି ରବିବାର ସକାଳେ ରାମନଗର ନିକଟ ରେଳଧାରଣା କରେ ପଡିଥିବା ଏକ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପକେଟରୁ ଏକ ଆଧାର କାର୍ଡ ଓ ଭିନ୍ନକ୍ଷମ ସାର୍ଟିଫିକେଟ ମିଳିଥିଲା। ମୃତକ ଜଣଙ୍କ ଭିନ୍ନକ୍ଷମ ହୋଇଥିବା ଜଣାପଡିଛି। ଉକ୍ତ ଆଧାର କାର୍ଡ ଜରିଆରେ ମୃତ ଯୁବକ ଜଣଙ୍କ ଦିଗପହଣ୍ଡି ଥାନା ଅନ୍ତର୍ଗତ ମଥୁରା ଆଡୁଆ ସାହିର ରବୀନ୍ଦ୍ର ମହାରଣାଙ୍କ ପୁଅ କୃତିବାସ ମହାରଣା (୩୦)ବୋଲି ପୋଲିସ ସ୍ପଷ୍ଟ କରିଛି। ଖବର ପାଇ ରବୀନ୍ଦ୍ର ମେଡିକାଲରେ ପହଞ୍ଚି ପୁଅର ମୃତଦେହ ଚିହ୍ନଟ କରିଛନ୍ତି। ପ୍ରାଥମିକ ତଦନ୍ତରୁ କୃତିବାସ ଟ୍ରେନରେ ବ୍ରହ୍ମପୁର ଫେରୁଥିଲେ। ବ୍ରହ୍ମପୁର ରେଳଷ୍ଟେସନ ପାଖେଇ ଯାଇଥିବା ଜାଣି ଟ୍ରେନ ଫାଟକ ନିକଟରେ ସେ ଛିଡା ହୋଇଥିବା ବେଳେ ଅସାବଧନତା ଯୋଗୁଁ ସେ ଟ୍ରେନରୁ ଖସି ମୃତ୍ୟୁବରଣ କରିଥିବା ପୋଲିସ ସନ୍ଦେହ କରୁଛି । ପୋଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ୯୭/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଅଲ୍ ଇଣ୍ଡିଆ ଅଣ୍ଡର-୧୬ ମହିଳା ହକି ଟୁର୍ଣ୍ଣାମେଣ୍ଟ

# ଭାଗ ନେବେ ଛତ୍ରପୁର ହକି ପ୍ରଶିକ୍ଷଣ କେନ୍ଦ୍ରର ଖେଳାଳି



ଛତ୍ରପୁର, (ସବ୍ୟୁ) : ଓଡିଶା ନେଭାଲ ଟାଟା ଏଚପିସି ଦ୍ୱାରା ରାଉଲକେଲା ଠାରେ ଆସନ୍ତା ୫ ତାରିଖ ଦିନ ଆୟୋଜିତ ହେବାକୁ ଦ୍ୱିତୀୟ ଅଲ ଇଣ୍ଡିଆ ଅଣ୍ଡର - ୧୬ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବେ ଛତ୍ରପୁର ହକି ପ୍ରଶିକ୍ଷଣ କେନ୍ଦ୍ରର ବାଳିକା ମାନେ ୯ ଏଥିପାଇଁ ରବିବାର ରାଉଲକେଲା ଅଭିମୁଖେ ଯାତ୍ରା କରିଛନ୍ତି ସେମାନେ । ଏଥିରେ ଓଡିଶାର ୮ ଟି ଦଳ ଓ ଅନ୍ୟ ରାଜ୍ୟର ୮ ଟି ଦଳ ଅଂଶ ଗ୍ରହଣ କରିବେ । ଏମାନେ ଗତ ଜୁନ ୧୦ ତାରିଖରେ ଯାଜପୁରରେ ଆୟୋଜିତ ଫାଷ୍ଟ ଜୋନରେ ଅଂଶ ଗ୍ରହଣ କରି ଦ୍ୱିତୀୟ ଅଲ ଇଣ୍ଡିଆ ଅଣ୍ଡର-୧୬ ମହିଳା ହକି ଟୁର୍ଣ୍ଣାମେଣ୍ଟ ପାଇଁ ଚୟନ ହୋଇଥିଲେ । ଛତ୍ରପୁର ହକି ପ୍ରଶିକ୍ଷଣ କେନ୍ଦ୍ରର କୋଚ ସନ୍ତୋଷ କୁମାର ଗୌଡ଼ ଓ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ହକି ପ୍ରଶିକ୍ଷଣ କେନ୍ଦ୍ରର ୧୬ ଜଣ ଖେଳାଳି ଆଜି ରାଉଲକେଲା ଅଭିମୁଖେ ଯାତ୍ରା କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣା ଯାଇଛି ୯ ସେଠାରେ କୋଚ ମନୋଜ କୁମାର ସ୍ୱାଇଁ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିବେ ବୋଲି ସୂଚନା ଦେଇଛନ୍ତି ।

## ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ଼ମିଣ୍ଟନ

# ପୁରୁଷ ଦଳର ମଣିପୁର ଗସ୍ତରେ ଆସିକାର ଅବିନାଶ

ଆସିକା, (ସବ୍ୟୁ): ମଣିପୁର ସ୍ଥିତ ନ୍ୟାସନାଲ ସ୍ପଟର୍ସ ୟୁନିଭରସିଟି, ଇମ୍ଫାଲ ଠାରେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଆସିକାର ଅବିନାଶ ମୁନି ପାଞ୍ଚ ଜଣିଆ ଟିମରେ ସ୍ଥାନ ପାଇଛନ୍ତି । ରବିବାର ଦିନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ସେ ବାହାରିଛନ୍ତି । ଅବିନାଶ ଧରାକୋଟ ସରକାରୀ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ଅଟନ୍ତି । ସେ ପୂର୍ବରୁ ବ୍ୟାଡ଼ମିଣ୍ଟନରେ ଗଞ୍ଜାମ ଜିଲ୍ଲାରୁ ତିନି ତିନି ଥର ଚମ୍ପିୟାନ ହୋଇଥିବା ବେଳେ ୧୯ ବର୍ଷ ବର୍ଗରେ ଓଡିଶା ରୁ ଡବଲସ ଖେଳି ଚମ୍ପିୟନ ହୋଇଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆନ୍ତଃ ବିଶ୍ୱ ବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେଇ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ କ୍ରୀଡ଼ା ପରିଷଦପକ୍ଷରୁ ଆଜି ବ୍ୟାଡ଼ମିଣ୍ଟନ ପୁରୁଷ ଦଳ ମଣିପୁର ଗସ୍ତ କରିଥିବା ଜଣାଯାଇଛି ।

# ଦୁଇ ମାସ ହେଲା ଯୁବକ ନିଖୋଜ

ଠାକୁରମୁଣ୍ଡା,(ସବ୍ୟୁ) : ସେପ୍ଟେମ୍ବର ୧୧ ତାରିଖରୁ ସୁକାନ୍ତ ମହାନ୍ତ (୨୩) ନାମକ ଯୁବକ ହଠାତ ନିଖୋଜ ହୋଇଯାଇଥିବା ଥାନାରେ ଏତଲା ହୋଇଛି । ଯୁବକ ଜଣକ ଖୁଣ୍ଟାପୋଷି ଗ୍ରାମର କ୍ଷୀରୋଦ ମହାନ୍ତଙ୍କ ପୁଅ । । ସେ ଘରେ ଶୋଇଥିବାବେଳେ ସେପ୍ଟେମ୍ବର ୧୧ ତାରିଖ ରାତିରେ ଘରୁ କେଉଁଆଡେ ଚାଲି ଯାଇଛି ବୋଲି ଏତଲାରେ ଦର୍ଶାଯାଇଛି । ବନ୍ଧୁ ବାନ୍ଧବ, ନିଜ ସମ୍ପର୍କୀୟଙ୍କ ଘରେ ଖୋଜିବା ସହିତ କାଳେ ଫେରି ଆସିବ ଅପେକ୍ଷା କରି ଅକ୍ଟୋବର ୧ ତାରିଖରେ ଠାକୁରମୁଣ୍ଡା ଥାନାରେ ଏତଲା ଦେଇଥିଲେ ।ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନି । ସୁକାନ୍ତର ସାମାନ୍ୟ ମସ୍ତିଷ୍କ ଦୋଷ ରହିଥିବା ଏବଂ ସେ ବର୍ଷେ ଧରି ଡିପ୍ରେସନରେ ରହୁଥିବା ପରିବାର ଲୋକ କହିଛନ୍ତି । କେହି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ଠାକୁରମୁଣ୍ଡା ଥାନାକୁ ଖବର ଦେବାକୁ ନିବେଦନ କରାଯାଇଛି ।

## ବେଆଇନ କୋଇଲା ଡିପୋରେ ଚଢାଉ

# କୋଇଲା ବୋଝେଇ ଟ୍ରକ, ବ୍ୟବହୃତ ଜେସିବି ଜବତ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ଥାନା କଂସମୁଣ୍ଡା ଜୟପୁର ଠାରେ ଥିବା ଗ୍ରାମ ଖେଳ ପଡିଆ ନିକଟରେ ଥିବା ଏକ ବେଆଇନ କୋଇଲା ଡିପୋ ଉପରେ ପୁଲିସ ଚଢାଉ କରି ଚୋରା କୋଇଲା ବୋଝେଇ ଏକ ଟ୍ରକ ଓ ଏଥିରେ ବ୍ୟବହୃତ ଜେସିବି ମେସିନକୁ ଜବତ କରିଛି। ମାତ୍ର ଏଥିରେ ସଂପୃକ୍ତ ଅଭିଯୁକ୍ତ ମାନେ ଫେରାର ହୋଇ ଯାଇଥିବା ଜଣାଯାଇଛି। ପୁଲିସ ପେଟ୍ରୋଲିଂ କାଟୁଥିବା ସମୟରେ ରବିବାର ଭୋର ସକାଳ ପ୍ରାୟ ୪ଘଟିକା ସମୟରେ ଚଢାଉ କରି କୋଇଲା ବୋଝେଇ ଟ୍ରକ ନମ୍ବର ଓଡି୦୫ଏଜେଡ ୫୯୮୪ ଓ ଜେସିବି ଓଡି୩୫ଡି ୩୩୫୫କୁ ଜବତ କରିଥିଲା । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ କଣିହାଁ ଅଞ୍ଚଳରେ ଦୀର୍ଘ ମାସ ଧରି ଚୋରା କୋଇଲା କାରବାର ଚାଲି ଆସୁଛି । ଜବତ ସ୍ଥାନରେ ଚୋରା କୋଇଲା ସଂଗ୍ରହ କରାଯାଇ ଜେସିବି ମାଧ୍ୟମରେ ଟ୍ରକରେ ଲୋଡ କରାଯାଇ ଦୈନିକ ୧୬ଚକିଆ ଟ୍ରକରେ ଟ୍ରିପ ଟ୍ରିପ୍ କୋଇଲା ବାହାରକୁ ଚାଲାଣ କରାଯାଉଛି । ଏଥିରେ ଏକ କୋଇଲା ମାଫିଆ ଗୋଷ୍ଠୀ ସକ୍ରିୟ ରହି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ମାତ୍ର ବହୁ ବିଳମ୍ବରେ ପୋଲିସ ଏହାକୁ ଧରିଥିବା ବେଳେ ଆଗରୁ କିପରି ଜାଣି ପାରୁନଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିରେ ଡିଡି ମାଇନ୍ସ ମଧ୍ୟ ଚୁପ ବସୁଥିବା ଘଟଣାକୁ ରହସ୍ୟାବୃତ୍ତ କରୁଛି ଯାହା ତଦନ୍ତ ସାପେକ୍ଷ ।

# ବିଜ୍ଞାନୀ ପଣ୍ଡିତ ଶରତ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ଶ୍ରୀ ମା ଅନ୍ନପୂର୍ଣ୍ଣେଶ୍ୱରୀ ମନ୍ଦିର ପୂଜା କମିଟି ଓ ଗଞ୍ଜାମ ଜିଲ୍ଲା ବସ ମାଲିକ ସଂଘ ପକ୍ଷରୁ ଏକ ସମ୍ବର୍ଧନା କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦିନ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଆମ୍ବଗଡ ଗ୍ରାମରେ ଥିବା ମା ଅନ୍ନପୂର୍ଣ୍ଣେଶ୍ୱରୀ ମନ୍ଦିର ପରିସରରେ ଶ୍ରୀ ମା ଅନ୍ନପୂର୍ଣ୍ଣେଶ୍ୱରୀ ମନ୍ଦିର ପୂଜା କମିଟିର କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ବର୍ଧନା ସଭା ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ପୌର। ପରିଷଦ ଅନ୍ତର୍ଗତ ମୋହନକଲୋନୀ ବାସିନ୍ଦା ଜଣାଶୁଣା ବିଜ୍ଞାନୀ ପଣ୍ଡିତ ଶରତ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢକନ ସହ ସ୍ୱର୍ଣ୍ଣ ଖଡୁ ପ୍ରଦାନ କରାଯାଇଥିଲା । ପଣ୍ଡିତ ଶରତ ଚନ୍ଦ୍ର ଷଡ଼ଙ୍ଗୀ ଗଞ୍ଜାମ ଜିଲ୍ଲାରେ ବହୁ ତାଙ୍କର ନାମ ପ୍ରସିଦ୍ଧ ରହିଛି । ଏପରିକି ତାଙ୍କୁ ବିଜ୍ଞାନୀ ନାମରେ ମଧ୍ୟ ବେଶ୍ ଜଣଶୁଣା। ଏହି କାର୍ଯ୍ୟକ୍ରମରେ ମା ଅନ୍ନପୂର୍ଣ୍ଣେଶ୍ୱରୀ ମନ୍ଦିର ପୂଜା କମିଟି ଆମ୍ବଗଡ଼ ଓ ଗଞ୍ଜାମ ଜିଲ୍ଲା ବସ ମାଲିକ ସଂଘ ରଞ୍ଜିତ କୁମାର ପାଢ଼ୀ, ରାଧାକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ନିରଞ୍ଜନ ନାୟକ, ପଞ୍ଚାନନ ପାତ୍ର, ସୁନୀଲ ପାଣିଗ୍ରାହୀ, ଶରତ ଚନ୍ଦ୍ର ସାବତ, ଡା ରମେଶ ଚନ୍ଦ୍ର ଚୌଧୁରୀ, ଅଶୋକ କୁମାର ଗଉଡ, ବଳରାମ ପାଣିଗ୍ରାହୀ, ଟୁଟୁ ପଟ୍ଟନାୟକ, ସହସ୍ରନାମ ପାଠୀ, ମନୋରଞ୍ଜନ ସାହୁ, ପବିତ୍ର ମୋହନ ମିଶ୍ର, ଗୋବିନ୍ଦ ଘଡେଇ, ସରୋଜ କୁମାର ଜେନା, ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ସମେତ ଓ ଆମ୍ବଗଡ଼ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲ୍ଲା ସଦ୍‌ଭାବନା ସଭାଗୃହରେ

# କେନ୍ଦ୍ରମନ୍ତ୍ରୀ କଲେ ସମୀକ୍ଷା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦ୍‌ଭାବନା ସଭାଗୃହରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହିତ ଭିଜନ ୨୦୩୬ ଉପରେ ଗୁରୁତ୍ୱ ଦେଇଥିଲେ। ସମୀକ୍ଷା ପରେ କେନ୍ଦ୍ରମନ୍ତ୍ରୀ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ଯେ ଓଡିଶାରେ ପ୍ରଥମ କରି ବିଜେପି ସରକାର ଆସିଛି। ସରକାରଙ୍କ ତରଫରୁ ବିଭିନ୍ନ କଲ୍ୟାଣକାରୀ ଯୋଜନା କରାଯାଉଛି। ସୁଭଦ୍ରା ସହିତ ଗ୍ରାମାଞ୍ଚଳରୁ ସହରାଞ୍ଚ ପର୍ଯ୍ୟନ୍ତ ବିକାଶପାଇଁ ଯୋଜନା କରାଯାଉଛି। ଢେଙ୍କାନାଳ ଜିଲ୍ଲା ହେଉଛି ଏକ ପ୍ରେରଣାର ଜିଲ୍ଲାବୋଲି କହିବା ସହିତ ଜିଲ୍ଲାରେଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, କୃଷି, ଉଦ୍ୟାନ ବିଭାଗର ବିକାଶ ହେଉଛି। ଢେଙ୍କାନାଳର ଆମ୍ବର ଯଥେଷ୍ଟ ଚାହିଦା ରହିଥିବା ବେଳେ ପନିପରିବା, ଛତୁର ଚାହିଦା ରହିଥିବା ବେଳେ ଏହାର ବିକାଶ କରିବାକୁ ହେବ। ସେହିପରି ଜିଲ୍ଲାରେ ଭିତ୍ତିଭୂମୀ ରହିଥିବାବେଳେ ୧୧ କିମି ପୂର୍ତ୍ତବିଭାଗ, ୧୭୦୦ଆରଡି,ଏନଏଚରୋଡ, ଗ୍ରାମ୍ୟ ରାସ୍ତା ରହିଛି ଯାହାର ବିକାଶ କରିବାକୁ ହେବ। ସେହିପରି ଜିଲ୍ଲାରେ ଜଳସେଚନ କ୍ଷେତ୍ରରେ ଦଦରାଘାଟି, ସାପୁଆ, ଦଣ୍ଡାଧର ଭଳି ଡ୍ୟାମ ରହିଥିବା ବେଳେ ରେଙ୍ଗାଳୀ ଦକ୍ଷିଣଏବଂ ବାମ କେନାଲ ରହିଛି। ଜିଲ୍ଲାରେ ରହିଥିବା ପର୍ଯ୍ୟଟନର ବିକାଶ, ଇକୋ ଟୁରିଜିମ, ଏମଏସଏମଇ, ଭାରୀ ଶିଳ୍ପର ବିକାଶ କରିବାକୁ ହେବ। ସମୀକ୍ଷା ବୈଠକରେ ସମସ୍ତ ବିଭାଗୀୟଅଧିକାରୀଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୦୩୬ ସୁଦ୍ଧା ବିକଶିତ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନପୂରଣ କରିବାକୁ ହେବବୋଲି କହିଥିଲେ। ଆସନ୍ତା ୫ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ଭିଜନ ୨୦୨୩୬କୁ ନେଇ କାର୍ଯ୍ୟକରୁଛନ୍ତି ଯେଉଁଥିରେ ଢେଙ୍କାନାଳ ଜିଲ୍ଲାର ଭୂମିକା ରହିଛି ବୋଲି କହିଥିଲେ। ଏହି ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସହିତ ସାଂସଦ ରୁଦ୍ରନାରାୟଣ ପାଣି, ପୌରପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରକେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିର୍ଦ୍ଦେଶକ ସତ୍ୟବ୍ରତ ଭୋଇ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ପରଜଙ୍ଗ ବିଧାୟକ ଏବଂ ବିଭିନ୍ନ ଅଧିକାରୀମାନେ ଉ ପସ୍ଥିତ ରହିଥିଲେ।

# କାଳୀ ପୂଜା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ




ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ମଦନ ମୋହନ ଛକଠାରେ ବ୍ୟବସାୟୀ ସଂଘ ପକ୍ଷରୁ ପବିତ୍ର ଦୀପାବଳିଠାରୁ ମା' କାଳୀଙ୍କ ପୂଜା ଅତ୍ୟନ୍ତ ଆଗ୍ରହ ଓ ନିଷ୍ଠାର ସହ ପାଳନ କରାଯାଉଛି । ଏଥିଲାଗି ଗତ ଶନିବାର ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ପୂଜା କମିଟି ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଜ୍ଞା ନୃତ୍ୟାୟନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କୁନି କଳାକାରଙ୍କ ଆକର୍ଷଣୀୟ ନୃତ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ମିଡିଆ କ୍ଲବ୍ ସଭାପତି ଅନୀଲ କୁମାର ପଟ୍ଟନାୟକ, ପୋଲିସ ଥାନା ଏସ୍ଆଇ ସମୀର କୁମାର ସେଠୀ, ପୂଜା କମିଟି ସଭାପତି ସୁବ୍ରତ କୁମାର ସ୍ୱାଇଁ ଓ ପ୍ରଜ୍ଞା ନୃତ୍ୟାୟନର ନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ କଳାକାରଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉପସ୍ଥାପକ ବଳରାମଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋରଞ୍ଜନ ଦାଶ ପରିଚାଳନା କରିଥିବାବେଳେ ପୂଜା କମିଟିର ଅନ୍ୟ ସଦସ୍ୟଗଣ ଏଥିରେ ସହଯୋଗ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲାବେଳେ ଏଥିପାଇଁ ପୋଲିସର ସହଯୋଗ ମଧ୍ୟ ଦେଖିବାକୁ ମିଳିଥିଲା ।

# ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ପର୍ବ ଉପରେ କର୍ମଶାଳା



ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ପର୍ବ (ନିର୍ବାଚନ) ପାଇଁ ଏକ କର୍ମଶାଳା ବ୍ରହ୍ମପୁର ଗିରି ରୋଡ଼ ସ୍ଥିତ ପାଢ଼ୀ ସେଲିବ୍ରେସନ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗଞ୍ଜାମ ଜିଲ୍ଲା ରିଟର୍ନିଙ୍ଗ୍ ଅଫିସର୍ ପ୍ରତାପ କୁମାର ମିଶ୍ର, ମୁଖ୍ୟଅତିଥି ଭାବେ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସରୋଜ ସାବତ, ବରିଷ୍ଠ ନେତା ସୁରେଶ ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ପ୍ରଶାନ୍ତ ନାୟକ, ସିଦ୍ଧାନ୍ତ ଗଙ୍ଗଦେବ ପ୍ରମୁଖ ମଞ୍ଚାସୀନ ରହି ମାର୍ଗ ଦର୍ଶନ କରିଥିଲେ। ଗତ ସେପ୍ଟେମ୍ବର ୨ ତାରିଖରୁ ବିଜେପି ନିଜର ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଥିଲା । କୋଟିଏ ନୂତନ ସଦସ୍ୟଙ୍କୁ ଦଳ ସହିତ ଯୋଡ଼ିବାକୁ ଲକ୍ଷ୍ୟ ଥିଲା ଛ ଏବେ ସୁଦ୍ଧା ପ୍ରାୟ ୫୪ ଲକ୍ଷ ସଦସ୍ୟ ଦଳ ସହିତ ଯୋଡ଼ି ହେଲେଣି । ଏବେସୁଦ୍ଧା ଅନଲାଇନ୍ ଯେଗେ ପ୍ରାୟ ୫୨ଲକ୍ଷ ଲୋକ ବିଜେପିର ସଦସ୍ୟ ହୋଇଛନ୍ତି। ଅଫଲାଇନରେ ପ୍ରାୟ ୨ଲକ୍ଷ ସଦସ୍ୟତା ନେଇଛନ୍ତି । ଗଞ୍ଜାମ ସାଙ୍ଗଠନିକ ଜିଲ୍ଲାରେ ଅନଲାଇନରେ ୪ ଲକ୍ଷରୁ ଉର୍ଦ୍ଧ ସଦସ୍ୟ ହୋଇଛନ୍ତି। ଅଫଲାଇନରେ ସଦସ୍ୟ ଯୋଡ଼ିବା ପ୍ରକ୍ରିୟା ଚାଲିଛି। ଏବେ ସକ୍ରିୟ ସଦସ୍ୟ ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୨୦ ତାରିଖରୁ ବୁଥସ୍ତରୀୟ ନିର୍ବାଚନ ଆରମ୍ଭ ହେବ। ଏହା ପରେ ମଣ୍ଡଳ, ଜିଲ୍ଲା ଓ ରାଜ୍ୟ କମିଟି ପାଇଁ ସାଂଗଠନିକ ନିର୍ବାଚନ ହେବ ବୋଲି ଜିଲ୍ଲା ରିଟର୍ନିଙ୍ଗ୍ ଅଫିସର୍ ପ୍ରତାପ କୁମାର ମିଶ୍ର ସୂଚନା ଦେଇଛନ୍ତି । ଯେଉଁମାନେ ନିଜ ନିର୍ବାଚନମଣ୍ଡଳୀରୁ ୫୦ଜଣଙ୍କୁ ସଦସ୍ୟ କରିବେ ବା ପୂରା ରାଜ୍ୟରୁ ୧୦୦ ଜଣଙ୍କୁ ସଦସ୍ୟ କରାଇଥିବେ କେବଳ ସେହିମାନେ ହିଁ ସକ୍ରିୟ ସଦସ୍ୟ ହୋଇପାରିବେ । ଯେଉଁମାନେ ସକ୍ରିୟ ସଦସ୍ୟ ହେବେ ସେମାନେ ଦଳର ବିଭିନ୍ନ ଦାୟୀତ୍ୱ ଓ ପଦପଦବୀରେ ରହିପାରିବେ ବୋଲି ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ କହିଥିଲେ । ନିର୍ବାଚନକୁ ଶୃଙ୍ଖଳିତ ଓ ସୁରୁଖୁରୁରେ କରିବା ପାଇଁ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ପ୍ରତାପ ମିଶ୍ର ଗଞ୍ଜାମ ଜିଲ୍ଲା ରିଟର୍ନିଙ୍ଗ୍ ଅଫିସର ନିଯୁକ୍ତି ହୋଇଛନ୍ତି । ତାଙ୍କୁ ସହଯୋଗ କରିବାକୁ ଦୁଇ ଜଣଙ୍କୁ ଦାୟୀତ୍ୱ ଦିଆଯାଇଛି । ସହ ଜିଲ୍ଲା ରିଟର୍ନିଙ୍ଗ୍ ଅଫିସର୍ ଭାବେ ସୁରେଶ ପାଢ଼ୀ ଏବଂ ସିଦ୍ଧାନ୍ତ ଗଙ୍ଗଦେବଙ୍କୁ ଦାୟୀତ୍ୱ ଦିଆଯାଇଛି । ତିନି ଜଣିଆ ସକ୍ରିୟ ସଦସ୍ୟ ଗ୍ରହଣୀୟତା କମିଟି ଗଠନ କରାଯାଇଛି । ଏଥିରେ ସରୋଜ ସାବତ, ଗଙ୍ଗାଧର ଶତପଥି, ପ୍ରଶାନ୍ତ ନାୟକ ଅଛନ୍ତି । ଗଞ୍ଜାମ ଜିଲ୍ଲା ସଦସ୍ୟତା ପ୍ରମୁଖ ପ୍ରଭାତ କିରଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ କର୍ମଶାଳାରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଟୁଟୁନ୍ ପାତ୍ର,ରାଜ୍ୟ ମିଡ଼ିଆ ସେଲ୍ ପେନାଲିଷ୍ଟ ଟି.ଗୋପି, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ରଶ୍ମିରେଖା ମହାପାତ୍ର, ସମ୍ପାଦକ ପଦ୍ମ ଚରଣ ସାହୁ, ଲକ୍ଷ୍ମୀ ପଣ୍ଡା,ବାଳକୃଷ୍ଣ ସାମନ୍ତରା, ରତ୍ନଗର୍ଭା ସରସ୍ୱତୀ ଦେବୀ, ନିବେଦିତା ପାଢ଼ୀ, ଏସ୍.ରାଣୀ, ସୂର୍ଯ୍ୟମଣି ପାତ୍ର, କର୍ପୋରେଟର ସବିତା ସାହୁ, ବନିତା ସାହୁ, ବ୍ରହ୍ମପୁର ବିଧାନସଭା ସଦସ୍ୟତା ପ୍ରଭାରୀ ବନମାଳୀ ସେଠୀ, ରାମ ପ୍ରସାଦ ସାମଲ, ରାଜେଶ କୁମାର ସାହୁ, ଗୋରୀ ସାମନ୍ତରା, ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଲା, ପ୍ରଦୀପ ନାୟକ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ ମହାରାଜ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର,ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ,ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବର୍ଷା ବିଦ୍ୟୁସ୍ମିତା, ମଧୁସ୍ମିତା ଠାକୁର୍ ପ୍ରମୁଖଙ୍କ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ପ୍ରାଥମିକ ସଦସ୍ୟ, ସକ୍ରୀୟ ସଦସ୍ୟ ଓ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସମସ୍ତ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ସମ୍ମିଳନୀ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାମ୍ବିଧାନିକ ସଭା ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ସ୍ୱାଗତିକା ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ କରଞ୍ଜିଆ, ଉଦଳା, ବାରିପଦା, ବଡ଼ସାହି, ବେତନଟୀ, ସାଇଁକୁଳା, ଝାରପୋଖରୀଆ, ବୈଶିଙ୍ଗା, ଶୁକୃଳି, ଜାମଡା, ବାଙ୍ଗିରିପୋଷି ଓ ବହଳଦା ଇତ୍ୟାଦି ବରିଷ୍ଠ ନାଗରିକ ମଞ୍ଚ ମାନଙ୍କର କର୍ମକର୍ତ୍ତା ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସାଧାରଣ ସମ୍ପାଦକ ଡଃ ଶ୍ୟାମ ସୁନ୍ଦର ଦାସଙ୍କ ପ୍ରସ୍ତାବ କ୍ରମେ ଉଦଳା ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ସାହୁ, ବଡ଼ସାହି ସଭାପତି ସୁନୀଲ କୁମାର ଦାଶ, କରଞ୍ଜିଆ ସମ୍ପାଦକ ସର୍ବେଶ୍ୱର ମିଶ୍ର, ମଧୁବନ ସଭାପତି ଯୋଗେନ୍ଦ୍ରନାଥ ପଣ୍ଡାଙ୍କ ଓ ଜଗନ୍ନାଥ ମିଶ୍ର ଆଲୋଚନା କରି ପରିଚାଳନା ସଭାର ସମ୍ପ୍ରସାରଣ ପାଇଁ ମତାମତ ରଖିଥିଲେ । ସଭାରେ ବିକଶିତ ଓଡ଼ିଶାରେ ବରିଷ୍ଠ ନାଗରିକଙ୍କ ସକାରାତ୍ମକ ଭାଗିଦାରୀ, ନିଃସହାୟ ବୃଦ୍ଧଙ୍କ ପାଇଁ ପ୍ରତି ବ୍ଲକରେ ସରକାରଙ୍କ ଦ୍ୱାରା ବୃଦ୍ଧାଶ୍ରମ ସ୍ଥାପନା, ସମସ୍ତ ବରିଷ୍ଠ ପେନଶନ ସର୍ବନିମ୍ନ ୫ହଜାରଟଙ୍କା, ୬୦ରୁ ଉର୍ଦ୍ଧ ସମସ୍ତଙ୍କ ପେନସନ୍ ସହିତ ଆୟୁଷ୍ମାନ ଯୋଜନା ଅନ୍ତର୍ଭୁକ୍ତ, ରେଳ ଯାତ୍ରାରେ ବରିଷ୍ଟ ରିହାତି ପୁନଃ ପ୍ରଚଳନ ମୟୂରଭଞ୍ଜ ଜିଲ୍ଲା ଜନସଂଖ୍ୟା ଅନୁପାତରେ ମୟୂର ଭଞ୍ଜ ଜିଲ୍ଲାରେ ଦୁଇଟି ସାଂସଦ ଓ ୧୪ଟି ବିଧାୟକ ପାଇଁ ଜନ ସଚେତନ ସହିତ ଡ଼େଲିମିଟେସନ କମିଟି ଆଗରେ ବଳିଷ୍ଠ ଦାବି ରଖିବା ଇତ୍ୟାଦି ବରିଷ୍ଠଙ୍କ କଲ୍ୟାଣ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇ ସରକାରଙ୍କୁ ଗଠନ ମୂଳକ ପରାମର୍ଶ ଦେବାପାଇଁ ସ୍ଥିର ହୋଇଛି । ଏଥିସହିତ ଶୁକୃଳି ସଭାପତି ପ୍ରସନ୍ନ କୁମାର ପଣ୍ଡାଙ୍କ ପ୍ରସ୍ତାବ ପରେ ଆସନ୍ତା ଡ଼ିସେମ୍ବର ୨୦ତାରିଖରେ ଚତୁର୍ଥ ବାର୍ଷିକ ସମ୍ମିଳନୀ ଖୀଚିଙ୍ଗ ଠାରେ ଅନୁଷ୍ଠିତ ହେବାର ସ୍ଥିର ହୋଇଅଛି । ଶେଷରେ ସଦସ୍ୟ ସରୋଜ କୁମାର ମିଶ୍ରଙ୍କ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ କରିଥିଲେ ।

# ଟଙ୍କା ଓ ବାଇକ ପାଇଁ ମାମୁଁକୁ ହତ୍ୟା କଲା ଭଣଜା

ଚଣ୍ଡିଖୋଲ/ଧର୍ମଶାଳା, (ସବ୍ୟୁ) କେଇଟା ଟଙ୍କାପାଇଁ ନିଜ ମାମୁଁକୁ ଅତି ନୃଶଂସ ଭାବେ ତା'ର ଭଣଜା ହତ୍ୟା କରିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ଯାଜପୁର ଜିଲାର ଜେନାପୁର ଥାନା ତଥା ଧର୍ମଶାଳା ବ୍ଲକ ଅନ୍ତର୍ଗତ ସଁପାରୁ ପଞ୍ଚାୟତର ତୋଟାକଣ ଗ୍ରାମରେ ଏହି ଅଭାବନୀୟ କାଣ୍ଡ ଘଟିଛି । ପୋଲିସ ନିକଟରେ ଶନିବାର ଠାରୁ ନିଖୋଜ ଦର୍ଶାଯାଇଥିବା ସଂପୃକ୍ତ ଯୁବକଙ୍କ ମୃତଦେହ ରବିବାର ଦିନ ପୋଲିସ ମଧୁପୁରଗଡ ସୁନାମୁହିଁ ଜଙ୍ଗଲରାସ୍ତାରୁ ଜବତ କରିବା ପରେ ହତ୍ୟାକାଣ୍ଡର ରହସ୍ୟ ପଦାକୁ ଆସିଥିଲା ।ଖବର ଅନୁଯାୟୀ ଜେନାପୁର ଥାନା ଅଧିନ ତୋଟାକଣ ଗ୍ରାମର ସ୍ୱର୍ଗତ ଦାମୋଦର ନାୟକଙ୍କ ପୁଅ ଦୁଷ୍ମନ୍ତ ନାୟକଙ୍କ ନାମରେ ମଧୁପୁରଗଡ ପଞ୍ଚାୟତ ପନ୍ତୁରୀ ଗ୍ରାମର ତାର ଭଣଜା ଜଗନ ଧଳ ଋଣକରି ଏକ ବାଇକ କିଣିଥିଲା । ବାଇକ କିଣିବାପରେ ଜଗନ ବାଇକକୁ ନିଜପାଖରେ ରଖି ଚଢୁଥିଲା ।



ହେଲେ ବାଇକପାଇଁ ଦୁଷ୍ମନ୍ତଙ୍କ ନାମରେ ହୋଇଥିବା ଋଣକୁ ଜଗନ ସୁଝି ନଥିଲା ।ଦୁଷ୍ମନ୍ତ ନାମରେ ଅଯଥା ଋଣବୋଝ ପଡିବାରୁ ସେ ତାହା ପରିଶୋଧ କରିବାକୁ ଭଣଜା ଜଗନକୁ କହିଥିଲା ।ଦୁଷ୍ମନ୍ତ ନିଜେ ଏକ ବାଇକ କିଣିବାକୁ ଇଜା କରିଥିଲେ ମଧ ଜଗନ ବାଇକ ପାଇଁ ପୂର୍ବର ତାଙ୍କନାମରେ ଋଣଥିବାରୁ ତାଙ୍କନାମରେ ଆଉ ବାଇକପାଇଁ ଋଣ ମଞ୍ଜୁର ହୋଇ ପାରିବ ନାହିଁ ବୋଲି ଜଣାପଡିଥିଲା ।ଯାହାକୁ ନେଇ ମାମୁଁକୁ ରାସ୍ତାରୁ ହଟାଇବା ପାଇଁ ଜଗନ ଯୋଜନା କରିଥିଲା ।ସେ ସମସ୍ତ ଋଣଟଙ୍କା ଶୁଝିଦେବ ଓ ମାମୁଁ ଦୁଷ୍ମନ୍ତଙ୍କୁ ଋଣକରାଇ ଏକ ବାଇକ କିଣାଇଁଦେବ ବୋଲି କହି ଶନିବାର ଦିନ ଚଣ୍ଡିଖୋଲ ବାଇକ ସୋରୁମକୁ ସାଥିରେ ନେଇଯାଇଥିଲା । ଜଗନ କଥାରେ ବିଶ୍ୱାସକରି ଦୁଷ୍ମନ୍ତ ୬୦ ହଜାର ଟଙ୍କାଧରି ଶନିବାର ସୋରୁମକୁ ଯାଇଥିଲା । ହେଲେ ଜଗନ ସମସ୍ତ ଋଣଟଙ୍କା ନଶୁଝିବାରୁ ଦୁଷ୍ମନ୍ତର ଋଣ ମଞ୍ଜୁର ହୋଇପାରି ନଥିଲା ।ଫଳରେ ସେ ନିରାଶହୋଇ ଋଣ ସୁଝିବା ପର୍ଯ୍ୟନ୍ତ ଜଗନକୁ ତାର ବାଇକ ଦେବାକୁ ଜିଦି ଧରିଥିଲା ।ପୂର୍ବ ଯୋଜନା ଅନୁଯାଇ ଜଗନ ମାମୁଁ ଦୁଷ୍ମନ୍ତକୁ ବୁଝାସୁଝାକରି ଚଣ୍ଡିଖୋଲରୁ ଜାରକାର ଅନ୍ୟ ଏକ ସୋରୁମକୁ ନେଇଥିଲା ଓ ସୋମବାର ସେଠାରୁ ବାଇକ କିଣାଇଁ ଦେବବୋଲି କହି ଜାରକାରୁ ପାଟ ରାସ୍ତାରେ ଉଭୟେ ଘରକୁ ଫେରିଥିଲେ । ଦୁଷ୍ମନ୍ତ ଠାରୁ ୬୦ ହଜାର ଟଙ୍କା ହରଣଚାଲ କରି ତାକୁ ରାସ୍ତାରୁ ହଟାଇ ଦେବାକୁ ପୂର୍ବ ଯୋଜନା ଅନୁଯାଇ ଜଗନ ଝାଡାଯିବା ବାହାନାରେ ସୁନାମୁହିଁ ଜଙ୍ଗଲ ରାସ୍ତାରେ ଅଟକିଥିଲା ଓ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ତାର ଅନ୍ୟ ସହଯୋଗୀଙ୍କ ସହ ମିଶି ଦୁଷ୍ମନ୍ତକୁ ଅତି ନିର୍ମମଭାବେ ହତ୍ୟାକରିଥିଲା । ପରେ ମୃତଦେହକୁ ସେଠାରେ ପକାଇଦେଇ ଘରକୁ ପଳାଇଥିଲା ।। ଦୁଷ୍ମନ୍ତ ଘରକୁ ନଫେରିବାରୁ ପରିବାର ଲୋକେ ଜେନାପୁର ଥାନାରେ ଶନିବାର ରାତିରେ ଅଭିଯୋଗ ଦେଇଥିଲେ! ପୋଲିସ ଏକ ମାମଲା ରୁଜୁ କରିବା ସହ ଜଗନକୁ ଥାନାରେ ଅଟକରଖି ପଚରା ଉଚରା ଚଳାଇଥିଲା । ପ୍ରାଥମିକ ତଦନ୍ତ ପରେ ଟଙ୍କା ଓ ବାଇକପାଇଁ ଦୁଷ୍ମନ୍ତକୁ ସୁପରିକଳ୍ପିତ ଭାବେ ଜଗନ ହତ୍ୟା କରିଥିବା ପୋଲିସ ଜାଣିପାରିଥିଲା । ହତ୍ୟାକାରୀ ଜଗନ ଠାରୁ ହତ୍ୟାକାଣ୍ଡ ସମ୍ପର୍କରେ ସୁଚନାପାଇ ରବିବାର ସକାଳୁ ମଧୁପୁରଗଡ ପଞ୍ଚାୟତର ଭୁବନପୁର ନିକଟ ସୁନାମୁହିଁ ବେଣାପାଟକୁ ଲାଗି ରହିଥିବା ଜଙ୍ଗଲରୁ ଦୁଷ୍ମନ୍ତର ମୃତ ଦେହ ଉଦ୍ଧାର କରିଥିଲା ।ତେବେ ଏହି ହତ୍ୟାକାଣ୍ଡରେ ଏକାଧିକ ଲୋକଙ୍କ ସଂପୃକ୍ତି ଥିବା ପୋଲିସ ଜାଣିବା ପରେ ତଦନ୍ତରେ ଗୋପନୀୟତା ପାଇଁ ଅଧିକ ତଥ୍ୟ ଦେଇନାହିଁ । ଏହି ହତ୍ୟାକାଣ୍ଡ ପଛରେ ଜଣେ ପ୍ରଭାବଶାଳୀ ରାଜନେତାଙ୍କ ହାତଥିବା ଓ ହତ୍ୟାକାରୀ ଜଗନଙ୍କର ତାଙ୍କସହ ସମ୍ପର୍କ ନିବିଡଥିବା ମୃତ ଦୁଷ୍ମନ୍ତଙ୍କ ପରିବାର ଲୋକେ ଖୋଲାଖୋଲି ଅଭିଯୋଗ କରି ସେହି ରାଜନେତାଙ୍କୁ ତଦନ୍ତ ପରିସରକୁ ଆଣିବା ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି ।ତବେ ଏହି ହତ୍ୟାକାଣ୍ଡରେ ଅନ୍ୟ ଯେଉଁ ମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ଖୁବଶୀଘ୍ର ଠାବ କରାଯିବା ସହ ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ଉନ୍ମୋଚନ ହେବବୋଲି ପୋଲିସ କହିଛି ।ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୋଲିସ ଧର୍ମଶାଳା ଡାକ୍ତରଖାନାକୁ ପଠାଇଛି । ଯାଜପୁରରୋଡ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ଥାନାଧିକାରୀ ଶୁଭେନ୍ଦୁକୁମାର ସାହୁ ଓ ଚଡେଇଧରା ଚେକପୋଷ୍ଟ ଅଧିକାରୀ ସୌମ୍ୟ ରଞ୍ଜନ ଭୋଳ ପ୍ରମୁଖ ଉପସ୍ଥିତ ରହି ସାଇଣ୍ଟିଫିକ ଟିମ ଦ୍ୱାରା ଅଧିକ ତଦନ୍ତ ଚଳାଇଛନ୍ତି ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବ୍ୟାପକ ଅବ୍ୟବସ୍ଥା

କୁଆଁପାଳ /ମାହାଙ୍ଗା,(ସବ୍ୟୁ) : ମାହାଙ୍ଗା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଚାହାପଡା ପଞ୍ଚାୟତ ରାଣୀଗୋଡାସ୍ଥିତ ହନୁମାନଜୀଉ ବିଦ୍ୟା ନିକେତନ ପରିସରରେ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ,ପ୍ରତିଯୋଗୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନଥିବାରୁ ନାହିଁ ନ ଥିବା ହୀନସ୍ତା ଭୋଗ କରିଥିଲେ । କୁନି କୁନି ଶିଶୁ ମାନଙ୍କ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟରେ ସରକାର ଏହି କାର୍ଯ୍ୟକ୍ରମ ନିମନ୍ତେ ଅର୍ଥ ଯୋଗାଇ ଦେଉଥିବାବେଳେ ଶିକ୍ଷା ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁ ତାହା ବାସ୍ତବ ରୂପ ରେଖ ନେଉନଥିବା ରୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବିଫଳ ହେଉଥିବା ଅଭିଯୋଗ ହେଉଛି । ସୁରଭି କାର୍ଯ୍ୟକ୍ରମ ପାଇଁ ଆସିଥିବା ଅର୍ଥରେ ବର୍ତ୍ତମାନ ନବମ ଓ ଦଶମ ଷାଣ୍ମାସିକ ପରୀକ୍ଷା ଚାଲୁଥିବା ଏବଂ ଆସନ୍ତା ୬ ତାରିଖରେ ମାହାଙ୍ଗା ଶିକ୍ଷା ବିଭାଗ ପକ୍ଷରୁ ତୃତୀୟ



ଓ ପଞ୍ଚମ ଶ୍ରେଣୀ ବୃତି ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଛାତ୍ରଛାତ୍ରୀଙ୍କ ବୃହତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କାହା ସ୍ୱାର୍ଥରେ ହଠାତ୍ ସୁରଭି କାର୍ଯ୍ୟକ୍ରମ ଆୟୋଜନ କରାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଅପର ପକ୍ଷରେ ଏହି ସୁରଭି କାର୍ଯ୍ୟକ୍ରମ ଆୟୋଜନ ସ୍ଥଳରେ ଛାତ୍ରଛାତ୍ରୀ ,ପ୍ରତିଯୋଗୀ ,ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିମନ୍ତେ ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନଥିବାରୁ ବିଦ୍ୟାଳୟ ପଡିଆ ଖରାରେ ବସି ଖାଇବାକୁ ବାଧ ହୋଇଥିଲେ । ଏହି ସୁରଭି କାର୍ଯ୍ୟକ୍ରମରେ ମାହାଙ୍ଗା ବିଇଓ ଚକ୍ରଧର ବେହେରାଙ୍କ ଅଧକ୍ଷତାରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିବାବେଳେ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ସନ୍ତୋଷ କୁମାର ରାଉତ, ଏବିଇଓ ସୋମନାଥ ରାମ, ସଂଯୁକ୍ତା ଭୋଇ , ସବିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମାହାଙ୍ଗାର ବିଭିନ୍ନ ବିଦ୍ୟାଳୟରୁ ୪୪୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏ ନେଇ ବିଇଓ ଚକ୍ରଧର ବେହେରାଙ୍କୁ ପଚାରିବାରୁ ସେ କୌଣସି ଅବ୍ୟବସ୍ଥା ହୋଇନଥିବା କହିଥିଲେ ।

# ବରୀ ବିଜେଡିର ଜନ ସମ୍ପର୍କ ପଦଯାତ୍ରା



ରତ୍ନଗିରି,(ସବ୍ୟୁ), :ବରୀ ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପଦଯାତ୍ରା ସ୍ଥାନୀୟ ବରୀ ମାଉଣ୍ଡ ଠାରୁ ଆରମ୍ଭ ହୋଇ ଅଟିରା ପଂଚାୟତ ସ୍ଥିତ ସନ୍ଥନ ମଠ ଠାରେ ଶେଷ ହୋଇଛି । ଉକ୍ତ ଜନ ସମ୍ପର୍କ ପଦଯାତ୍ରା ଅବସରରେ ବରୀ ମାଉଣ୍ଡ ଠାରେ ଆୟୋଜିତ ସଭାରେ ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଯୋଗ ଦେଇ ବରୀ ହେଉଛି ଏକ ସଂଗ୍ରାମୀ ମାଟି । ଏହି ଅଂଚଳର ସଂଗ୍ରାମୀ ଯୁବ ବନ୍ଧୁ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ମା ଭୋଉଣି ମାନେ ଗତ ସାଧାରଣ ନିର୍ବାଚନରେ ସଂଗ୍ରାମୀ ଯୁବ ନେତା ବିଶ୍ୱ ରଞ୍ଜନ ମଲ୍ଲିକଙ୍କୁ ଓଡିଶାର ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରାଇଥିବାରୁ ମୁଁ ସେଇ ଭୋଟର ମାନଙ୍କୁ ମଥାନତ ପ୍ରଣାନ ଜଣାଉଛି ବୋଲି ମତ ରଖିଥିଲେ । ଆଗାମି ଦିନରେ ଯୁବ ବିଧାୟକ ଶ୍ରୀ ମଲ୍ଲିକ ଙ୍କ ନେତୃତ୍ୱରେ ଉନ୍ନୟନ ମୂଳକ କାର୍ଯ୍ୟ କ୍ଷେତ୍ରରେ ସମସ୍ତ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଅପରେ ପକ୍ଷରେ ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ଏହି କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷକ ଭାବେ ପ୍ରାକ୍ତନ ବିଧାୟକ ସଞ୍ଜୟ ଦାସ ବର୍ମା ଯୋଗ ଦେଇ ବିଜେଡି ଦଳ ସରକାରକୁ ନ ଆସିବା ପର୍ଯ୍ୟନ୍ତ ଦୃଢ ମନୋବଳ ନେଇ ସଂଗଠନକୁ ସୁଦୃଢ କରିବା କ୍ଷେତ୍ରରେ କର୍ମୀ ମାନେ ଉଦ୍ୟମ ଜାରି ରଖିଲେ ଆଗାମି ପଂଚାୟତ ନିର୍ବାଚନରେ ବିଗତ ଦିନ ଭଳି ବିଜୟ ବାନା ଉଡାଇବ ବୋଲି ମତ ପ୍ରକାଶ କରିଥିଲେ । ଏହି ପଦଯାତ୍ରା ସମାବେଶରେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପ୍ରାକ୍ତନ ଯାଜପୁର ସାଂସଦ ଶର୍ମିଷ୍ଠା ସେଠି , ପ୍ରାକ୍ତନ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାଏ, ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡି ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲିପ ମହାନ୍ତି, ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ଛାତ୍ର ବିଜେଡି ସଭାପତି ସଦିସ୍ୱା ସାମଲ ଙ୍କ ସମେତ ବରୀ ନିର୍ବାଚନ ମଣ୍ଡଳୀର ବିଜେଡି ଦଳ ସମର୍ଥିତ ସମସ୍ତ ସରପଂଚ ଓ ସମିତି ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ ।

## ବେଆଇନ ବାଣ ଜବତ : ବେପାରି ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ଖମଣ ପଂଚାୟତର ଶଙ୍ଖଚିଲା ହାଟରେ ବେଆଇନ ଭାବେ ବାଣ ବିକ୍ରିର ଖବର ପାଇ ପୁଲିସ ଚଢାଉ କରିଥିଲା । ଥାନାଧିକାରୀ ରଂଜନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ ଚଢାଉ ସମୟରେ ଶଙ୍ଖଚିଲା ଗୁରୁସାହିର କୀର୍ତନ ଗୁରୁଙ୍କ ପୁଅ ତପନ ଗୁରୁ(୩୨)ଙ୍କ ବାଣ ବିକ୍ରିକରୁଥିବା ଅବସ୍ଥାରେ ଧରାପଡିଥିଲା । ହେଲେ ବାଣର କୌଣସି କାଗଜପତ୍ର ତପନ ଦେଖାଇବାରେ ସକ୍ଷମ ହୋଇନଥିଲା । ବାଣ ସହ ତପନକୁ ଥାନାକୁ ଆଣିବା ପରେ ଏକ ମାମଲା ୪୨୦/୨୪ ରୁଜୁ କରାଯିବା ସହ ବେପାରିକୁ ଗିରଫ କରାଯାଇଛି ।

## ବାଇକ୍‌କୁ ଧକ୍କା ଦେଲା କାର: ବାପା ମୃତ ,ପୁଅ ସହ ୨ ଗୁରୁତର

ଜଗତସିଂହପୁର,(ସବ୍ୟୁ) : ଜଗତସିଂହପୁର ବାଲିକୁଦା ଥାନା ଗୋପାଳପୁର ଛକ ନିକଟରେ ବାଇକକୁ ପିଟିଲା ଏକ ହୁଣ୍ଡାଇ କାର । ଫଳରେ ଘଟଣା ସ୍ଥଳରେ ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇ ପ୍ରଥମେ ଜଗତସିଂହପୁର ଓ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଜଣେ ସଂପର୍କୀୟ ନାବାଳକ ଖଣ୍ଡିଆଖାବରା ହୋଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ ହୋଇନ୍ତି । ମୃତକ ଜଣକ ହେଉଛନ୍ତି ବାଲିକୁଦା ଥାନା କାଳିଓ ଗ୍ରାମର ଦିଲ୍ଲିପ କୁମାର ମଲ୍ଲିକ । ମୃତକ ଦିଲ୍ଲିପଙ୍କ ପୁଅ ସୁବ୍ରତ ମଲ୍ଲିକ ଗୁରୁତର ଆହତ ହୋଇଥବା ବେଳେ ତାଙ୍କୁ ସଙ୍ଗେ ସଙ୍ଗେ ଜଗତସିଂହପୁର ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କ ସହିତ ରହିଥିବା ଅନ୍ୟ ଜଣେ ସଂପର୍କୀୟ ନାବାଳକ ସାଇ ସତ୍ୟମ ଦାସ ମଧ ଆଘାତ ପାଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟର ଚିକିତ୍ସିତ ହେଉଛନ୍ତି । ଦୁର୍ଘଟଣା ଘଟାଇଥିବା କାର ଓଡି ୦୨ଏଡବ୍ଲୁ ୬୮୩୪ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ ସୁଚନା ଦେଇଛି । ସୁଚନା ଅନୁସାରେ କାଳିଓ ଗ୍ରାମର ଦିଲ୍ଲିପ ମଲ୍ଲିକ, ତାଙ୍କ ପୁଅ ଓ ଅନ୍ୟ ଜଣେ ସଂପର୍କୀୟ କୌଣସି କାର୍ଯ୍ୟରେ ଜଗତସିଂହପୁର ଆସି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବାଲିକୁଦା କଲେଜ ନିକଟ ଗୋପାଳପୁର ଠାରେ ସଂପୃକ୍ତ କାର ତାଙ୍କୁ ଧକକା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଦିଲ୍ଲିପଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ । ବାଲିକୁଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ କାରଟି ଫେରାର ରହିଛି ।

# ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଡେ଼ରାବିଶ ,(ସବ୍ୟୁ) : ଡେରାବିଶ ବ୍ଲକ ରଘୁଦେଇପୁର ପଂଚାୟତ ବେଲାରପୁର ସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନାଙ୍କ ସଭାପତିତ୍ୱରେ ତଥା ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ ଘାଟନୀ ଉତ୍ସବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ ମୁଖ୍ୟବକ୍ତା, ଜିଲ୍ଲାପରିଷଦସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଲିକ, ସରପଂଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ମଲିକ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସନ୍ତୋଷ କୁମାର ବାରିକ, ନିରଂଜନ ଦାସ ସମ୍ମାନୀତ ଅତିଥି ଓ ସମ୍ମାନୀତ ବକ୍ତାଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ବ୍ଲକ ସାଧନକେନ୍ଦ୍ର ସଂଯୋଜକ ଦେବଦତ ଶତପଥି, ବ୍ଲକ ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଓ ସଚ୍ଚିକାନ୍ତ ମିଶ୍ର ଯୋଗଦେଇ ସୁରଭୀ କାର୍ଯ୍ୟକ୍ରମ ମାଧମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ମତ ରଖିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧିନସ୍ଥ ୧୭ଗୋଟି ଆଂଚଳିକ ସାଧନକେନ୍ଦ୍ର ଅଧିନରେ ଥିବା ବିଦ୍ୟାଳୟ ମାନଙ୍କରୁ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୯ଗୋଟି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଅପରାହ୍ନରେ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନି ଉତ୍ସବରେ ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ ମୁଖ୍ୟଅତିଥି, ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ଏବିଡିଓ ଅନିରୁଦ୍ଧ ବେହେରା ଓ ସମ୍ମାନୀତ ବକ୍ତାଭାବେ ଏପିଡି ଡ ଦୟାସିନ୍ଧୁ ପରିଡା ଓ ଶିକ୍ଷାବିତ୍ ଡ କାନନବାଳା ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜଣେଜଣେ ସୁନାଗରିକଭାବେ ପ୍ରତିଷ୍ଠିତ ହେବାପାଇଁ ପରାମର୍ଶ ଦେବାସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଶିକ୍ଷାବିତ୍ ଈଶ୍ୱରଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ମାମୁନୀ ସିଂ, କନକଲତା ପୃଷ୍ଟି, ରମେଶ ପତି, ପ୍ରଶାନ୍ତ ଶତପଥୀ, ରାମଚନ୍ଦ୍ର ଆଚାର୍ଯ୍ୟ, ପ୍ରକାଶ ରାଉତ, ପ୍ରମୋଦ ମଲ୍ଲ, ଅୟେଶକାନ୍ତ ରାଉତ ଓ ଲଲାଟ କେଶରୀ ଭୁୟାଁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜାରକା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଜୁଲତା ମିଶ୍ରଙ୍କୁ ଗତ ଗୁରୁବାର ଦିନ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶିକ୍ଷକନେତା ଯୁଗଳ କିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳାର ପୂର୍ବତନ ବିଇଓ ନିକୁଞ୍ଜ ବିହାରୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଏବିଇଓ ମମିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆର୍ତତ୍ରାଣ ସେଠୀ, ଶିକ୍ଷକ ନେତା ଅଭିରାମ ନନ୍ଦ, କୁମାରୀ କ୍ଲଷ୍ଟର ସିଆର୍‌ସିସି ନିବେଦିତା ପରିଡ଼ା ଓ ଏସ୍‌ଏମ୍‌ସି ସଭାପତି ପ୍ରଦୀପ କୁମାର ସେଠୀ ଯୋଗଦେଇ ଶ୍ରୀମତୀ ମିଶ୍ରଙ୍କ ଶିକ୍ଷାଦାନ, କର୍ତବ୍ୟନିଷ୍ଠା ଓ ଛାତ୍ରବତ୍ସଳତା ସଂପର୍କରେ ଆଲୋଚନା କରିଥିଲେ । ଶିକ୍ଷକନେତା ହୃଷୀକେଶ ସାମଲ, ମନୋଜ କୁମାର ରଣା, ବ୍ରଜକିଶୋର ପଣ୍ଡା, ରାମଚନ୍ଦ୍ର ସ୍ୱାଇଁ, ନାରାୟଣ ନନ୍ଦ, ପ୍ରସନ୍ନ କୁମାର ରାୟ, ରମେଶ ଚନ୍ଦ୍ର ବାରିକ, ନରେନ୍ଦ୍ର ବେହେରା, ପ୍ରଦୀପ୍ତ କୁମାର ସାହୁ, ଡ. ସୁରେଶ ଚନ୍ଦ୍ର ନନ୍ଦ, ଦିଲୀପ ବିଶ୍ୱାଳ, ଛାତ୍ର ଅନୁରାଗ ରାୟ, ସର୍ବେଶ୍ୱର ସାହୁ, ସୂର୍ଯ୍ୟାଂଶୁ ପଣ୍ଡା, ଛାତ୍ରୀ ଶତାବ୍ଦୀ ବେହେରା, ରଶ୍ମି ସେଠୀ ଓ ହରପ୍ରିୟା ପଣ୍ଡା ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ରଙ୍କ ଗୁଣଗାନ କରିଥିଲେ । ପୂର୍ବତନ ସିଆର୍‌ସିସି ସୁଶାନ୍ତ କୁମାର ଦଳାଇ ଅତିଥି ପରିଚୟ, ସହକାରୀ ଶିକ୍ଷୟିତ୍ରୀ କୁମୁଦିନୀ ପାଢ଼ୀ ସ୍ୱାଗତ ଭାଷଣ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ମାନପତ୍ର ପାଠ କରିଥିଲେ ।ଏହି ଅବସରରେ ଶ୍ରୀମତୀ ମିଶ୍ରଙ୍କୁ ଅତିଥିମାନେ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ରାଉତ ମଂଚ ନିମନ୍ତ୍ରଣ ଓ ଧନ୍ୟବାଦ ଦେଇଥିଲେ । ।ପରେ ଏକ ସୁସଜ୍ଜିତ ରଥରେ ଶ୍ରୀମତୀ ମିଶ୍ରଙ୍କୁ ଶୋଭାଯାତ୍ରାରେ ନେଇ ତାଙ୍କ ବାସଭବନରେ ସମସ୍ତେ ବିଦାୟ ଦେଇ ଫେରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଜଗତସିଂହପୁର, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥୀ ଭାବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଜଗତସିଂହପୁର ହେଉଛି କଳା,ସାହିତ୍ୟ ଓ ସଂସ୍କୃତିର ମାଟି ।ଜିଲ୍ଲାରେ ବହୁ ପ୍ରତିଭା ମାନେ ଜନ୍ମ ଗ୍ରହଣ କରି ଜିଲ୍ଲାକୁ ଋଦ୍ଧିମନ୍ତ କରିଛନ୍ତି ।ଆଜି ଏହି ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାକୁ ଆସିଥିବା ପିଲାମାନଙ୍କ ମଧ୍ୟରେ




ଭରପୁର ପ୍ରତିଭା ରହିଛି ।

ଚଳିତ ବର୍ଷ ଆମ ପିଲାମାନେ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିବେ ବୋଲି ବିଧାୟକ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାବଦରେ କହିଥିଲେ ।ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଜିଲ୍ଲାର ୮ଟି ବ୍ଲକରୁ ଆସିଥିବା ୨୮୦ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, କୁଇଜ, ଚିତ୍ରାଙ୍କନ, ସଂଗୀତ, ସାଂସ୍କୃତିକ ନୃତ୍ୟ ଆଦି ୨୯ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ନଭେମ୍ବର ୧୪ ଶିଶୁ ଦିବସ ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ।ଶେଷରେ ଜିଲ୍ଲା ଶିକ୍ଷାଧିକାରୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରାନ କରିଥିଲେ ।ସେହି କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷାର ବୈଷୟିକ ପରାମର୍ଶଦାତା ଶୁଭେନ୍ଦୁ ବରାଳ ଓ ପୋଗ୍ରାମର ସସ୍ମିତା ବାରିକ ପରିଚାଳନା କରିଥିଲେ ।

## ନ୍ୟାସନାଲ ସ୍ପୋର୍ଟିଂ କ୍ଲବର ଆଭାସୀ ବୈଠକ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନ୍ୟାସନାଲ ସ୍ପୋର୍ଟିଂ କ୍ଲବ ଦ୍ୱାରା ଆସନ୍ତା ୨୦୨୫ ମସିହା ଜାନୁୟାରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥବାର୍ଷିକ ଏ.ପି.ଏଲ୍.କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ କ୍ଲବର ସଦସ୍ୟ ଇଜାଜ୍ ଖାନ୍‌ଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଅଂଚଳରୁ ୧୬ ଗୋଟି କ୍ରିକେଟ ଟିମ୍ ଭାଗନେବେ ବୋଲି ଜଣାପଡିଛି । ଅନୁଷ୍ଠିତ ଆଭାସୀ କାର୍ଯ୍ୟକ୍ରମରେ ସ୍ପୋର୍ଟିଂ କ୍ଲବର ବରିଷ୍ଠ ସଦସ୍ୟ ଅବୁ ତାଲିମ୍ ଖାନ୍, ସମସେର ଅଲୀ, ସିରାଜ ଖାନ୍, ମହମ୍ମଦ ସମିମ, ଅଲିମ୍ ଖାନ୍, ରିହାନ୍ ଖାନ୍, ମିର୍ଜା ସଲିମ୍ ବେଗ୍, ମସ୍ତକ ଖାନ୍, ସଲିମ୍ ଫିର୍ଦୋଶ, ଜାଭେଦ୍ ଖାନ୍, ଅବଦୁଲ ଖତିଫ, ସକିଲ ଅକ୍ତର,ରହିସଅଲ୍ଲୀ ଖାନ୍, ହନିଫ୍ ଅହମ୍ମଦ, ସୋହେବ୍ ଖାନ୍, ଅକିଲ ମିର୍ଜା, ମହମ୍ମଦ ନସିମ୍, ସୁଲତାନ୍ ଖାନ୍, ଅବଦୁଲ ବାରି, ସକିଲ ଖାନ୍, ଏନାମୁଲ ଖାନ୍ , କାଦିର ଖାନ୍ ପ୍ରମୁଖ ଉକ୍ତ ଆଭାସୀ କାର୍ଯ୍ୟକ୍ରମରେ ଯୋଗଦାନ କରି ସବିଶେଷ ଆଲୋଚନା କରିଥିଲେ ।

## ଅଗ୍ନି ବିପନ୍ନ ପରିବାରକୁ ସାଂସଦଙ୍କ ସହାୟତା

କେନ୍ଦ୍ରାପଡା,(ସବ୍ୟୁ) କେନ୍ଦ୍ରାପଡା ସାଂସଦ ବୈଜୟନ୍ତପଣ୍ଡା ନରିଲୋ ଗ୍ରାମର ଜଣେ ଅଗ୍ନି ବିପନ୍ନ ପରିବାର କୁ ସହାୟତା ପ୍ରଦାନ କରିଛନ୍ତି। ଚକ୍ରୋଡା ଗ୍ରାମ ପଞ୍ଚାୟତ ନରିଲୋ ଗ୍ରାମ ନିବାସୀ ତ୍ରୈଲୋକ୍ୟ ନାୟକଙ୍କ ବାସଗୃହ ସମେତ ଗୁହାଳ ଗୃହ ସଂପୂର୍ଣ୍ଣ ପୋଡି ଯାଇଛି । ଏହି ଅଗ୍ନି କାଣ୍ଡରେ ୩ଟି ଗାଈ ମଧ ପୋଡି ଯାଇ ମୃତ୍ୟୁ ବରଣ କରିଥିବା ଜଣାପଡିଛି । କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଖବର ପାଇ ଏକ ପ୍ରତିନିଧି ମଣ୍ଡଳୀ ବିଜେପି ସଭାପତି ବାବାଜୀ ବେହେରା, ନିରନ ନାୟକ, ନାଏବ ସରପଂଚ ଜ୍ଞାନ ରନ ଲେଙ୍କା ପ୍ରମୁଖ ଅଗ୍ନି ବିପନ୍ନ ପରିବାର ଘରେ ପହଁଚି ତାଙ୍କୁ ସହାୟତା ପ୍ରଦାନ କରିଥିଲେ ।

## ସ୍ୱାମୀ ବିବେକାନନ୍ଦ ଭାଗବତ ପ୍ରଚାର ସମିତିର ଭାଗବତ ପାରାୟଣ

ମହାକାଳପଡ଼ା, (ସବ୍ୟୁ) : ସ୍ୱାମୀ ବିବେକାନନ୍ଦ ଭାଗବତ ପ୍ରଚାର ସମିତି, ବାରଡାଙ୍ଗ ତରଫରୁ ସମିତି ଉପଦେଷ୍ଟା ବିଜୟ କୁମାର ନାଥଙ୍କ ବାସଭବନ ପରିସର ରେ ରବିବାର ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ବୈଷ୍ଣବ ଚରଣ ସ୍ୱାଇଁ,ସମ୍ପାଦକ ତଥା କୋଷାଧକ୍ଷ ପ୍ରେମାନନ୍ଦ ଜେନା ଭଗବାନ ଭଗବତଙ୍କୁ ଆସ୍ଥାନରେ ଅବସ୍ଥାପନ ପରେ ପୂଜକ ଙ୍କ ନୈଷ୍ଠିକ ପୂଜା ପାଠ ପରେ ଭଝଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା । ଭାଗବତ ପ୍ରେମୀ ଦାମୋଦର ରାଉତ ପ୍ରବଚକ ଭାବେ ଯୋଗ ଦେଇ ସମିତିର ୨୦ଜଣ ସଭ୍ୟ ତଥା ଆମନ୍ତ୍ରିତ ଅତିଥି ମାନଙ୍କୁ ବ୍ୟାସଦେବଙ୍କ ରଚିତ ସଂସ୍କୃତ ଭଝଗବତ ଉପରେ ଆଲୋଚନା କରିଥିଲେ। ପ୍ରବଚକ ଶ୍ରୀ ରାଉତ ଭାଗବତ ପ୍ରେମରେ ବିଲୀନ ହୋଇ ସମସ୍ତ ଭଗବତ ପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏଥି ସହିତ ଭାଗବତ ପାରାୟଣ କୁ ଉଜ୍ଜୀବିତ କରଥିଲେ ସହଯୋଗୀ ଭାବେ ଯୋଗ ଦେଇଥିବା ପ୍ରବଚକ ଶ୍ରୀରାଉତ ଙ୍କ କିର୍ତ୍ତନ ମଣ୍ଡଳୀ ।. ଆହୁରି ମଧ ତିଥି ଗ୍ରାମର କିର୍ତ୍ତନ ମଣ୍ଡଳୀ ଯୋଗ ଦେଇ ଭଗବତ ଆଲୋଚନା କୁ ଦୃଢ଼ଭୂତ କରିଥିଲେ ।ପଞ୍ଜିକୃତ ସମିତି ୧୯୯୭ମସିହାରୁ ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣୀ, ବାରଡାଙ୍ଗ ଓ ମହାକାଳପଡ଼ା ପଂଚାୟତର କିଛି ଈଶ୍ୱର ପ୍ରେମୀ ସଭ୍ୟ ମାନଙ୍କ ଉଦ୍ୟମ ରେ ପାରାୟଣ ରେ ଅନୁଷ୍ଠିତ ହୋଇଆସୁଛି । କାର୍ଯ୍ୟକ୍ରମ ରେ ସମିତିର ବୟୋଜ୍ୟଷ୍ଠ ସଭ୍ୟ ବିଦ୍ୟୁତ୍‌ତ କୁମାର ଖୁଣ୍ଟିଆ, ପ୍ରଫୁଲ୍ଲ ପ୍ରଧାନ ଆଦି ଉପସ୍ଥିତ ଥିବା ବେଳେ ଜଗନ୍ନାଥ ସେବା ସମିତିର କେଶବ ପ୍ରାମାଣିକ ଓ ନାରାୟଣ ପ୍ରସାଦ ପଣ୍ଡାଙ୍କ ସମେତ ଅନେକ ସଭ୍ୟ ଉପସ୍ଥିତ ଥିଲେ ।

# ସଂଜୟ ନୁହେଁ ସେ ଥିଲେ ସଂଯୋଜନାର ସେତୁ

ମାହାଙ୍ଗା (ସବ୍ୟୁ): ମାହାଙ୍ଗା ବ୍ଲକର ନାହାଙ୍ଗ ପଞ୍ଚାୟତ ଅର୍ନ୍ତଗତ ନାହାଙ୍ଗ ଠାରେ ସ୍ୱର୍ଗତ ସଂଜୟ ମହାନ୍ତିଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ କିଟ୍,କିମ୍ସ ଓ କିସ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଯୋଗଦେଇ ସଂଜୟ ମହାନ୍ତିଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ସଂଜୟ ନୁହେଁ ସେ ସଂଯୋଜନାର ସେତୁ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଜ୍ୟୋତରଂଜନ ମହାନ୍ତି ଗୀତା ପାଠ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚୌ.ରମାକାନ୍ତ ପ୍ରହରାଜ,ଅଧ୍ୟାପକ ପ୍ରଫୁଲ୍ଲ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ,ଦୈତାରୀ ସାହୁ, ସାରଦା ପ୍ରସାଦ ମିଶ୍ରେ, ପବିତ୍ରମୋହନ ପ୍ରଧାନ, ବିଜୟ କୁମାର ସାମଲ,ଶିଶୁସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ପ୍ରଫୁଲ୍ଲ କୁମାର ସାହୁ, କବି ପ୍ରଫୁଲ୍ଲ କୁମାର ସିଂ, ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ,ସୁବଳଚରଣ ସାହୁ, ପ୍ରସନ୍ନ କୁମାର ସାହୁ,ପ୍ରମୋଦ କୁମାର ପୃଷ୍ଟି,ପ୍ରଫୁଲ୍ଲ ତ୍ରୀପାଠି, ମାଧବ ବେହେରା,ଗୋବିନ୍ଦ ଚନ୍ଦ୍ର ପୃଷ୍ଟି,ବିବେକାନନ୍ଦ ଦାସ,ନିରଂଜନ ରାୟ,ସମରେନ୍ଦ୍ର ସାହୁ, ପ୍ରଦିପ କୁମାର ମହାପାତ୍ର,ସରୋଜ ଜେନା, ପ୍ରିୟଙ୍କା ରାୟ,ଶିକ୍ଷକ ପୁରୁଷୋତ୍ତମ ସେଠୀ, ବିଜୟ କୁଅଁର, ସତ୍ୟାନନ୍ଦ ସାହୁ,ଗଗନେନ୍ଦୁ ଦାସ, ଜିତେନ୍ଦ୍ର କୁମାର ପଟ୍ଟନାୟକ,ପ୍ରମୋଦ କୁମାର ସାହୁ,ଅଲେଖ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଜୟ କୁମାର ମହାନ୍ତିଙ୍କ ବିଭିନ୍ନ କାର୍ଯ୍ୟ ଏପରିକି ହନୁମାନ ଜୟନ୍ତୀ ପାଳନ,କଳିଙ୍ଗଭାରତୀ ଫାଉଣ୍ଡେସନ୍‌ର ବିଭିନ୍ନ କାର୍ଯ୍ୟକ୍ରମ,ଆର୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ,ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଉଥିଲେ । ତାଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣୀତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କ୍ଷିତିସ୍ ମହାନ୍ତି ,ପ୍ରିତୀ ମହାନ୍ତି, ପ୍ରତିମା ମହାନ୍ତି, ସସ୍ମିତା ମହାନ୍ତି ସହଯୋଗ କରିଥିଲା ବେଳେ ରଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ସଂଜୟ କୁମାର ମହାନ୍ତିଙ୍କ ବହୁ ସହପାଠୀ ଓ ସହପାଠକ ଏବଂ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତି ଯୋଗଦେଇଥିଲେ ।

# ଚଣ୍ଡିଖୋଲ-ଡୁବୁରି ରାଜପଥ କାର୍ଯ୍ୟରେ ବିଳମ୍ବ : ଡିସେମ୍ବର ୯ରେ ରାସ୍ତାରୋକ

ଚଣ୍ଡିଖୋଲ, (ସବ୍ୟୁ): ବହୁ ଚର୍ଚ୍ଚିତ ଚଣ୍ଡିଖୋଲ-ଡୁବୁରି ଜାତୀୟ ରାଜପଥର କାର୍ଯ୍ୟ ୭ ବର୍ଷ ୮ ମାସ ହେଲା ନିର୍ମାଣ ଆରମ୍ଭ ହୋଇଥିବା ବେଳେ ୨୫ କିମି ବ୍ୟାପ୍ତ ଏହି ରାସ୍ତା କାମ ଅଦ୍ୟାବଧି ଅଧମ ହୋଇନି । ଏହି ରାଜପଥ ପାଇଁ ୨୦୧୫ ମସିହାରୁ ଲଢେଇ କରି ଆସୁଥିବା ସଚେତନ ନାଗରିକ ମଂଚ ପକ୍ଷରୁ ଆନ୍ଦୋଳନ ଓ ଅନଶନ ପାଇଁ ରବିବାର ଦିନ ଅନୁଷ୍ଠିତ ବୈଠକରେ ନିଷ୍ପତି ନିଆଯାଇଛି । ସୂଚାନ ମୁତାବକ ଚଣ୍ଡିଖୋଲ-ଡୁବୁରି ୫୩ ନମ୍ବର ଜାତୀୟ ରାଜପଥର ଦୋହରୀ କରଣ କାର୍ଯ୍ୟ ଦୀର୍ଘ ୭ବର୍ଷ ୮ମାସ ହେଲା ଆରମ୍ଭ ହୋଇଥିଲେ ମଧ୍ୟ ଏହା ସରିବାର ନାଁ ଧରୁନି ।

ଠିକା ସଂସ୍ଥା ଗେମନ ଇଣ୍ଡିଆ ଟେଣ୍ଡର ନେଇ ସ୍ଥାନୀୟ ଏକ ପେଟି ଠିକାସଂସ୍ଥା ଏମ୍‌ଏସ୍‌ଆଇଏଲ୍‌କୁ କାମ ଦେଇଛି । ହେଲେ ଠିକା ସଂସ୍ଥାର ମନମୁଖୀ ତଥା ବେପରୁଆ ନିତି ପାଇଁ ପାଖାପାଖି ୮ ବର୍ଷ ହେଲା ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏବେସୁଧା ଅଧାକାମ ହୋଇନାହିଁ । ଯାହା ଫଳରେ ଏହି




ରାଜପଥରେ ପ୍ରତ୍ୟହ ଦୁର୍ଘଟଣା ଘଟି ପ୍ରତିମାସରେ ହାରାହାରି ୫ ଜଣଙ୍କ ଜୀବନ ଯାଉଥିବା ବେଳେ ୨୦ ଜଣ ଆହତ ହେଉଥିବାର ଏକ ଆକଳନରୁ ଜଣାଯାଇଛି । ସମାନ ସମୟରେ ଆରମ୍ଭ ହୋଇଥିବା ଏହି ରାଜପଥର ଡୁବୁରି କାମାକ୍ଷାନଗର ରାସ୍ତା ଦେଢବର୍ଷ ହେଲା ପୂର୍ଣ୍ଣାଙ୍ଗ ହୋଇସାରିଥିବା ବେଳେ ଚଣ୍ଡିଖୋଲ ଡୁବୁରି ରାସ୍ତା ନିର୍ମାଣ କାହିଁକି ବିଳମ୍ବ ହେଉଛି ଏହା ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଏହି ରାଜପଥର ପାଇଁ ୨୦୧୫ ମସିହାରୁ ଲଢେଇ ଆରମ୍ଭ କରିଥିବା ସଚେତନ ନାଗରିକ ମଂଚ ପକ୍ଷରୁ ରବିବାର ଦିନ ଏକ ବୈଠକ ଡକାଯାଇ ଆନ୍ଦୋଳନ ଓ ଅନଶନ ନିଷ୍ପତି ନିଆଯାଇଛି । ଅପରପକ୍ଷରେ ସ୍ଥାନୀୟ ଲୋକେ ଆସନ୍ତା ଡିସେମ୍ବର ୯ ତାରିଖରେ ରାସ୍ତାରୋକ ପାଇଁ ଧମକ ଦେଇଥିବାର ଜଣାଯାଇଛି । ମଂଚର ଆବାହକ ସରୋଜକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ବେଣୁଧର ପଣ୍ଡା ମୁଖ୍ୟଅତିଥି ଏବଂ ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲ, ପରମାନନ୍ଦ ସାହୁ ବରିଷ୍ଠ ସଭ୍ୟ ମଳୟ କୁମାର ବଳ, ଶକ୍ତି ପ୍ରସାଦ ସାମନ୍ତ, ଦିପକ କୁମାର ଦାସ, ଯଶୋବନ୍ତ ସାହୁ, ସୌମ୍ୟ ରଂଜନ ସାହୁ, ଆଲୋକ ବେହେରା, ଅଶୋକ ଦାସ, ବସନ୍ତ ମଲିକ, ବାବୁଲି ରାଉତ, ପ୍ରଶାନ୍ତ କୁମାର ସାମଲ, ଆନନ୍ଦ ଚନ୍ଦ୍ର ପ୍ରଧାନ, ମିଥୁନ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ନିଜର ମତାମତ ରଖିବା ସହ ଆନ୍ଦୋଳନ ପାଇଁ ନିଷ୍ପତି ନେଇଥିଲେ । ଏହି ଆନ୍ଦୋଳନରେ ସଚେତନ ନାଗରିକ ମଂଚ ସହ ଏହି ରାଜପଥରେ ଘଟିଥିବା ଦୁର୍ଘଟଣାରେ ମୃତକଙ୍କ ପରିବାର ସ୍ଥାନୀୟ କଲେଜର ଛାତ୍ରଛାତ୍ରୀ, ଯୁବକ ସଂଘ, ବରିଷ୍ଠ ନାଗରିକ, ମହିଳା ସଂଗଠନ, ଟ୍ରକ୍ ମାଲିକ ସଂଘ ଏବଂ ଅନ୍ୟାନ୍ୟ ବହୁ ସଂଗଠନ ସାମିଲ ହେବା ପାଇଁ ପ୍ରତିଶୃତି ଦେଇଛନ୍ତି। ଏହା ପୂର୍ବରୁ ମଂଚ ପକ୍ଷରୁ ଗଠିତ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନ, ଏସ୍‌ପି, ଜାତୀୟ ରାଜପଥ କର୍ତୃପକ୍ଷ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବାପାଇଁ ମଧ୍ୟ ନିଷ୍ପତି ହୋଇଛି ।



ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ବିଲୁପ୍ତ ପ୍ରାୟ ଔଷଧିୟ ବୃକ୍ଷ ପ୍ରଦର୍ଶନୀ
ବିଶିଷ୍ଟ ଚିତ୍ରଶିଳ୍ପୀ ଓ ପରିବେଶବିତ୍ ସୁନାମଣି ସିଂଙ୍କୁ ଦିବ୍ୟଦିଗନ୍ତର ସମ୍ବର୍ଦ୍ଧନା

# ସିଧାମୂଳା ଆୟୁଷ ଓ ଆରୋଗ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଖଣ୍ଡପଡା,(ସବ୍ୟୁ):ଗ୍ରାମାଚଂଳ ବାସୀଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରାଯାଇଛି । ମାତ୍ର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମି ସୁଦୃଢ ଥିବା ସତ୍ତ୍ୱେ ଡ଼ାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ଅଂଚଳବାସୀ ଉତମ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେବା ପରିତାପର ବିଷୟ । ଏହିଭଳି ଏକ ଘଟଣାକ୍ରମେ ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମରେ ଅବସ୍ଥିତ ଆୟୁଷ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଟି ସ୍ଥାନୀୟ ଅଂଚଳବାସୀଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସପ୍ତାହର ଗୋଟିଏ ଦିନ କେବଳ ବୁଧବାର ଡ଼ାକ୍ତର ମନୋରଂଜନ ମୁଦୁଲି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଦେଖାଶୁଣା କରିବାକୁ ଆସୁଥିବା ବେଳେ ବାକି ସପ୍ତାହର ୬ ଦିନ ସ୍ୱାସ୍ଥ୍ୟକେନ୍ଦ୍ରଟି ଜଣେ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଜଣାପଡିଛି । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଅଂଚଳବାସୀ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହେଉଛି । ଆଜକୁ ବର୍ଷେ ହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଭାବେ କେହି ଡ଼ାକ୍ତର ରହୁ ନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡ଼ିଛି । ତେଣୁ ଜଣେ ସ୍ଥାୟୀ ଡ଼ାକ୍ତରଙ୍କୁ ଏଠାରେ ନିଯୁକ୍ତି ଦେବାକୁ ସିଧାମୂଳା ପଂଚାୟତବାସୀ ଦାବି କରିଛନ୍ତି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ଭାଗ ଅନାବନା ଗଛଲତାରେ ଭର୍ତୀ ହୋଇଥିବା ଯୋଗୁଁ ରୋଗୀ ଓ ତାଙ୍କ ସଂପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଯିବା ଆସିବାରେ ସମସ୍ୟାର ସମ୍ମୁଖିନ ହେଉଥିବା ଜଣାପଡିଛି । ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖ ଭାଗ ପରିଷ୍କାର କରିବା ନିମନ୍ତେ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ପରେ ବିଦ୍ୟୁତ ସଂଯୋଗୀକରଣ କରାଯାଇଛି । ମାତ୍ର ପାନୀୟ ଜଳର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପର୍ଯ୍ୟାପ୍ତ ପରିମାଣର ଔଷଧପତ୍ର ଯୋଗାଇ ଦିଆଯାଉଥିଲେ ହେଁ ଡ଼ାକ୍ତରଙ୍କ ଅଭାବ ଯୋଗୁଁ ଅଂଚଳବାସୀ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି । ତେଣୁ ଅଂଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଣେ ଦକ୍ଷ ଡ଼ାକ୍ତରଙ୍କୁ ସେଠାରେ ସ୍ଥାୟୀ ଭାବେ ନିଯୁକ୍ତି ଦେବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।

# ଦାଶରଥି ନାଟ୍ୟସଂସଦର ନାଟକ ଆଖି ଅବୁଝାକୁ ଲୁହ ଅବୁଝା ମଞ୍ଚସ୍ଥ

ନୂଆଗାଁ ,(ସବ୍ୟୁ) :ନୟାଗଡ ଜିଲ୍ଲା ନୂଆଗାଁ ସଦର ମହକୁମାରେ ଥିବା ବଣିକ ସଂଘର ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଶ୍ୟାମାକାଳୀ ପୂଜାର ଦ୍ୱିତୀୟ ରଜନୀରେ ଦାଶରଥି ନାଟ୍ୟସଂସଦ ତାର ୧୯ତମ ଅର୍ଘ୍ୟ ଆଖି ଅବୁଝା କୁ ଲୁହ ଅବୁଝା ନାଟକ ମଞ୍ଚସ୍ଥ କରିଥିଲା । ଉକ୍ତ ନାଟକ କୁ ନିର୍ଦେଶନା ଲିଟିଲ ମାଷ୍ଟର ଅରୁଣ କୁମାର ପଟ୍ଟନାୟକ ଦେଇଥିବା ବେଳେ ପ୍ରଯୋଜନା କରିଥିଲେ ହୃଦୟାନନ୍ଦ ଶାସମଲ । ନାଟକଟରେ ଶିବ, ବୁନୁ, ନିତୁନ, ହାଲୁ, କାବି,ଟିକି ସାରେ,ଟୁଟୁ, ଢୁଙ୍ଗ, ଗନି, ବିକି, ଚିଉ,ମାମା,ଝୁମୁରି, ବର୍ଷା,ପପିନା ପ୍ରମୁଖ ଅଭିନୟ କରିଥିଲେ । ମଞ୍ଚସ୍ଥ ନାଟକକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉଦଘାଟନ କରିଥିବା ବେଳେ ଦଶପଲ୍ଲା ବ୍ଲକ୍ ପୂର୍ବତନ ଅଧକ୍ଷ ଉପେନ୍ଦ୍ର ସାହୁ ,ନୂଆଗାଁ ବ୍ଲକ୍ ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା,ଜିଲ୍ଲା ବିଜେଡି ଉପ ସଭାପତି ଦିଲ୍ଲୀପ କୁମାର ଦଳ ବେହେରା,ଦଶପଲ୍ଲା ବ୍ଲକ୍ ବିଜେଡି ସଭାପତି ସୁଦାମ ଚରଣ ସାହୁ,ନୂଆଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପଦ୍ମନାଭ ପରିଡ଼ା,ସମାଜ ସେବୀ ଦାଶରଥି ପ୍ରଧାନ, କୋରଡ଼ା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୋଲଖ ବିହାରୀ ଗୋଛାୟତ,ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ନାଟକ ଆରମ୍ଭରୁ ତରଙ୍ଗ ଧାରାବାହିକ ଅଭିନେତ୍ରୀ ଆମିଷ ପତି (ତାରିଣୀ )ଲୋକ ମାନଙ୍କୁ ଉତ୍ସାହିତ କରିଥିଲେ ।ଉକ୍ତ ନାଟକିକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ ।

# ହାଟରେ ଲାଗିଲା ନିଆଁ : ପାଉଁଶ ହୋଇଗଲା ପନିପରିବା



ଡେଲାଙ୍ଗ,(ସବ୍ୟୁ) :ପୁରୀ ଜିଲ୍ଲା ଡେଲାଙ୍ଗ ପରିବା ହାଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ନିଆଁରେ ଜଳି ପୋଡ଼ି ପାଉଁଶ ହୋଇଯାଇଛି ହଜାର ହଜାର ଟଙ୍କାର ପନି ପରିବା। ବସ୍ତା ବସ୍ତା ଆଳୁ, ବାଇଗଣ,ସାରୁ, କଲରା, ଭେଣ୍ଡି, ପିଆଜ ଓ ରସୁଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଶନିବାର ରାତିରେ ବ୍ୟବସାୟୀମାନେ ବିକ୍ରି କରି ସାରିବା ପରେ ପରିବା ରଖି ଘରକୁ ଯାଇଥିଲେ।ବିଳମ୍ବିତ ରାତିରେ ପରିବା ହାଟରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। କେହି ଜଣେ ଦୁର୍ବୃତ୍ତ ପରିବା ହାଟରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ଡେଲାଙ୍ଗ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରଛି।

## ଟୀରମାଡ଼ରେ ହାତୀ ଗୁରୁତର

ବଡ଼ମ୍ବା,(ସବ୍ୟୁ): କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଶେରମୁଣ୍ଡା ବିଟ୍ ରଘୁପାଣି ବନ୍ଧ ନିକଟରେ ଏକ ହାତୀକୁ ତୀର ମାଡ଼ ହୋଇଛି। ହାତୀଟି ଦେହରେ ୨ଟି ତୀର ବାଜିଛି। ହାତୀଟିର ଦେହରେ ଗଭୀର କ୍ଷତ ହୋଇଛି। ତାର ଅବସ୍ଥା ଗୁରୁତର ରହିଛି।ହାତୀଟିକୁ ତୀର ମାଡ଼ ହୋଇଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଜଣାଇଥିଲେ।ପରେ ହାତୀଟିର ଚିକିତ୍ସା ପାଇଁ ଢେଙ୍କାନାଳ ଓ ନନ୍ଦନକାନନ ଟିମ୍ ପହଞ୍ଚିଛି।ଅନ୍ୟପକ୍ଷରେ ବନ ବିଭାଗ ହାତୀକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ଉଦ୍ୟମ ଚଳାଇଛି। ଟ୍ରାଙ୍କୁଲାଇଜ୍ ପରେ ହାତୀଟିର ଚିକିତ୍ସା କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଅନ୍ୟପକ୍ଷରେ କେହି ଶିକାରୀ ହାତୀଟିକୁ ତୀରମାଡ଼ କରିଥିବା ସନ୍ଦେହ କରୁଛି ବନ ବିଭାଗ।

# ଡାକ୍ତରଖାନାରେ ମିଳିଲାନି ସାପ କାମୁଡ଼ା ଇଞ୍ଜେକସନ: ଚାଲିଗଲା ମହିଳାଙ୍କ ଜୀବନ

ଟାଙ୍ଗୀ (ଖୋର୍ଦ୍ଧା), (ସବ୍ୟୁ) :ରବିବାର ଡାକ୍ତରଖାନାରେ ମିଳିଲାନି ସାପ କାମୁଡ଼ା ଇଞ୍ଜେକସନ।ଚାଲିଗଲା ମହିଳାଙ୍କ ଜୀବନ।ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରବଳ ଉତେଜନା ଦେଖାଦେଇଥିଲା ତେବେ ସେଠାରେ ସାମ୍ବାଦିକ,ପୋଲିସ,ସରପଞ୍ଚ ପହଞ୍ଚି ଉତେଜନାକୁ ରୋକିବା ସହିତ ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଘଟଣାରୁ ପ୍ରକାଶ ଟାଂଗୀ ଥାନା ଅଧିନସ୍ଥ ବଡପାରି ଗ୍ରାମର କେଶବ ମହାରଣାଙ୍କ ସହଧର୍ମିଣୀ ଅନସୂୟାଙ୍କୁ ରବିବାର ି ଭୋର ସମୟରେ ଏକ ନାଗ ସାପ ହାତକୁ କାମୁଡି ଦେଇଥିଲା ।ସଂଗେ ସଂଗେ ତାଙ୍କୁ ଟାଂଗୀ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାବଶ୍ୟକ ଔଷଧ,ଇଂଜେକସନ ଥିଲେ ମଧ୍ୟ ସମସ୍ତ ମେଡିସିନ ବାହାରୁ କିଣି ଆଣିବା ପାଇଁ ଜଣେ ଷ୍ଟାପ ନର୍ସ କହିବା ପରେ ସର୍ପାଘାତ ମହିଳାଙ୍କ ପରିବାର ଲୋକେ ମେଡିସିନ କିଣି ଆଣିବାକୁ ଯାଇଥିଲେ। ଚିକିତ୍ସା ଆରମ୍ଭ ପୂର୍ବରୁ ବିଷ ଦେହରେ ପ୍ରସାରଣ ନହେବା ପାଇଁ ବନ୍ଧା ଯାଇଥବା ହାତକୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରି ଖୋଲି ଦେଇଥିଲେ। ଏହି ସମୟରେ ମହିଳାଙ୍କ ଅବସ୍ଥାରେ ଅବନତି ହେବା ସହିତ ତାଙ୍କ ଆଖିକୁ ଆଉ ଦିଶୁନି ବୋଲି ସେ କହିଥିଲେ।ଏହି ସମୟରେ ବାହାରୁ ମେଡିସିନ ଆଣି ଚିକିତ୍ସା ଆରମ୍ଭ ପୂର୍ବରୁ ସଂପୃକ୍ତ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ମେଡିସିନ ନଥିବାରୁ ସର୍ପାଘାତ ମହିଳାଙ୍କ ମୃତ୍ୟୁ ହୋଇଥିବାରୁ ଉତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ବଡପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ପହଞ୍ଚି ଡାକ୍ତରଖାନାରେ ଜରୁରୀ କାଳିନ ଡାକ୍ତର ନଥିବା,ଆବଶ୍ୟକ ମେଡିସିନ ନଥିବା ତିରସ୍କାର କରିଥିଲେ। ତେବେ ସତ୍ୟାସତ୍ୟ ଜାଣିବା ପାଇଁ ଫାର୍ମାସିଷ୍ଟଙ୍କୁ ପଚରାଯିବାରେ ମେଡିସିନ ସବୁ ଆଭେଲେବୁଲ ଥିବା କହିଥିଲେ। ଏହି ଘଟଣା ଶୁଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବ୍ୟକ୍ତିମାନେ ପୁଣି ଉତେଜିତ ହୋଇଥିଲେ। ଘଟଣା ସ୍ଥଳକୁ ମେଡିକାଲ ସୁପରିନଟେଣ୍ଡେଣ୍ଟ ଡାକ୍ତର ସତ୍ୟରଂଜନ ନନ୍ଦଙ୍କୁ ଡକାଯାଇଥିଲା। ସେ ସ୍ୱାସ୍ଥ୍ୟକେନ୍ଦ୍ର ରେ ପହଞ୍ଚି ପ୍ରେସକ୍ରିପସନ ଅନୁସାରେ ମେଡିସିନ ମହଯୁଦ ଥିବା ସ୍ୱିକାର କରିଥିଲେ। ଏଭଳି ଅଭାବନିୟ ଘଟଣା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଘଟଣା ତଦନ୍ତ ଦାବି ଜୋର ଧରିଥିଲା। ଘଟଣାସ୍ଥଳରେ ସାମ୍ବାଦିକ,ଟାଂଗୀ ଥାନା ଜଣେ ଅଫିସର,ବଡପାରି ପଞ୍ଚାୟତ ସରପଞ୍ଚ ଶ୍ରୀ ଦାସ,କିଛି ଭଦ୍ରବ୍ୟକ୍ତି ପହଞ୍ଚି ସୁପରିନଟେଣ୍ଡେଣ୍ଟ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିବା ପରେ ଉତେଜନା ଥମିଥିଲା। ମୃତା ମହିଳାଙ୍କ ଶବ ଜବତ କରାଯାଇ ବ୍ୟବଛେଦ କରାଯାଇଥିବା ଜଣାପଡିଛି।

# ୧୨ରେ ଭକ୍ତ ଦାସିଆଙ୍କ ଜୟନ୍ତୀ ଉତ୍ସବ

ପିପିଲି,(ସବ୍ୟୁ) :ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଉତ୍ସବ ପବିତ୍ର ର୍କାକ ଶୁକ୍ଳପକ୍ଷଏକାଦଶୀ ତିଥିରେ ମଙ୍ଗଳବାର ଦିନ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠ, ପୁରୀ ଜିଲ୍ଲାର ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ମହା ସମାରୋହରେ ପାଳିତ ହେବ । ଭକ୍ତ ଦାସିଆ ସ୍ମୃତି କମିଟିର ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେଚଳିତ ବର୍ଷ ନଭେମ୍ବର ୧୨ ତାରିଖ ମଙ୍ଗଳବାର ଦିନ ଭକ୍ତ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରାତଃ ୬ ଘା ରୁସନ୍ଧ୍ୟା ୬ ଘା ପର୍ଯ୍ୟନ୍ତ ଅଖଣ୍ଡ ନାମ ସଂର୍କୀନ, ସମସ୍ତ ଦେବ ଦେବୀମାନଙ୍କ ନୂତନ ବସ୍ତ୍ର ପରିଧାନ, ସ୍ୱତନ୍ତ୍ରଦେବନିତୀ, ସଂନ୍ଧ୍ୟାରେ ଆୟୋଜିତ ସାଧାରଣ ସ୍ମୃତି ସଭାରେ ଆମନ୍ତ୍ରିତ ଅତିଥିମାନଙ୍କ ଅଭିଭାଷଣ, ଓଡ଼ିଶୀନୃତ୍ୟ ମାଧମରେ ଭକ୍ତ ଦାସିଆଙ୍କ ସଂଗୀତ ନୃତ୍ୟ ନାଟିକା, ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ସଭାରେ ଆର୍ଥିକ ବର୍ଷ ୨୦୨୩-୨୪ର ଅଡ଼ିଟ ରିପୋର୍ଟର ପାରିତ ହେବା ସହ ଚଳିତ ବର୍ଷ ଅକ୍ଟୋବର ମାସ ପର୍ଯ୍ୟନ୍ତ ଆୟ ବ୍ୟୟ ସମୀକ୍ଷା, ଭକ୍ତ ଦାସିଆଙ୍କ ପୀଠକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହେବା, ପର୍ଯ୍ୟଟନ ଯାତ୍ରୀବାହୀ ବସ ଚଳାଚଳ କରିବା, ୱେବସାଇଟ୍‌କୁ ସମୟାନୁର୍ବିତ କରାଯିବା ଆଦି ବିଭିନ୍ନ ପ୍ରସଙ୍ଗରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର ଉପସ୍ଥାପନ କରଥିଲେ। ଅନନ୍ୟ ବରିଷ୍ଠ ସଦସ୍ୟ ଡଃ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଡଃ ଚିରଞ୍ଜନ ମିଶ୍ର, ଅର୍ଜ୍ଜୁନ ଚରଣ ସାମଲ, ସରୋଜକୁମାର ସାହୁ, ଲାବଣ ଶବର, ଇଂ ରୋହିତ କୁମାର ସେଠୀ, ପଞ୍ଚାନନ ନାୟକ, ଡଃ ମନୋରଞ୍ଜନ ପଟ୍ଟନାୟକ,ଜୟପ୍ରକାଶ ମିଶ୍ର, ସଦାଶିବ ବିଶ୍ୱାଳ, ଗୋପାଳ ବଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଂପାଦକ ଡଃଘନଶ୍ୟାମ ସ୍ୱାଇଁ ସଭା ପରିଚାଳନା କରିଥିଲେ।

# ସେବାର ଅନ୍ୟ ନାମ ପବିତ୍ର

ନିରାକାରପୁର,(ସବ୍ୟୁ) : ସେବାର ଅନ୍ୟ ନାମ ପବିତ୍ର ବୋଲି ମଙ୍ଗଳବାର ଉପସ୍ଥିତ ଶ୍ରଦ୍ଧାଞ୍ଜଳି ସଭାରେ ଥିବା ଅତିଥିମାନେ ମତ ରଖିଥିଲେ। ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକ ଠାରେ ଅମୁଲ୍ୟ ବଳବନ୍ତରାୟଙ୍କ ଆବାହକ୍ ଓ କେଲୁ ଚରଣ ଜଗଦ୍ଦେବଙ୍କ ସଭାପତିତ୍ୱ ରେ ପବିତ୍ର ମୋହନ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପବିତ୍ର ଜଣେ ଚା ଦୋକାନୀ ହୋଇ ତାଙ୍କ ପାଖରେ ଯେଉଁ ସେବା ଓ ପରିବେଶ ସୁରକ୍ଷା ମନୋବୃତ୍ତି ଥିଲା ଏ ଅଂଚଳ ତାଙ୍କୁ ସର୍ବଦା ମନେ ରଖିବା ବରହମପୁର ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାଜନେତା ଠାରୁ ଆରମ୍ଭ କରି ଟ୍ରକ ଡାଇଭର ସମସ୍ତେ ଆଜି ପବିତ୍ରଙ୍କ ଆବର୍ତ୍ତମାନରେ ମନ ପକେଇବା ସଂଗେସଂଗେ ଦୁଃଖ ପ୍ରକାଶ କରଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ରଖିଥିଲେ। ସଭା ପରିଚାଳନା କରିଥିଲେ ଅଲ ଓଡିଶା ରିପୋରର୍ସ ଆସୋସିଏସନ ଖୋର୍ଦ୍ଧା ଜିଲ୍ଲା ସଭାପତି ଦୀପକ ପ୍ରଧାନ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସାମ୍ବାଦିକ ବିଭୁତି ଭୂଷଣ ଦାଶ, ଜଂକିଆ ପଞ୍ଚାୟତ ବିଜେପି ନେତା ଗତିକୃଷ୍ଣ ରାଉତରାୟ,ଅକ୍ଷୟ ଉଦୟସିଂହ,ସାମ୍ବାଦିକ ଦାଶରଥି ଶ୍ରୀଚନ୍ଦନ,ଚକ୍ରଧର ବାରିକ,ଅମ୍ବିକା ପ୍ରସାଦ ପଟ୍ଟନାୟକ,ପ୍ରକାଶ ଗୁମାନସିଂହ,ଦିଲୀପ ମହାରଥୀ,ବିଜୟ ରାଉତରାୟ,ଶାନ୍ତନୁ କୁମାର ଦାଶ, ଦିପୁ ପଣ୍ଡା ପ୍ରମୁଖ ସକ୍ରୀୟ ଅଂଶଗ୍ରହଣ କରିଥିଲେ । କେଦାର ସାହୁ ଧନ୍ୟବାଦ ଦେଇଥିଲେ।

# ଚୋରି ଘଟଣାରେ ୩ ଗିରଫ

ଆଠଗଡ (ସବ୍ୟୁ),ଖୁଣ୍ଟୁଣି ଥାନା ଅନ୍ତର୍ଗତ ରଙ୍ଗେଇ ମୌଜାର ରମାନଗର ସାଇ ମନ୍ଦିର ଠାରେ ଥିବା ଭେରାଇଟ ଷ୍ଟୋର ଦୋକାନରୁ ତାଲା ଭାଙ୍ଗି ଦୋକାନ ଭିତରେ ଥିବା ଗୋଟିଏ ମୋବାଇଲ, କିଛି ଟଙ୍କା ଏବଂ ପାନ ମସଲା ସହିତ ବିସ୍କୁଟ ଆଦି ଚୋରି କରି ଫେରାର ହୋଇଯାଇଥିଲେ। ଏହି ସମ୍ପର୍କରେ ଦୋକାନ ମାଲିକ ଖୁଣ୍ଟୁଣୀ ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ମନୁ ଓରଫ ମନୋଜ



ବସ୍ତିଆ, ସାଗର ଓରଫ ଦେବାଶିଷ ଦାସ, ବେଣୁ ଓରଫ ଗଣେଶ୍ୱର ବେହେରା। ସେମାନଙ୍କ ନିକଟରୁ ଦୋକାନରୁ ଚୋରୀ ହୋଇଥିବା ମୋବାଇଲ ଓ ୪୨୯୦ ଟଙ୍କା ଚୋରିରେ ବ୍ୟବହୃତ ଏକ ଲୁହା ଛଡ଼ ଓ କିଛି ଗୁଠଖା ସାମଗ୍ରୀ ଜବତ କରିଥିବା ଖୁଣ୍ଟୁଣି ଆଇଆଇସି ରବି ନାରାୟଣ ବେହେରା ସୂଚନା ଦେଇଛନ୍ତି।

# କ୍ରିଡା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାଲିପାଟଣା ,(ସବ୍ୟୁ) :ଓଡ଼ଖଣ୍ଡ ଉଚ୍ଚ ମାଧମିକ ବିଦ୍ୟାଳୟ ରେ କ୍ରୀଡା ଶିକ୍ଷକ ରୀୟାସ୍ ଅଲ୍ଲୀ ଖାନ୍ ଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ସାଗରୀକା ମହାନ୍ତି ସଭାପତିତ୍ୱ କରି ଆଭିମୁଖ୍ୟ ପ୍ରଦାନ କରିଥିଲେ ।ଓଡ଼ିଆ ଅଧ୍ୟାପକ ସତାପ ଉଦ୍ଦିନ୍ ଅହମ୍ମଦ ମଞ୍ଚ ସଂଯୋଜନା କରିବା ସହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଜୟଦେବ ର୍ନିବାଚନ ମଣ୍ଡଳୀ ବିଧାୟକ ନବ କିଶୋର ମଲ୍ଲିକ ଶ୍ରୀ ଅଲ୍ଲୀଙ୍କ ଅବସର କାଳୀନ ଆଗାମୀଦିନ ସୁଖମୟ ହେଉ ବୋଲି ଅଲ୍ଲାତାଲ୍ଲାଙ୍କର କୃପାଭିକ୍ଷା କରିବା ସଂଗେସଂଗେ ଛାତ୍ର ଛାତ୍ରୀମାନଙ୍କ ଭବିଷ୍ୟତ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ୬୬୨ ଶିକ୍ଷକ ସଂଗଠନର ସଭାପତି ଗୋଲକ ନାୟକ , ସଂପାଦକ ଡଃ ଗଗନ ବେଉରା ଓ ରାଜ୍ୟ ଉପସଭାପତି ଡଃ ତପନ କୁମାର ଜେନା ,ଡଃ ଜ୍ୟୋସ୍ନା ରାଣୀ ବସ୍ତିଆ , ବାଲିପାଟଣା ବ୍ଲକ୍ ଅଧକ୍ଷା ଶ୍ରୀମତୀ



ହରପ୍ରିୟା ଦାସ,ବିଜେଡି ସଭାପତି କିଶୋର କୁମାର ଜେନା , ଆଲୋକ ରାୟ ପ୍ରମୁଖ ବ୍ୟକ୍ତି ବିଶଷ,ଏହି ବର୍ଗର ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକ ପାତ କରିବା ସହ ଛାତ୍ର ଛାତ୍ରୀମାନଙ୍କ ଶୃଙ୍ଖଳା ପାଇଁ ଭରି ଭରି ପ୍ରଶଂସା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଅତନୁ କୁମାର ପଣ୍ଡା ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଇଂରାଜୀ ଅଧ୍ୟାପକ ଶ୍ରୀ ଚିତ୍ତ ରଂଜନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।ସର୍ବଶେଷରେ ଶ୍ରୀ ଅଲ୍ଲୀଙ୍କୁ ସମସ୍ତଅଧ୍ୟାପକ,ଅଧ୍ୟାପିକା,କର୍ମଚାରୀ ଓ ଛାତ୍ର ଛାତ୍ରୀମାନେ ବିରାଟ ପଟୁଆରରେ ତାଙ୍କ ବାସଭବନ ମୁକୁଳ ଦାସ ପୁର ଗ୍ରାମରେ ସମ୍ମାନେ ବିଦାୟ ଦେଇ ଆସିଥିଲେ।

## ଅଧୁରା ରହିଲା ଜଗା ଦର୍ଶନ : ଟ୍ରକ୍ ଧକ୍କାରେ ହବିଷ୍ୟାଳିଙ୍କ ମୃତ୍ୟୁ

ଟାଙ୍ଗୀ (ଖୋର୍ଦ୍ଧା) ,(ସବ୍ୟୁ) : ରବିବାର ଭୋର ୫ଟାରେ କୟଥ ପଲା ଗାଁର ୭ ଜଣ ହବିଷ୍ୟାଳି ଏକ ଅଟୋରେ ଜାଗା ଦର୍ଶନ ପାଇଁ ପୁରୀ ଯାଉଥିଲେ।ହେଲ ଟାଙ୍ଗୀ ଥାନା ଅଧିନସ୍ଥ ୧୬ ନଂ ଜାତୀୟ ରାଜପଥର ଚଣ୍ଡେଶ୍ୱର ଓ ଦିକ୍ଷିତପଡା ଗ୍ରାମର ମଝିରେ ଏକ ଯାତ୍ରୀବାହୀ ଅଟୋ ରିକ୍ସାର ପଛପଟକୁ ମାଲବାହୀ ଟ୍ରକ୍ ଧକା ଦେବାରୁ ଜଗା ଦର୍ଶନ ସେମାନଙ୍କର ଅଧୁରା ରହିଗଲା। ଟ୍ରକ୍ ଧକ୍କାରେ ଅଟୋ ବିସଥିବା ଜଣେ ମହିଳାଙ୍କ ମୃତ୍ୟୁ ହେବା ସହିତ ୪ ଜଣ ଗୁରୁତର ହୋଇ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି । ଧର୍ମମାସ ହୋଇଥିବାରୁ କାର୍ତିକରେ ପ୍ରଭୁ ଜଗନ୍ନାଥକୁ ଦର୍ଶନ କରିବା ପାଇଁ ଟାଙ୍ଗୀ ଥାନା କଇଥପଲା ଗ୍ରାମର ହବିଷ୍ୟାଳୀମାନେ ଅଟୋରେ ପୁରୀ ଯାଉଥିଲେ। ଏଥିରେ ୮ ଜଣ ଯାତ୍ରୀ ଥିଲେ ଛ ମୃତ ହବିଷ୍ୟାଳୀ ନାମ ହେଉଛି ରେଣୁବାଳା ସାମନ୍ତରାୟ (୬୦) । ଗୁରୁତର ଆହତ ଅଟୋ ଚାଳକ ମିଟୁ ସେଣ (୩୦), ଶଶୀ ଗୁମାନସିଂହ (୭୨), ଆଶାମଣି ସାମନ୍ତରାୟ (୬୫), ସଜନୀ ସାମନ୍ତରାୟ (୬୮) ।ଏଥିରେ ଥିବା ଜଣେ ବର୍ଷକର ଶିଶୁର କୌଣସି କ୍ଷତି ହୋଇନଥିବା ଜଣାପଡିଛି । ସମସ୍ତଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ସେଠାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଦିଆଯାଇଛି । ଖବର ପାଇ ଟାଙ୍ଗୀ ପୁଲିସ ଦୁର୍ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି । ହବିଷ୍ୟାଳୀମାନଙ୍କ ଏତାଦୃଶ ଶୋଚନୀୟ ଅବସ୍ଥା ଓ ଜଣଙ୍କର ମତ୍ୟୁ ଯୋଗୁ କଇଥପଲା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଝୁଲନ୍ତା ଅବସ୍ଥାରେ ଗଛରୁ ମୃତ ଦେହ ଉଦ୍ଧାର

ବାଙ୍କୀ,(ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ବରପୁଟ ଗ୍ରାମ ଗାଡିଆ ପୋଖରୀ ନିକଟରେ ଥିବା ଗଛରେ ଜଣେ ଯୁବକଙ୍କ ବେକରେ ରଶି ଲାଗି ଝୁଲୁ ଥିବାର ସ୍ଥାନୀୟ ଲୋକମାନେ ଦେଖିଥିଲେ। ଭୋର ସମୟରେ ପୋଖରୀକୁ ଯାଉଥିବା ଲୋକେ ବରପୁଟ ଗ୍ରାମର ରବୀନ୍ଦ୍ର ସ୍ୱାଇଁ (୩୩)ନାମକ ଯୁବକଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ।ଗ୍ରାମବାସୀ ମାନେ ଏହା ଦେଖି ବାଙ୍କୀ ଥାନାକୁ ଖବର ଦେଇଥିଲେ। ଖବର ପାଇ ବାଙ୍କୀ ପୋଲିସ ବହୁ ବିଳମ୍ବରେ ପହଞ୍ଚି ବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଆତ୍ମହତ୍ୟା ନା ହତ୍ୟା କାଣ୍ଡ କାରଣ ଅସ୍ପଷ୍ଟ ରହିଥିବା ବେଳେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି ପରେ ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି ବାଙ୍କୀ ପୋଲିସ। ମୃତ ଯୁବକ ଜଣକ ବିବାହିତ, ତାଙ୍କର ଧର୍ମ ପତ୍ନୀଙ୍କ ସହିତ ଦୁଇଟି ସନ୍ତାନ ଅଛନ୍ତି। ସେ ଅଟୋ ଚଳାଇ ରୋଜଗାର କରୁଥିଲେ। ତେବେ କାହିଁକି ସେ ଆତ୍ମ ହତ୍ୟା କଲେ ତଦନ୍ତ ପରେ ଘଟଣା ପଦାକୁ ଆସିବ।

# ପ୍ରଶାସନିକ ଅଧିକାରୀଙ୍କୁ ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା

ଟାଙ୍ଗୀ,(ସବ୍ୟୁ) :ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଡାକ୍ତର ମଧୁସୂଦନ ସେନାପତି, ଉପଦେଷ୍ଟା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ,, ଉପସଭାପତି ଡଃ ଚନ୍ଦ୍ର ଶେଖର ଦାଶ, ସୁରେନ୍ଦ୍ର କୁମାର ରାଉତ,ସହ ସଂପାଦକ ଶତ୍ରୁଘ୍ନ ପ୍ରଧାନ, ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ ପ୍ରମୁଖ ଯୋଗ ଦେଇ ଟାଙ୍ଗୀ ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତ ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ଲାଭ କରିଥିବା ୩ ଜଣ ରୁପାଲି ପାତ୍ର, ସୂର୍ଯ୍ୟ କାନ୍ତ ବୈରିଗଞ୍ଜନ, ଆଦ୍ୟାଶା ପରିଡ଼ା ଙ୍କୁ ଶୁଭ ଆର୍ଶୀବାଦ ପ୍ରଦାନ କରାଯିବା ସହ ଜଣେ ଜଣେ ଭଲ ପ୍ରଶାସନିକ ଅଧିକାରୀ ଭାବେ ସେବା କରିବା ଓ ନିଜ ପିତାମାତା ,ନିଜ ଜନ୍ମ ମାଟି ର ଟେକ ରଖିବାକୁ ପରାମର୍ଶ ଦେଇଥିଲେ।ମଞ୍ଚ ତରଫରୁ ମାନପତ୍ର, ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ତିନି ଜଣ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଛସଂପାଦକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମ ର ଉଦେଶ୍ୟ ଜ୍ଞାପନ କରିଥିଲେ। ସଂପାଦକ ରବୀନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ।।ପନ୍ୀ ଏହି ଅବସରରେ ନବାଗତ ପ୍ରଶାସନିକ



ଅଧିକାରୀଙ୍କ ଅଭିଭାବକ ଗୌରାଙ୍ଗ ପାତ୍ର, ମହାଲକ୍ଷ୍ମୀ ପାତ୍ର, ହାଡୁ ବନ୍ଧୁ ବାରିକ,ସୁଶମାବାଳା ବାରିକ, ବିରଞ୍ଚିନାରାୟଣ ପରିଡ଼ା, ଉଷାରାଣୀ ପରିଡ଼ା ଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲାଛ ବରିଷ୍ଠ ସଦସ୍ୟ ଲିଙ୍ଗରାଜ ସାହୁ, ଭାସ୍କର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ଜେନା ସ୍ୱରଚିତ କବିତା ପାଠ କରିଥିଲେଛ ନବାଗତ ଅଧିକାରୀ ମାନେ ସେମାନଙ୍କର ସଫଳତା ପାଇଁ ସଂଘର୍ଷ, ଦୈନନ୍ଦିନ ପାଠପଢା, ପିତାମାତା ଙ୍କ ଅନୁଶାସନ ସଂପର୍କ ରେ ମନ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ନବାଗତ ପ୍ରଶାସନିକ ଅଧିକାରୀ ମାନେ ପ୍ରଦାନ କରିଥିଲେ। ନାଗରିକ ମଞ୍ଚ ର ବରିଷ୍ଠ ସଦସ୍ୟ ଅରୁଣ ରଂଜନ ମହାନ୍ତି, ଉମେଶ ପ୍ରସାଦ ଧଳ,ବିଛନ୍ଦ ଜୟସିଂହ, ଦଣ୍ଡପାଣି ବେହେରା,ତାରା ପ୍ରସାଦ ପଟ୍ଟନାୟକ, ବାସୁଦେବ ସିଂ, ଘନଶ୍ୟାମ ମହାନ୍ତି, କୃଷ୍ଣ ଚନ୍ଦ୍ର ପ୍ରଧାନ, ପୂର୍ଣଚନ୍ଦ୍ର ଛୋଟରାୟ, ଦିଲିପ କୁମାର ନାଥ, ପ୍ରଭାକର ବିଶ୍ୱାଳ, ଲକ୍ଷ୍ମୀ ଧର ପାଇକରାୟ, ସୁକାନ୍ତ କୁମାର ରାଉତ, ସୁନିଲ କୁମାର ମହାନ୍ତି, ସାରଙ୍ଗଧର ପାଲଟା ସିଂ ପ୍ରମୁଖ ଉପସ୍ଥିତ ରହି ଥିଲେ। ଅଧ୍ୟାପିକା ସଂଘମିତ୍ରା ଦତ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ମାନେ ସହଯୋଗ କରିଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ବୈଠକ

ଗଣିଆ ,(ସବ୍ୟୁ):କେନ୍ଦ୍ର ତଥା ରାଜ୍ୟ ସରକାର ଗ୍ରାମାଚଂଳରେ ବସବାସ କରୁଥିବା ଜନସାଧାରଣଙ୍କ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଅନେକ ଅନୁଦାନ ସହ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ସମ୍ପର୍କୀତ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଏଥି ନିମିତ ପ୍ରତିବର୍ଷ ଜନ ଆରୋଗ୍ୟ ସମିତି ବୈଠକ ଆୟୋଜନ କରାଯାଇ ସାମ୍ଭାବ୍ୟ ବ୍ୟୟ ଅଟକଳ ସହ ଖର୍ଚ୍ଚ ହିସାବ କରାଯାଉଅଛି । ହେଲେ ଏହି ବୈଠକ କେବଳ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ , ନିର୍ବାଚିତ ଲୋକ ପତିନିଧି ଓ କେତେକ ସ୍ଥାନୀୟ ଲୋକଙ୍କ ଆଲୋଚନାରେ ସୀମିତ ହୋଇ ରହୁଅଛି । ଗଣିଆ ବ୍ଲକ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ପୂର୍ବାହ୍ନରେ ଗଣିଆ ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରାଙ୍କ ଅଧକ୍ଷତାରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ରାଜେନ୍ଦ୍ର ପ୍ରସାଦ ଦଳେଇ, ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଡା. ମଧୁସୂଦନ ଦାସ, ଡା ବିଦ୍ୟୁଲତା ଦାଶ, ଫାର୍ମାସି ଅଫିସର ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାନୀୟ ଜଳ ପାଇଁ ଏକ ବୋରୱେଲ ଖୋଳାଯିବା ସହ ହାଇମାସ୍କ ଲାଇଟ ଲଗାଇବା ପାଇଁ ଗତ ୨ବର୍ଷ ଆଲୋଚନା ହେଉଥିଲେ ମଧ୍ୟ ଏହାର ଅଗ୍ରଗତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ଖୋଦ୍ ବୈଠକର ଅଧକ୍ଷ ଜିଲ୍ଲା ପରିଷଦ ସଭ୍ୟ ବିଗତ ବର୍ଷ ଗୁଡିକ ପରି ଚଳିତ ବର୍ଷ ମଧ୍ୟ ବୋରୱେଲ ଓ ହାଇମାସ୍କ ଲାଇଟ ପାଇଁ ଜିଲ୍ଲାପରିଷଦ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯିବ ବୋଲି ପ୍ରତିଶୃତି ଦେଇଥିବା ଜଣାପଡିଛି । ଅନ୍ୟପରି ସ୍ୱାସ୍ଥ୍ୟକେନ୍ଦ୍ରର ଗୋଟିଏ ମାତ୍ର ଗେଟ୍ ଦେଇ ରୋଗୀଙ୍କ ସମେତ ଏଠାରେ ରହିଥିବା ୧୦୮ ଆମ୍ବୁଲାନ୍ସ ଯାତାୟତ ପାଇଁ ଅନେକ ସମୟରେ ସମସ୍ୟା ଦେଖାଦେଉଛି । ତେବେ ୧୦୮ ଆମ୍ବୁଲାନ୍ସ ଯାତାୟତ ପାଇଁ ଏକ ନୂତନ ଫାଟକ ନିର୍ମାଣ ସହ ରୋଗୀଙ୍କ ପାଇଁ ବିଶ୍ରାମସ୍ଥଳ , ବିଶୁଦ୍ଧ ପାନୀୟ ଜଳ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨ଲକ୍ଷ ୯୩ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ତେବେ ଅନ୍ୟପରି ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୧୩ କିଲୋମିଟର ଦୂରରେ ଥିବା ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଦିବାସୀ ପ୍ରବଣ ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଚାଂୟତର ଜନସାଧାରଣ ନିର୍ଭର କରିଥାନ୍ତି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଡାକ୍ତରଙ୍କ ପାଇଁ ଆବଶ୍ୟ କ୍ୱାର୍ଟର ନଥିବାରୁ ନିଯୁକ୍ତି ପାଇଥିବା ୨ଜଣ ଡାକ୍ତର ଗଣିଆରେ ରହୁଥିବା ଜଣାପଡିଛି । ରବିବାର ବ୍ୟତୀତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଖୋଲାରହୁଥିବା ବେଳେ ଅନ୍ୟ ସମୟରେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରୁନାହାଁନ୍ତି । ଏପରିକି ୧୦୮ ଆମ୍ବଲାନ୍ସରେ କୌଣସି ଲୋକ ଗୁରୁତର ଅବସ୍ଥାରେ ଆସୁଥିଲେ ୧୨ଟା ପରେ ଏଠାରେ ଚିକିତ୍ସା ସେବା ପାଇ ପାରୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ସହ ଲୋକଙ୍କୁ ଦୈନିକ ୮ଘଣ୍ଟା ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସ୍ଥାନୀୟ ଅଚଂଳବାସୀଙ୍କ ତରଫରୁ ଦାବୀ ହେଉଅଛି । ସେହିପରି ଆଉକଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲା ପରିଷଦ ସଭ୍ୟଙ୍କ ସଭାପତିତ୍ୱରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡା. ସୁନିଲ କୁମାର ଦଳେଇ ଓ ଫାର୍ମାସି ଅଫିସର ଦୀନବନ୍ଧୁ ପୃଷ୍ଟିଙ୍କ ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପାନୀୟ ଜଳ, ସ୍ୱାସ୍ଥ୍ୟ ଉପକରଣ ପରି ବିଭିନ୍ନ ସମସ୍ୟା ସମାଧାନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୩୪)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )

ମୃତ୍ୟୁ ସର୍ବହରଶ୍ଚାହମୁଦ୍‌ଭବଶ୍ଚ ଭବିଷ୍ୟତାମ୍ ।
କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ।।୩୪।।

ସଂହାରକର୍ତ୍ତାମାନଙ୍କ ମଧ୍ୟରେ ମୁଁ ସର୍ବସଂହାରକ ମୃତ୍ୟୁ, ଆଗାମୀ କଳ୍ପରେ ମୁଁ ପ୍ରାଣୀମାନଙ୍କ ଉଦ୍ଭବସ୍ୱରୂପ, ଆଉ ନାରୀମାନଙ୍କ ମଧ୍ୟରେ ମୁଁ କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା,ଧୃତି, କ୍ଷମା- ଏହି ପୁରାଣପ୍ରସିଦ୍ଧ ମାତୃଦେବତା ।।୩୪।।

# ଚର୍ଚ୍ଚାରେ ଆମେରିକା ନିର୍ବାଚନ

ସମ୍ପାଦକୀୟ

ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଶେଷ ପର୍ଯ୍ୟାୟରେ ପ୍ରବେଶ କରିଛି । ଆମେରିକାର ଶୀର୍ଷ ପଦବୀ ପାଇଁ ଡେମୋକ୍ରାଟିକ୍ ପ୍ରାର୍ଥୀ କମଲା ହ୍ୟାରିସ୍ ଏବଂ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ପ୍ରତିଯୋଗୀତା ଖୁବ୍ ସଂଘର୍ଷପୂର୍ଣ୍ଣ ହେବାରେ ଲାଗିଛି । ସାମ୍ପ୍ରତିକ ଇତିହାସର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦିତା ପାଇଁ ମଞ୍ଚ ପ୍ରସ୍ତୁତ ହେଇସାରିଛି ଏବଂ ନଭେମ୍ବର ୫ ରେ ମତଦାନ ଅନୁଷ୍ଠିତ ହେବ । ନିର୍ବାଚନ ଦିନ ପୂର୍ବରୁ ୪୧ ମିଲିୟନରୁ ଅଧିକ ଆମେରିକୀୟ ନିଜର ମତଦାନ କରିସାରିଛନ୍ତି । ହ୍ୱାଇଟ ହାଉସ ପାଇଁ ଏଥରର ପ୍ରତିଯୋଗିତା ଏକ ଅସାଧାରଣ ପ୍ରତିଯୋଗିତା ବୋଲି କୁହାଯାଉଛି, ତେଣୁ ଏହାର ଫଳାଫଳ ପାଇଁ ଖାଲି ଆମେରିକା ନୁହେଁ ସମଗ୍ର ବିଶ୍ୱ ଅପେକ୍ଷା କରିଛି । ରାଷ୍ଟ୍ରପତି ନିର୍ବାଚନରେ ଆମେରିକୀୟମାନେ ସେମାନଙ୍କ ପସନ୍ଦ କଣ, ତାହା ସ୍ପଷ୍ଟ କରିବେ ଯାହା ଖାଲି ଆମେରିକା ନୁହେଁ, ସାରା ବିଶ୍ୱ ବ୍ୟବସ୍ଥା ଉପରେ ପ୍ରଭାବ ବିସ୍ତାର କରିବ । ଯଦି କମଲା ହ୍ୟାରିସ୍ ଜିତନ୍ତି, ତା'ହେଲେ ବାଇଡେନ ପଦାଙ୍କ ଅନୁସରଣ କରିବେ ନା ନାହିଁ, ତାହା ଏକ ପ୍ରଶ୍ନବାଚୀ । କିନ୍ତୁ ଆଶା କରିବା, ଏହିଭଳି ଏକ ଅସ୍ଥିର ସମୟରେ, ସେ ବର୍ତ୍ତମାନର ନୀତିରେ ଅଧିକ କିଛି ପରିବର୍ତ୍ତନ କରିବେ ନାହିଁ । ଆଉ ଡୋନାଲ୍ଡ ଟ୍ରମ୍ପ ବିଜୟୀ ହେଲେ, ବିଶ୍ୱ ନୁହେଁ, ଆମେରିକୀୟତା ହିଁ ପ୍ରାଧାନ୍ୟ ପାଇବ । ଆମେରିକା ସ୍ୱାର୍ଥକୁ ସେ ସବୁବେଳେ ଗୁରୁତ୍ୱ ଦେବେ । ତେବେ, ସମୟ ବଦଳିବାରେ ଲାଗିଛି । ଆମେ ଏପରି ଏକ ସମୟରେ ଆସି ପହଞ୍ଚି ଯାଇଛେ, ଯେଉଁଠାରେ ବିଶ୍ୱ ରାଜନୀତିରେ ଆମେରିକାର ପ୍ରଭାବକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହେଇସାରିଛି । ବହୁ ଦେଶ ଆମେରିକା ଉପରେ ଆଉ ନିର୍ଭରଶୀଳ ନୁହନ୍ତି । ଗାଜା, ୟୁକ୍ରେନ ଓ ଅନ୍ୟାନ୍ୟ ସ୍ଥାନରେ ଘଟିଥିବା ଭୟଙ୍କର ଯୁଦ୍ଧରେ, ୱାଶିଂଟନର ଭୂମିକାକୁ ନେଇ ଅସହଜ ପ୍ରଶ୍ନ ସୃଷ୍ଟି ହେଉଛି ଏବଂ ଆମେରିକାକୁ ଖୋଲାଖୋଲି ଭାବରେ କେତେକ ଦେଶ ସମାଲୋଚନା କରୁଛନ୍ତି । ଏହା ପରେ ମଧ୍ୟ, ବିଶ୍ୱ ଅର୍ଥନୀତି, ରାଜନୀତିରେ ଆମେରିକାର ଗୁରୁତ୍ୱ ରହିଛି, ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । କିଏ ଜିତିଲେ, ବିଶ୍ୱ ରାଜନୀତି କି ପ୍ରକାର ମୋଡ ନେବ, ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ୟୁରୋପିଆନ ୟୁନିଅନ୍‌ର ବୈଦେଶିକ ବ୍ୟାପାର ମୁଖ୍ୟ ଜୋସେପ ବୋରେଲ ଚେତାବନୀ ଦେଇ କହିଛନ୍ତି ଯେ ୟୁରୋପ ସମ୍ଭାବ୍ୟ ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କରିବା ଉଚିତ: ୱାଶିଂଟନରେ କିଏ ଶାସନ କରୁଛନ୍ତି, ତାହା ଉପରେ ନିର୍ଭର କରି ଆମେ ଆମେରିକାର ସମର୍ଥନ ଉପରେ ତଥା ଆମେରିକାର ସୁରକ୍ଷା ଉପରେ ନିର୍ଭର କରିପାରିବୁ ନାହିଁ । ସପ୍ତାହେ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ନାଟୋ ଦେଶ ଉପରେ ଆକ୍ରମଣ କରିବାକୁ ସେ ରୁଷିଆକୁ ଉତ୍ସାହିତ କରିବେ । ତେଣୁ ଟ୍ରମ୍ପ ରାଷ୍ଟ୍ରପତି ହେଲେ ନାଟୋ ସହ ଆମେରିକାର ସମ୍ପର୍କରେ ତିକ୍ତତା ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ଯୁକ୍ତରାଷ୍ଟ୍ରର ଉପରାଷ୍ଟ୍ରପତି ତଥା ରାଷ୍ଟ୍ରପତି ପ୍ରାର୍ଥୀ କମଲା ହ୍ୟାରିସ୍ କହିଥିଲେ ଯେ' ଯଦି ସେ ରାଷ୍ଟ୍ରପତି ହୁଅନ୍ତି ତେବେ ସେ ନାଟୋ ସହଯୋଗୀ ତଥା ୟୁକ୍ରେନକୁ ସମର୍ଥନ ଦେବେ । ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ବିବାଦ ଓ ଯୁଦ୍ଧ ୨୦୨୪ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପ୍ରଚାରର ଏକ କେନ୍ଦ୍ରୀୟ ତଥା ବିବାଦୀୟ ପ୍ରସଙ୍ଗ ପାଲଟିଛି । ଏହି ଯୁଦ୍ଧ, ଯେଉଁଥିରେ ଏକ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି କିମ୍ବା ଗୁରୁତର ଆହତ ହୋଇଛନ୍ତି, ତାହା ଶେଷ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ । କମଲା ହ୍ୟାରିସ୍ ତାଙ୍କ ପୂର୍ବର ନୀତି ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ, ଯେଉଁଥିରେ ୟୁକ୍ରେନକୁ ସାମରିକ, ଅର୍ଥନୈତିକ ଏବଂ ରାଜନୈତିକ ସ୍ତରରେ ସମର୍ଥନ କରିବା ଏବଂ ରୁଷିଆ ଉପରେ ଲାଗିଥିବା ପ୍ରତିବନ୍ଧକକୁ ବଜାୟ ରଖିବା ଅନ୍ତର୍ଭୁକ୍ତ । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି ଯେ ଏହି ଯୁଦ୍ଧରେ ୟୁକ୍ରେନ ନିଶ୍ଚିତ ଜିତିବ ଏବଂ ରୁଷିଆ ହାରିବ । ଯଦି ସେ ରାଷ୍ଟ୍ରପତି ଥାଆନ୍ତେ ତେବେ ଯୁଦ୍ଧ ଆରମ୍ଭ ହୋଇ ନଥାନ୍ତା ବୋଲି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ତେଣୁ ଟ୍ରମ୍ପ ବିଜୟୀ ହେଲେ, ୟୁକ୍ରେନ ସବୁଠୁ ଅଧିକ ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଛି । ଭ୍ଲାଡିମିର ପୁଟିନଙ୍କ ସହ ତାଙ୍କର ସମ୍ପର୍କ ଉଣାଅଧିକେ ଭଲ, ତେଣୁ ରୁଷିଆ-ୟୁକ୍ରେନ ଯୁଦ୍ଧରେ ତାଙ୍କର ସହାନୁଭୂତି ରୁଷିଆ ସପକ୍ଷରେ ଯିବ ବୋଲି କୁହାଯାଉଛି । ଏହି ଯୁଦ୍ଧ ପାଇଁ ସେ ଭୋଲୋଡିମିର ଜେଲେନସ୍କିଙ୍କୁ ଦାୟୀ କରିଛନ୍ତି । ଟ୍ରମ୍ପଙ୍କ ସାଥୀ ଜେଡି ଭାନ୍ସ ୟୁକ୍ରେନକୁ ତୁରନ୍ତ ସହାୟତା ବନ୍ଦ କରିବାକୁ ଅନୁରୋଧ କରିଛନ୍ତି । ମଧ୍ୟ-ପୂର୍ବ ପ୍ରସଙ୍ଗରେ, ଉଭୟ ହ୍ୟାରିସ ଓ ଟ୍ରମ୍ପଙ୍କ ଆଭିମୁଖ୍ୟ କଣ ହେବ, ତାହା ମଧ୍ୟ ବିଶ୍ୱ ରାଜନୀତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଲେବାନନ ଓ ମଧ୍ୟ-ପ୍ରାଚ୍ୟରେ କିପରି ଶାନ୍ତି ଫେରିଆସିପାରିବ, ସେ ଦିଗରେ ଡୋନାଲ୍ଡ ଟ୍ରମ୍ପ ଆଗ୍ରହ ପ୍ରକାଶ କରିଛନ୍ତି । ତେଣୁ, ଆଶାକରିବା, ଏ ଦିଗରେ ଟ୍ରମ୍ପଙ୍କ ପଦକ୍ଷେପ, ବାଇଡେନ୍ ଓ କମଲା ହ୍ୟାରିସ୍‌ଙ୍କ ଠାରୁ ଭିନ୍ନ ହେବ । ବାସ୍ତବରେ, ଟ୍ରମ୍ପ ମଧ୍ୟ-ପୂର୍ବ ପ୍ରସଙ୍ଗରେ କି ପ୍ରକାର ଆଭିମୁଖ୍ୟ ଗ୍ରହଣ କରିବେ, ତାହା ସେ ସମୟର ପରିସ୍ଥିତି ଉପରେ ହିଁ ନିର୍ଭର କରେ । ତୁଳନାତ୍ମକ ଭାବରେ, ଟ୍ରମ୍ପ ଅଧିକ କ୍ରିୟାଶୀଳ ହେବେ ଯାହା ହୁଏତ ବିଶ୍ୱ ଶାନ୍ତି ପାଇଁ ସହାୟକ ହେଇ ନ ପାରେ । ଟ୍ରମ୍ପ ଏବଂ ହ୍ୟାରିସଙ୍କ ଚୀନ ନୀତି କଣ ହେବ, ତାହା ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ସମ୍ପାଦକୀୟ ବୋର୍ଡ ସହିତ କଥାବାର୍ତ୍ତା କରି ଟ୍ରମ୍ପ କହିଛନ୍ତି ଯେ ଯଦି ସେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି ଏବଂ ଚୀନ ତାଇୱାନକୁ ଅବରୋଧ କରିବାକୁ ଚେଷ୍ଟା କରେ, ତେବେ ସେ ଚୀନ୍ ଉପରେ ଶୁଳ୍କ ବୃଦ୍ଧି କରିବେ । ପ୍ରଚାର ଅଭିଯାନ ସମୟରେ, ରିପବ୍ଲିକାନ୍ ପ୍ରାର୍ଥୀ ସ୍ପଷ୍ଟ କରିଛନ୍ତି ଯେ' ଆମେରିକାର ଶତ୍ରୁମାନେ ଆମେରିକାର ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରିବେ ନାହିଁ । କାରଣ ସେମାନେ ଏକ ଶକ୍ତିଶାଳୀ, ଏପରିକି ଅପ୍ରତ୍ୟାଶିତ ପ୍ରତିକ୍ରିୟାକୁ ଭୟ କରିବେ । ତେଣୁ କିଏ ଆମେରିକାର ରାଷ୍ଟ୍ରପତି ହେବ, ତାହା ଉପରେ ଆଗାମୀ ଦିନର ବିଶ୍ୱ ବ୍ୟବସ୍ଥା ଅନେକଟା ନିର୍ଭର କରେ । ଅନ୍ୟପକ୍ଷରେ ଯିଏ ବି ଆମେରିକାର ରାଷ୍ଟ୍ରପତି ହୁଅନ୍ତୁ ନା କାହିଁକି, ସକାରାତ୍ମକ ମନୋଭାବ ସହିତ ବିଶ୍ୱରେ ଚାଲିଥିବା ଅସ୍ଥିରତା, ବିବାଦ ଓ ଯୁଦ୍ଧକୁ ସମାପ୍ତ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ, ଯାହା ଧ୍ୱଂସାଭିମୁଖୀ ମାନବ ସଭ୍ୟତାକୁ ସୁରକ୍ଷା ଦେବା ସହିତ, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଅର୍ଥନୈତିକ ଓ ସାମାଜିକ ଅସମାନତା ପରି ବଡ ବଡ ଶତ୍ରୁ ସହ ଲଢ଼େଇରେ ସହାୟକ ହେବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଆହରଣ ଓ ବିତରଣ



ଯଚିଦାନନ୍ଦ ଦାଶ

ସୃଷ୍ଟାଙ୍କ ନିୟମ ଅନୁସାରେ ଯେଉଁଠି ଆହରଣର ଦର୍ଶନତତ୍ତ୍ୱ ରହିଛି, ସେଠି ବିତରଣର ତତ୍ତ୍ୱ ମଧ୍ୟ ରହିଛି । ସ୍ୱର୍ଗାଲୋକର ଜଳ ଆହରଣ ଠାରୁ ବାୟୁର ସୁଗନ୍ଧ ଆହରଣ କେବଳ ନିଜର ସମୃଦ୍ଧି ପାଇଁ ନୁହେଁ, ବରଂ ବିତରଣ କରିବାର ସୁପ୍ରୟାସକୁ ମଧ୍ୟ ଦର୍ଶାଇଥାଏ । ପୃଥିବୀର ମନୁଷ୍ୟଠାରୁ ଆରମ୍ଭ କରି ଛୋଟ ଜୀବଟିଏ ପର୍ଯ୍ୟନ୍ତ ସମସ୍ତେ ନିଜର ଆହରଣ ଖୋଜିବାରେ ବ୍ୟସ୍ତ ।

ମଣିଷ ତାର ଜୀବନ ବଞ୍ଚାଇବା ପାଇଁ ଖାଦ୍ୟର ଆହରଣ କରିଥାଏ । ଚାକିରି କରି ପଇସା ରୋଜଗାର କରିବା ପରୋକ୍ଷରେ ଏକ ଆହରଣ ପ୍ରକ୍ରିୟା । କାଠୁରିଆଟିଏ ଜଙ୍ଗଲରୁ କାଠ ସଂଗ୍ରହ କରିବା ମଧ୍ୟ ଆହରଣର ଏକ ପ୍ରକ୍ରିୟା । ପଶୁପକ୍ଷୀଙ୍କର ଖାଦ୍ୟ ଅନ୍ୱେଷଣ ଆହରଣର ଏକ ଜ୍ୱଳନ୍ତ ଉଦାହରଣ । ବ୍ୟକ୍ତିଟିଏ ଗୋଟିଏ ପରିବାରରେ ମୁଖ୍ୟକର୍ତ୍ତାର ଆସନ ଗ୍ରହଣ କରି ଅର୍ଥାତ୍, ଚାକିରି ବା ବ୍ୟବସାୟରେ ନିଜକୁ ନିୟୋଜିତ କରି ଉକ୍ତ ପରିବାର ନିମନ୍ତେ ଅର୍ଥ ଆହରଣ କରେ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ତାହା ବିଭିନ୍ନ ମାଧ୍ୟମରେ ବିତରଣ ମଧ୍ୟ କରିଥାଏ । ଅର୍ଥାତ୍ ଯେଉଁଠି ଆହରଣ ଅଛି, ସେଠାରେ ବିତରଣ ଅଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅର୍ଜନ ହେଲା ଜ୍ଞାନ ଆହରଣ । ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ତାର ବିତରଣ ନିହାତି ଜରୁରୀ । ବିତରଣ ନ ଥିଲେ ଜ୍ଞାନର କୌଣସି ମୂଲ୍ୟ ନ ଥାଏ ।

ଉପରୋକ୍ତ ଆଲୋଚନାରୁ ଆମେ ଏଇ ସିଦ୍ଧାନ୍ତରେ ଉପନୀତ ହେଉ ଯେ, ମଣିଷ ଯେ କି ଏ ସଂସାର ଶ୍ରେଷ୍ଠ ଜୀବ, ଜୀବନରେ ଖାଲି ବିଭିନ୍ନ ମାଧ୍ୟମରୁ ଆହରଣ କରିଚାଲିଛି । ମାତ୍ର ବିତରଣ ପ୍ରକ୍ରିୟା ଏକ ଭିନ୍ନ ରୂପ ନେଉଛି । ବିତରଣ ନେଇ ଏକ ଛୋଟ ଉଦାହରଣଟିଏ ନେବା । ଯଦି ଗୋଟିଏ ପରିବାରର ମୁଖ୍ୟ ନିଜେ ରୋଜଗାର କରି ନିଜ ଖୁସି ଦେଖିବାରେ ବ୍ୟସ୍ତ ରହେ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ କଥା ବୁଝେ ନାହିଁ ବା ଅର୍ଜିତ କରୁଥିବା ଅର୍ଥକୁ ଅନ୍ୟମାନଙ୍କ ମଧ୍ୟରେ ବିତରଣ ବା ବିନିଯୋଗ କରେ ନାହିଁ, ସେପରି ଲୋକ ପ୍ରକୃତ ସୁଖ ପାଇବାରୁ ବଞ୍ଚିତ ହୋଇଥାଏ ।

ବିଦ୍ୟାଳୟରେ ଶିକ୍ଷକ ଆହରଣ କରିଥିବା ଜ୍ଞାନକୁ ଶିକ୍ଷକତା ମାଧ୍ୟମରେ ଛାତ୍ରମାନଙ୍କ ମଧ୍ୟରେ ବିତରଣ କରିଥାନ୍ତି । ଠାକୁରଙ୍କୁ ସମର୍ପଣ କରାଯାଇଥିବା ଭୋଗ, ଠାକୁର ଆହରଣ କଲାପରେ ସାଧାରଣତଃ ଲୋକଙ୍କ ମଧ୍ୟରେ ବିତରଣ କରାଯାଇଥାଏ । କେତେକ କ୍ଷେତ୍ରରେ ସବୁକିଛିକୁ ଜାବୁଡ଼ି ଧରିବାର ମାନସିକତା ରଖିଥାଏ ମଣିଷ । ଫୁଲ ଯଦି ମହକ ବିତରଣ ନ କରେ, ନା ମଧୁମକ୍ଷୀ ଫୁଲ ଆକର୍ଷିତ ହେବେ, ନା ତା ଭିତରେ ଥିବା ମଧୁରତାର ସଦୁପଯୋଗ ହୋଇପାରିବ । ଦୁଃଖକୁ ମନ ଭିତରେ ଧରି ନ ରଖି ଯଦି ଅନ୍ୟ ବନ୍ଧୁମାନଙ୍କ ମଧ୍ୟରେ ବିତରଣ କରାଯାଏ, ତା' ହେଲେ ଦୁଃଖ କେତେକାଂଶରେ ଲାଘବ ହୋଇଯାଏ । ଠିକ୍ ସେହିପରି ସୁଖଦ ଅବସ୍ଥାରେ ଅନ୍ୟକୁ ସାମିଲ ନ କଲେ ବା ଅନ୍ୟମାନଙ୍କ ମଧ୍ୟରେ ସୁଖକୁ ବିତରଣ ନ କଲେ, ସୁଖ କ୍ଷଣସ୍ଥାୟୀ ମନେ ହୋଇଥାଏ । ବେଳେ ବେଳେ ମିଥ୍ୟା ଘଟଣାଟିଏ ମୁଖରୋଚକ ହୋଇ ଖୁବ୍ ଶୀଘ୍ର ବିତରଣ ହୋଇଥାଏ । ଏହା ଏତେ ପରିମାଣରେ ବିତରଣ ହୋଇଥାଏ ଯେ, ମିଥ୍ୟାଟାକୁ ସତ ବୋଲି ଲୋକେ ମନେ କରି ନିଅନ୍ତି । ଧର୍ମଠାରୁ ଜାତିବାଦ ପର୍ଯ୍ୟନ୍ତ ଏମିତି ଅନେକ ତତ୍ତ୍ୱ ଅଛି, ଯାହାର ବିତରଣ ବଳପୂର୍ବକ କରାଯିବା ଉଚିତ ନୁହେଁ । ବିତରଣ ଏକ ସୁଖଦ ପ୍ରକ୍ରିୟା ଉଭୟ ବିତରକ ଓ ବିତରଣ ଗ୍ରହଣ କରୁଥିବା ମଣିଷ ପାଇଁ । ଏଥିସଙ୍ଗେ ଆମେ କେବେହେଲେ ଅସ୍ୱୀକାର କରିପାରିବନି ଯେ, ସୁଗୁଣର ବିତରଣ ଅନ୍ୟ ଲୋକଟିର ଦୁର୍ଗୁଣକୁ ଅନେକାଂଶରେ ଲୋପ କରିଥାଏ ।

***ଦୁଃଖକୁ ମନ ଭିତରେ ଧରି ନ ରଖି ଯଦି ଅନ୍ୟ ବନ୍ଧୁମାନଙ୍କ ମଧ୍ୟରେ ବିତରଣ କରାଯାଏ, ତା' ହେଲେ ଦୁଃଖ କେତେକାଂଶରେ ଲାଘବ ହୋଇଯିବ । ଠିକ୍ ସେହିପରି ସୁଖଦ ଅବସ୍ଥାରେ ଅନ୍ୟକୁ ସାମିଲ ନ କଲେ ବା ଅନ୍ୟମାନଙ୍କ ମଧ୍ୟରେ ସୁଖକୁ ବିତରଣ ନ କଲେ, ସୁଖ କ୍ଷଣସ୍ଥାୟୀ ମନେ ହୋଇଥାଏ । ବେଳେ ବେଳେ ମିଥ୍ୟା ଘଟଣାଟିଏ ମୁଖରୋଚକ ହୋଇ ଖୁବ୍ ଶୀଘ୍ର ବିତରଣ ହୋଇଥାଏ । ଏହା ଏତେ ପରିମାଣରେ ବିତରଣ ହୋଇଥାଏ ଯେ, ମିଥ୍ୟାଟାକୁ ସତ ବୋଲି ଲୋକେ ମନେ କରି ନିଅନ୍ତି । ଧର୍ମଠାରୁ ଜାତିବାଦ ପର୍ଯ୍ୟନ୍ତ ଏମିତି ଅନେକ ତତ୍ତ୍ୱ ଅଛି, ଯାହାର ବିତରଣ ବଳପୂର୍ବକ କରାଯିବା ଉଚିତ ନୁହେଁ । ବିତରଣ ଏକ ସୁଖଦ ପ୍ରକ୍ରିୟା ଉଭୟ ବିତରକ ଓ ବିତରଣ ଗ୍ରହଣ କରୁଥିବା ମଣିଷ ପାଇଁ । ଏଥିସଙ୍ଗେ ଆମେ କେବେହେଲେ ଅସ୍ୱୀକାର କରିପାରିବନି ଯେ, ସୁଗୁଣର ବିତରଣ ଅନ୍ୟ ଲୋକଟିର ଦୁର୍ଗୁଣକୁ ଅନେକାଂଶରେ ଲୋପ କରିଥାଏ ।***

ଉଲ୍ଲିଖିତ ପ୍ରସଙ୍ଗକୁ ନେଇ ଏକ ସତ୍ୟ ଘଟଣାଟିଏ ଉପସ୍ଥାପନା କରିବାକୁ ମନେ କରୁଛି । ଥରେ ଏକ ରେଡ଼ିଓ ଉପସ୍ଥାପିକା ଟେଲିଫୋନ୍ ସାକ୍ଷାତକାରରେ ଭାରତୀୟ ବିଲେନିୟର ତଥା ଶିଳ୍ପ ଓ ସେବା ଜଗତର ମହାନାୟକ ସ୍ୱର୍ଗତ ରତନ ଟାଟାଙ୍କୁ ପଚାରିଥିଲେ- 'ସାର୍, କେତେବେଳେ ଆପଣ ନିଜଜୀବନର ସବୁଠୁ ସୁଖ ପାଇଥିଲେ, ତାହା ଆପଣଙ୍କର ମନେ ଅଛି ?' ଏହାର ଉତ୍ତରରେ ରତନ ଟାଟା କହିଥିଲେ, 'ମୁଁ ଜୀବନରେ ସୁଖର ଚାରୋଟି ପର୍ଯ୍ୟାୟ ଦେଇ ଗତି କରିଛି ।'

ଶେଷରେ ସେ ପ୍ରକୃତ ସୁଖର ସଂଜ୍ଞା ନିରୂପଣ କରିପାରିଥିଲେ । ତାଙ୍କ କହିବା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଧନ ଓ ସମ୍ପତ୍ତି ସଂଗ୍ରହ । ମାତ୍ର ଏଇ ପର୍ଯ୍ୟାୟରେ ସେ ଚାହିଁଥିବା ସୁଖ ପାଇପାରିଲେ ନାହିଁ । ଦ୍ୱିତୀୟ ପର୍ଯ୍ୟାୟରେ ଥିଲା ମୂଲ୍ୟବାନ ସାମଗ୍ରୀ । ମାତ୍ର ରତନଜୀ ମନରେ ଧରିନେଇଥିଲେ ଯେ, ଏସବୁ ଅସ୍ଥାୟୀ । ତୃତୀୟ ପର୍ଯ୍ୟାୟରେ ତାଙ୍କ ଜୀବନରେ ଏକ ବଡ଼ ଶିଳ୍ପ ପ୍ରକଳ୍ପ ଆସିଥିଲା, ଶିଳ୍ପପତି ହିସାବରେ ସେଥିରେ ମଧ୍ୟ ସୁଖ ପାଇପାରିଲେ ନାହିଁ । ଶେଷ ପାହାଚରେ ସେ ପ୍ରକୃତ ସୁଖ ପାଇଥିଲେ ଯେତେବେଳେ ସେ ଭିନ୍ନକ୍ଷମ ପିଲାଙ୍କ ପାଇଁ ହ୍ୱିଲ ଚେୟାର ନିଜ ହାତରେ ପ୍ରଦାନ କରିଥିଲେ । ସେ ସମୟରେ ସେହି ପିଲାଙ୍କ ମୁହଁରେ ଖୁସିର ସୀମା ନଥିଲା । ସେଇ ମୁହୂର୍ତ୍ତଟି ଆଣି ଦେଇଥିଲା ରତନଜୀଙ୍କୁ ଜୀବନର ପ୍ରକୃତ ସୁଖ । ଏଇ ଘଟଣାଟିର ଅନୁଶୀଳନ କଲେ, ଆମେ ଦୃଢ଼ଭାବରେ କହିପାରିବା ଯେ, ପ୍ରକୃତ ଆନନ୍ଦ ବିତରଣରେ ଥାଏ, ଆହରଣରେ ନୁହେଁ ।

ମୋ-୭୦୦୮୬୫୦୬୯୩

# ବାତ୍ୟାର ଋତୁ...



ପ୍ରେମାନନ୍ଦ ପାଣିଗ୍ରାହୀ

ଅକ୍ଟୋବର ଓ ନଭେମ୍ବର ମାସରେ ପ୍ରାୟ ଓଡ଼ିଶାକୁ ସାମୁଦ୍ରିକ ବାତ୍ୟା ଆସିଥାଏ । ଦକ୍ଷିଣ-ପୂର୍ବ ମୌସୁମୀ ବାୟୁ ଓଡ଼ିଶାରୁ ବିଦାୟ ନେଇ ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରବାହ ଏହି ସମୟରେ ଆରମ୍ଭ ହୋଇଥାଏ । ଏହାର ପ୍ରଭାବରେ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ପ୍ରବଳ ବର୍ଷା ଓ ଝଡ ତୋଫାନ ହୋଇଥାଏ । ଓଡ଼ିଶାର ଭୌଗୋଳିକ ସ୍ଥିତି ଓ ଜଳବାୟୁ ସର୍ବଦା ବାତ୍ୟା,ବନ୍ୟା ସୃଷ୍ଟି କରିଥାଏ । ୧୯୯୯ ମହାବାତ୍ୟା ତାଣ୍ଡବ ରଚିବା ପରେ, ଓଡ଼ିଶାରେ ନିୟମିତ ବ୍ୟବଧାନରେ ଏକାଧିକ ବାତ୍ୟା ଆସିବା ଦ୍ୱାରା ରାଜ୍ୟର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି । ବାତ୍ୟା ପ୍ରଭାବରେ ଓଡ଼ିଶା ବ୍ୟାପକ କ୍ଷତି ସହିଛି ।

ସବୁ ବିପର୍ଯ୍ୟୟ ମଧ୍ୟରୁ ୧୯୯୯ର ମହାବାତ୍ୟା ଓଡ଼ିଶାର ଚିତ୍ରକୁ ଅନେକାଂଶରେ ବଦଳାଇ ଦେଇଥିଲା । ୧୯୯୯ ଅକ୍ଟୋବର ୨୯ ଓ ୩୦ ତାରିଖରେ ସଂଗଠିତ ମହାବାତ୍ୟାର ତାଣ୍ଡବକୁ ଅନେକ ବର୍ଷ ଅତିବାହିତ ହେଲାଣି । ଏହି ମହାବାତ୍ୟା ସମଗ୍ର ଓଡିଶାର ଅର୍ଥନୈତିକ,ସାମାଜିକ ଓ ରାଜନୈତିକ ଚିତ୍ରକୁ ଦୋହଲାଇ ଦେଇଥିଲା । ଭଦ୍ରକ, ବାଲେଶ୍ୱର, ଜଗତସିଂପୁର, କେନ୍ଦ୍ରାପଡା, ପୁରୀ, ଗଞ୍ଜାମ ଜିଲ୍ଲାରେ ପ୍ରବଳ ଝଡ ତୋଫାନ ତଥା ସମୁଦ୍ର ଜୁଆର ମାଡରେ ନିଶ୍ଚିହ୍ନ ହୋଇପଡିଥିଲା ଉପକୂଳ ଓଡ଼ିଶାର କେତେକ ଅଂଶ । ମୃତାହତ ହେଇଥିଲେ ହଜାର ହଜାର ମଣିଷ, ପଶୁପକ୍ଷୀ । ଉଜୁଡି ଯାଇଥିଲା ଅନେକ ଜନବସତି, ନଷ୍ଟଭ୍ରଷ୍ଟ ହୋଇଥିଲା ହଜାର ହଜାର କୋଟି ଟଙ୍କାର ଧନସମ୍ପତ୍ତି । ଏତେବର୍ଷ ବର୍ଷ ପରେ ଉତ୍ତର ଦାୟାଦମାନଙ୍କ ପାଇଁ ମହାବାତ୍ୟା ଆଇ ମା' କାହାଣୀ ପାଲଟିଛି ସତ ମାତ୍ର ଯେଉଁମାନେ ମହାବାତ୍ୟାକୁ ଅଙ୍ଗେ ନିଭେଇଥିଲେ, ସେମାନଙ୍କ ପାଇଁ ମହାବାତ୍ୟାର କ୍ଷତ ଅପାସୋରା ହୋଇ ରହିଛି । ଏବେ ମହାବାତ୍ୟାର ଉତ୍ପତ୍ତି ସ୍ଥଳ ବଙ୍ଗୋପସାଗରର ଉତ୍ତାଳ ଜଳରାଶି ମଧ୍ୟରେ ସାମାନ୍ୟ ଝଡ ଉଠିଲେ, ମହାବାତ୍ୟା ରୂପ ନେବା ଆଶଙ୍କାରେ ଶିହରୀ ଉଠୁଛନ୍ତି ଜନସାଧାରଣ । ସେତେବେଳେ ଆଜି ପରି ସାମୁଦ୍ରିକ ଝଡର ସଠିକ ସୂଚନା ଦେବା ପାଇଁ ଜ୍ଞାନକୌଶଳର ଅଗ୍ରଗତି ହୋଇନଥିଲା । ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ଗଠନ କରିଥିଲେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) । ଏହାର ସଫଳତା ପରେ କେନ୍ଦ୍ର ସରକାର ଗଠନ କରିଥିଲେ 'ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ' । ମହାବାତ୍ୟା ପର ଠାରୁ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଅନେକ ଅଗ୍ରଗତି କରିଛି ।

ଗତ ୨୪ ବର୍ଷ ଭିତରେ ରାଜ୍ୟ ୧୨ଟି ଛୋଟବଡ ବାତ୍ୟାର ସମ୍ମୁଖୀନ ହୋଇଛି । ୧୯୯୯ର ମହାବାତ୍ୟା ପରେ ଓଡ଼ିଶାକୁ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ,୨୦୧୪ ଅକ୍ଟୋବର ୧୨ରେ ହୁଡହୁଡ,୨୦୧୮ ସେପ୍ଟେମ୍ବରରେ ଡାଏ, ଅକ୍ଟୋବର ୧୧ରେ ତିତଲି, ଡିସେମ୍ବରରେ ପେଥାଇ,୨୦୧୯ ମେ ୩ରେ ଫନି, ନଭେମ୍ବର ୯ରେ ବୁଲବୁଲ, ୨୦୨୦ମେ ୧୯ରେ ଅମ୍ଫନ, ୨୦୨୧ମେ ମାସ ୨୬ରେ ୟସ୍, ୨୦୨୪ରେ 'ଦାନା' ବାତ୍ୟା ଆସିଛି । ଏହି ବାତ୍ୟାଗୁଡିକରେ ରାଜ୍ୟରେ କିଛି ଲୋକଙ୍କର ମୃତ୍ୟୁ ମଧ୍ୟ ହେଇଛି । ତେଣୁ ଅକ୍ଟୋବର ମାସ ଆସିଲେ ଓଡ଼ିଶାବାସୀଙ୍କ ମନରେ ଛନକା ପଶେ । ବିଗତ ୨୪ ବର୍ଷ ମଧ୍ୟରେ ଏହି ଅକ୍ଟୋବର ମାସରେ ଅଧିକାଂଶ ବାତ୍ୟା ଓଡିଶାବାସୀଙ୍କ ଆଖିରୁ ନିଦ ହଜାଇ ଦେଇଛି । ପୁଣି ଥରେ ବାତ୍ୟା 'ଦାନା' ବଙ୍ଗୋପସାଗରରେ ସୃଷ୍ଟ ହୋଇ ଉଗ୍ର ରୂପ ଧାରଣ କରିବାବେଳେ ଆରବ ସାଗର ଓ ଇଣ୍ଡୋପ୍ୟେସିଫିକ ଅଞ୍ଚଳରୁ ସୃଷ୍ଟ ଗୁରୁଚାପ ବଳୟ ଏହାକୁ ଦୁର୍ବଳ କରିଥିଲା । ଯଦ୍ୱାରା ଏହି ବାତ୍ୟା ଓଡ଼ିଶାକୁ ବେଶୀ କ୍ଷତି ପହଞ୍ଚାଇ ପାରି ନାହିଁ ।

ବାତ୍ୟା ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ହୋଇଥାଏ, ଯଥା-ପ୍ରାକ୍ ମୌସୁମୀ ଓ ମୌସୁମୀର ବିଦାୟ ପର୍ବ ସମୟରେ । ମୌସୁମୀ ପ୍ରବାହର ପ୍ରାକ୍ କାଳରେ ବଙ୍ଗୋପସାଗର ଓ ଆଣ୍ଡାମାନସାଗରରେ ଘୂର୍ଣ୍ଣିବାତ୍ୟା ଓ ଝଡତୋଫାନ ସୃଷ୍ଟି ହୁଏ ଏବଂ ଏହା ଏକ ପ୍ରାକୃତିକ ପ୍ରକ୍ରିୟା । କିନ୍ତୁ ଏହାର ସଂଖ୍ୟା ତୁଳନାତ୍ମକ ଭାବେ କମ୍ ଓ କ୍ଷୟକ୍ଷତି ପରିମାଣ ସେତେ ବ୍ୟାପକ ହୋଇନଥାଏ । ତେବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ସମୟରେ ସାମୁଦ୍ରିକ ବାତ୍ୟା ଓ ଘୂର୍ଣ୍ଣିଝଡ ଅଧିକ ହୋଇଥାଏ । ତେଣୁ ଅକ୍ଟାବର ଓ ନଭେମ୍ବର ମାସ ଓଡ଼ିଶା ପାଇଁ ସାମୁଦ୍ରିକ ବାତ୍ୟାର ଋତୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅକ୍ଟୋବର ମାସରେ ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ ହୁଏ ଓ ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରବେଶ ଆରମ୍ଭ ହୁଏ । ଏହି ସମୟରେ ଉପକୂଳରେ ସାମୁଦ୍ରିକ ଜୁଆର ଓ ଝଡତୋଫାନ ସୃଷ୍ଟି ହୁଏ ।

ଅଧିକାଂଶ ବାତ୍ୟା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବାରୁ ପୂର୍ବ ଉପକୂଳରେ ଥିବା ରାଜ୍ୟଗୁଡିକ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ପୂର୍ବ ଉପକୂଳର ରାଜ୍ୟମାନଙ୍କ ମଧ୍ୟରୁ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଆଦି ବଙ୍ଗୋପସାଗର ଉପକୂଳ ରାଜ୍ୟଗୁଡିକ ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରୁଛନ୍ତି । ବଙ୍ଗୋପସାଗରରୁ ସୃଷ୍ଟ ଲଘୁଚାପ ବହୁ ସମୟରେ ଘନୀଭୂତ ହୋଇ ଅବପାତ କିମ୍ବା ବାତ୍ୟାର ରୂପ ନିଏ ।

ସମଗ୍ର ଦେଶରେ ଓଡ଼ିଶା ହେଉଛି ଜଳବାୟୁ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ରାଜ୍ୟ । ଭାରତର ପୂର୍ବାଞ୍ଚଳ ଜଳବାୟୁ ଦୃଷ୍ଟିରୁ ଓଡ଼ିଶା ଏକ ସ୍ପର୍ଶକାତର ଅଞ୍ଚଳ । କାରଣ ବଙ୍ଗୋସାଗର ତଟବର୍ତ୍ତୀ ଓଡ଼ିଶାରେ ରହିଛି ୪୮୦ କିଲୋମିଟର ପରିବ୍ୟାପ୍ତ ସମୁଦ୍ର ବେଳାଭୂମି । ବର୍ଷକୁ ଏଠାରେ ଦୁଇରୁ ତିନିଟି ଲଘୁଚାପ ଓ ଝଡବାତ୍ୟା ସୃଷ୍ଟି ହୁଏ । ଅଧିକାଂଶ ଝଡବାତ୍ୟା ଓଡ଼ିଶା ଉପକୂଳ ଦେଇ ଭୂମି ସ୍ପର୍ଶ କରେ । ତେଣୁ ଓଡ଼ିଶା ଉପକୂଳରେ ଥିବା ୬ଟି ଜିଲ୍ଲା ଯଥା-ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂପୁର, ପୁରୀ, ଗଞ୍ଜାମ ବିଶେଷ କ୍ଷତିଗ୍ରସ୍ତ ହୁଏ । ଉପକୂଳ ରାଜ୍ୟ ଭାବେ ନିୟମିତ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇ ଆସୁଥିବା ଓଡ଼ିଶାରେ ପ୍ରଶାସନିକ ସୁପରିଚାଳନା ଓ ଜନସାଧାରଣଙ୍କ ଉଦ୍ଧାର ତଥା ଥଇଥାନ କାର୍ଯ୍ୟ ସବୁଠାରୁ ବଡ ଆହ୍ୱାନ ପାଲଟିଥିବାବେଳେ ସଫଳତାର ସହ ବାତ୍ୟା ପରିଚାଳନା ପାଇଁ ଓଡ଼ିଶା ସରକାର ବିଶ୍ୱ ସ୍ତରରେ ପ୍ରଶଂସିତ ହୋଇଛନ୍ତି । ଦିନ ଥିଲା ବନ୍ୟା ବାତ୍ୟା ସମ୍ପର୍କରେ ସମସ୍ତଙ୍କ ନିକଟରେ ସଠିକ୍ ସୂଚନା ପହଞ୍ଚାଇବା ଏକପ୍ରକାର ଅସମ୍ଭବ କାର୍ଯ୍ୟ ଥିଲା ।

ରେଡିଓ ହିଁ ସୂଚନାର ଏକମାତ୍ର ମାଧ୍ୟମ ଥିଲା । ତେବେ ଆଜି ସୂଚନା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଛି । ତ୍ୱରିତ ବେଗରେ ଜନସାଧାରଣଙ୍କ ନିକଟରେ ବାତ୍ୟାର ସୂଚନା ପହଞ୍ଚିବା ସହ ଧନଜୀବନର ସୁରକ୍ଷା ହୋଇପାରୁଛି । ବନ୍ୟା ବାତ୍ୟା ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ବାର୍ତ୍ତା ଜନସାଧାରଣ ପାଖରେ ପ୍ରତି ସମୟରେ ପହଞ୍ଚିପାରୁଛି । ଏଥିରେ ସାମାଜିକ ଗଣମାଧ୍ୟମ ବେଶ୍ ସହାୟକ ହେଉଛି ।

**ଅଧିକାଂଶ ବାତ୍ୟା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବାରୁ ପୂର୍ବ ଉପକୂଳରେ ଥିବା ରାଜ୍ୟଗୁଡିକ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ପୂର୍ବ ଉପକୂଳର ରାଜ୍ୟମାନଙ୍କ ମଧ୍ୟରୁ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଆଦି ବଙ୍ଗୋପସାଗର ଉପକୂଳ ରାଜ୍ୟଗୁଡିକ ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରୁଛି । ବଙ୍ଗୋପସାଗରରୁ ସୃଷ୍ଟ ଲଘୁଚାପ ବହୁ ସମୟରେ ଘନୀଭୂତ ହୋଇ ଅବପାତ କିମ୍ବା ବାତ୍ୟାର ରୂପ ନିଏ । ସମଗ୍ର ଦେଶରେ ଓଡ଼ିଶା ହେଉଛି ଜଳବାୟୁ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ରାଜ୍ୟ । ଭାରତର ପୂର୍ବାଞ୍ଚଳ ଜଳବାୟୁ ଦୃଷ୍ଟିରୁ ଓଡ଼ିଶା ଏକ ସ୍ପର୍ଶକାତର ଅଞ୍ଚଳ ।**

**ଭୁବନ,ଢେଙ୍କାନାଳ**
**ମୋ-୯୪୩୭୭୨୯୩୮୪**

# ଆନନ୍ଦର ଅନ୍ୱେଷଣରେ

ଗୋଟିଏ ଫୁଲ ବଗିଚାରେ ଅନେକ ରଙ୍ଗର ଅନେକ ପ୍ରକାରର ଫୁଲ ଫୁଟିଥାଏ । ଗୋଲାପ, ଲିଲି, ସୂର୍ଯ୍ୟମୁଖି, ଚମ୍ପା, ଏହିପରି ଅନେକ ଫୁଲର ବାସ୍ନାରେ ବଗିଚାଟି ହସି ଉଠୁଥିଲା। ଦିନେ ଗୋଲାପ ଫୁଲଟିଏ ସୂର୍ଯ୍ୟମୁଖି ଫୁଲକୁ କହିଲା ଜାଣିବା ଅର୍ଥ ବଞ୍ଚିବା । ବଞ୍ଚିଛୁ ଅର୍ଥ ଜାଣୁଛୁ । ବଞ୍ଚିବା ପାଇଁ ଯାହା ଜାଣୁଛୁ, ତାହା ଜ୍ଞାନ । ମଣିଷ ଆମ ଠାରୁ ଅଧିକ ଦିନ ବଞ୍ଚେ ଓ ନିଜେଅନେକ କିଛି ଶିକ୍ଷା ଲାଭ କରେ ।

ସୂଚନା ମଣିଷ ଭିତରେ ପରିବର୍ତ୍ତନ ଆଣେ । ବୁଝାଇବା, ଉଦାହରଣ, ଦୈନନ୍ଦିନ ଜୀବନ ପ୍ରଣାଳୀ ମନୁଷ୍ୟକୁ ତାର ଜୀବନର ଲକ୍ଷ୍ୟ ଆଡ଼କୁ ବାଟ ଦେଖାଇଥାଏ । ସେ ଆମ ଠାରୁ ଅଧିକା ଦିନ ବଞ୍ଚୁଥିଲେ ମଧ୍ୟ ତା'ର ଲକ୍ଷ୍ୟ ଆଡ଼କୁ ପାଦ ବଢ଼ାଇ ପାରିନଥାଏ ।

ସୂର୍ଯ୍ୟମୁଖି ଫୁଲ କହିଲା ମଣିଷର ଜନ୍ମ ମୃତ୍ୟୁ ଅଛି । ଯେପରି ଫୁଲମାନେ ପ୍ରସ୍ଫୁଟିତ ହୁଅନ୍ତି ଓ ମଉଳି ଯାଆନ୍ତି । ଭଗବାନ ଜ୍ଞାନ ଠାରୁ ଅଧିକ ଦିବ୍ୟଜ୍ଞାନ ପାଇବା ମନୁଷ୍ୟକୁ ଦେଇଛନ୍ତି, କିନ୍ତୁ କି ଦୁଃଖର ବିଷୟ ଯେ ଆମ ଫୁଲମାନଙ୍କର ଆଧ୍ୟାତ୍ମିକ ଜଗତକୁ ନିଜେ ନିଜେ ଯାତ୍ରା କରିବାର ଆଦୌ ସୁଯୋଗ ନାହିଁ । ମନୁଷ୍ୟ ଆମ୍ଭମାନଙ୍କୁ ତୋଳିନେଇ ଠାକୁରଙ୍କ ପାଦ ବା ମସ୍ତକରେ ଦେଲେ ହିଁ ଆମେ ପୂର୍ଣ୍ଣତା ଲାଭ କରିଥାଉ । ଲିଲି ଫୁଲଟିଏ କହିଲା ଥରେ ମତେ ମନୁଷ୍ୟ ତୋଳି ନେଇ ଜଣେ ସାଧୁଙ୍କ ଗଳାରେ ପିନ୍ଧାଇ ଦେଇଥିଲା ।

ସେ କହିଥିଲେ ମନୁଷ୍ୟର ଚିନ୍ତାଶୂନ୍ୟ ମନ ହିଁ ତାକୁ ମୁକ୍ତିର ଦ୍ୱାରଦେଶକୁ ନିଏ । ଜଣେ ବ୍ୟକ୍ତି ସାଧୁଙ୍କୁ ପଚାରିଥିଲା ସଂସାରୀ ପାଇଁ ଏହା କଣ ସମ୍ଭବ ? ସାଧୁ ଉକ୍ତ ବ୍ୟକ୍ତିକୁ କହିଲେ ତତେ ମୁଁ ସଂସାର ତ୍ୟାଗ କରିବାକୁ କହୁନାହିଁ । ଜୀବନରେ ସଚେତନତା ଆଣିବାକୁ କହୁଛି, ଯାହା ପ୍ରକୃତି ସହିତ ସମନ୍ୱୟ ଆଣିବ । ତତେ ମାନବୀୟ ମୂଲ୍ୟବୋଧକୁ ଉଦ୍‌ଘାଟିତ କରିବାକୁ ହେବ । ସ୍ୱାର୍ଥପରତାକୁ ଜଳାଞ୍ଜଳି ଦେଇ ସାମୂହିକ ଉନ୍ନତିର ବୀଜରୋପଣ କରିବାକୁ ହେବ । ମାନବତ୍ୱରୁ ଦିବ୍ୟତ୍ୱକୁ ଯିବା ପାଇଁ ଏହା ଏକମାତ୍ର ଉପାୟ ।

ରଜନୀଗନ୍ଧା ଫୁଲ କହିଲା, ସେ ଦିନ ସଭାରେ ମୁଁ ବି ଥିଲି । ସାଧୁ କହିଥିଲେ, କ୍ରାନ୍ତି ଅର୍ଥ ପରିବର୍ତ୍ତନ । ସଂକ୍ରାନ୍ତି ଏକ ସମୟ ଯାହାକି ମନୁଷ୍ୟକୁ ତାର ଅଭ୍ୟାସ ଓ ଚିନ୍ତାଧାରା ଓ ଚାଲିଚଳନରେ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ଦିଏ । ଚମ୍ପା ଫୁଲ ଏକଥା ଶୁଣି କହିଲା, କି ଦୁଃଖର ବିଷୟ ଭଗବାନ ଆମକୁ କ୍ଷଣସ୍ଥାୟୀ କରିଛନ୍ତି । ଚଳତ୍ ଶକ୍ତି ଦେଇ ନାହାଁନ୍ତି ।

ଶିକ୍ଷା ଲାଭ କରିବାର ସୁଯୋଗ ଆମର ନାହିଁ, କିନ୍ତୁ ଆମେ ସମସ୍ତଙ୍କୁ ସୁଗନ୍ଧ ଓ ଆନନ୍ଦ ପ୍ରଦାନ କରୁଛୁ । ମନୁଷ୍ୟକୁ ସବୁ ଦିଆଯାଇଥିଲେ ମଧ୍ୟ ବ୍ୟସ୍ତ ମାନବ ଆଧ୍ୟାତ୍ମିକ ଓ ପାର୍ଥିବ ଜଗତ ମଧ୍ୟରେ ସମନ୍ୱୟ ରକ୍ଷା କରି ପାରୁନାହିଁ । ମଣିଷ ଏ ବଗିଚାକୁ ଆସି କ୍ଷଣିକ ଆନନ୍ଦ ଅନୁସନ୍ଧାନ କରେ । କାର୍ଯ୍ୟରେ ସଫଳତା ଓ ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରି କ୍ଷଣିକ ଆନନ୍ଦ ଖୋଜେ ।

ଟଗର ଫୁଲଟି କହିଲା, ଆନନ୍ଦ କୌଣସି ବଜାରରେ ମିଳେ ନାହିଁ ବା କାରଖାନାରେ ତିଆରି କୌଣସି ବସ୍ତୁ ନୁହେଁ । ଅନ୍ଧ ଚଷମାଟିଏ ଲଗାଇ ଦେଖିବାକୁ ଚେଷ୍ଟା କଲାଭଳି ମନୁଷ୍ୟ ଆନନ୍ଦକୁ ନିଜ ଭିତରେ ନ ଖୋଜି ବାହାରେ ଖୋଜେ ।

ଏହି ସମୟରେ ବଗିଚାର ମାଳି ଅଳିଆ ଡ଼ବାରେ ବଗିଚାର ଅଳିଆ ସବୁ ଗୋଟାଇ ଏକାଠି କଲା । ଅଳିଆ ଡବାଟି ବଗିଚାରେ ରହି ଫୁଲମାନଙ୍କର କଥୋପକଥନ ଶୁଣୁଥିଲା । ସେ କହିଲା ମଣିଷର ମୂଲ୍ୟହୀନ କାମନା, ଅଦରକାରୀ ଶତ୍ରୁତା, କୌଣସି କାରଣ ନଥାଇ ଅସୂୟାଭାବ, ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ଆଦିରେ ନିଜର ମନକୁ ଭରି ରଖୁଛି । ଯେତେବେଳେ ସେ ଉପଲବ୍ଧି କରୁଛି ଯେ ସେ ତୁଚ୍ଛ ବୋଝ ମୁଣ୍ଡାଇଛି, ସେତେବେଳେ ତାକୁ ଫିଙ୍ଗି ଦେବାକୁ ଚେଷ୍ଟା କରେ । ତାର ମୁଣ୍ଡଟା ମୋର ଅଳିଆରଖା ପାତ୍ର ପରି ହୋଇଯାଏ । ମାଳି ମୋ ଭିତରେ ଥିବା ଅଳିଆକୁ ଫିଙ୍ଗିଦେବା ପରେ ମୁଁ ସଫା ହୋଇଯାଏ । ସେହିପରି ମନୁଷ୍ୟ ତା'ର କାମନା ବାସନା ରୂପ ଅଳିଆକୁ ଫିଙ୍ଗି ଦେଇ ପାରିଲେ ଆତ୍ମଜ୍ଞାନୀ ହେବା ସହ ଆନନ୍ଦ ପାଇପାରିବ । ବୁଦ୍ଧ ସେଥିପାଇଁ କହିଥିଲେ 'କାମନାର ବିନାଶରେ ଦୁଃଖର ବିନାଶ' ।

**ଅନୀତା ପଟ୍ଟନାୟକ**
**ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ସିଡିଏ, କଟକ,**
**ମୋ- ୯୬୯୨୯୮୦୦୨୬**

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି...

ଅନେକଗୁଡିଏ ସ୍ତୁପ ଏବଂ ଶିଳାସ୍ତମ୍ଭ ନିର୍ମାଣ କରିଥିଲେ । ଆଜିର ଏହି ଆଧୁନିକ ଶାନ୍ତିସ୍ତୁପ ଜାପାନ ବୁଦ୍ଧ ସଂଘ ଓ କଳିଙ୍ଗ ନିପନ ବୁଦ୍ଧ ସଂଘ ଦ୍ୱାରା ୭୦ଦଶକରେ ନିର୍ମାଣ କରାଯାଇଥିଲା । ଦେଶ ବିଦେଶରୁ ଏଠାକୁ ଯେଉଁ ପର୍ଯ୍ୟଟକମାନେ ଆସନ୍ତି ସେମାନେ ନିଶ୍ଚୟ ଧଉଳିର ଏହି ଶାନ୍ତି ସ୍ତୁପରୁ ଅହିଂସା, ଶାନ୍ତି ଓ ଦିବ୍ୟତ୍ୱର ଅନୁଭବ ନେଇ ଫେରନ୍ତି । ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟ ଭାବେ ପ୍ରସିଦ୍ଧି ଅର୍ଜନ କରିଛି । ଧଉଳି ସ୍ତୁପ ଏହି ଶାନ୍ତିପ୍ରିୟ ମନୋଭାବର ପ୍ରତୀକ । ଧଉଳି ହୁଏତ ବୌଦ୍ଧ ଧର୍ମର ଏକ କୀର୍ତ୍ତିରାଜି ହୋଇପାରେ, କିନ୍ତୁ ଏହା ଓଡିଆ ଭାଷା, ସଂସ୍କୃତି ଓ ପରମ୍ପରା ସହିତ ଏପରି ଭାବେ ସମ୍ମିଳିତ ହୋଇଯାଇଛି । ରାଜ୍ୟବାସୀ ଏହାକୁ ନିଜ ସଂସ୍କୃତିର ଏକ ଅଙ୍ଗଭାବେ ମାନି ନେଇଛନ୍ତି । ଧଉଳି ଶାନ୍ତି ସ୍ତୁପର ଆହୁରି ବିକାଶ କରାଯିବ । ଆଖପାଖ ଅଞ୍ଚଳର ବ୍ୟାପକ ଉନ୍ନତିକରଣ କରାଯିବ । ଧଉଳି ସମେତ ଆମର ସବୁ ଐତିହ୍ୟ ସ୍ଥଳୀ ଗୁଡିକର ବିକାଶ ପାଇଁ ସମନ୍ୱିତ ଯୋଜନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆମ ସନାତନ ଧର୍ମ ଭଳି ବୌଦ୍ଧ ଧର୍ମର ଆଧାର ହେଉଛି ଅହିଂସା ପରୋମ ଧର୍ମ । ଯେତେବଡ ସମସ୍ୟା ଆସିଲେ ମଧ୍ୟ ତା'ର ସମାଧାନ ହିଂସା ନୁହେଁ ବରଂ ତାର ସମାଧାନ ଆପୋଷ କଥାବାର୍ତ୍ତା ମାଧ୍ୟମରେ ମଧ୍ୟ ହୋଇପାରିବ । ଏହାକୁ ଆଧାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଋଷିଆ-ୟୁକ୍ରେନ ତଥା ଇସ୍ରାଏଲ- ଆରବ ଯୁଦ୍ଧର ଶାନ୍ତି ପୂର୍ଣ୍ଣ ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି । କଥାବାର୍ତ୍ତା ମାଧ୍ୟମରେ ଭାରତ ଓ ଚୀନ ମଧ୍ୟରେ ଥିବା ସୀମା ବିବାଦର ମଧ୍ୟ ସମାଧାନ ହୋଇପାରିଛି । ଆଜି ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱ ବନ୍ଧୁ ଭାବେ ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିପାରିଛି ।

ଏହି ଅବସରରେ ବିଶିଷ୍ଟ ବୌଦ୍ଧ ସନ୍ୟାସୀ ଟି ଓକଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଧଉଳି ଶାନ୍ତି ସ୍ତୁପର ଏକ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ ଧଉଳି ଏକ ଐତିହ୍ୟ ସମ୍ପନ୍ନ ମାଟି । ଭଗବାନ ବୁଦ୍ଧଙ୍କ ବାଣୀକୁ ପ୍ରଚାର କରିବା ସହିତ ଓଡିଆ ଜାତିର ବୀରତ୍ୱର ପ୍ରତୀକ ହେଉଛି ଏହି ଧଉଳି ମାଟି । ସମ୍ରାଟ ଅଶୋକଙ୍କ ଦ୍ୱାରା ବୁଦ୍ଧଙ୍କର ଅହିଂସା ଓ ସତ୍ୟର ବାର୍ତ୍ତା ଏହି ଧଉଳି ମାଟିରୁ ପରିବ୍ୟାପ୍ତ ହୋଇଛି । ବୌଦ୍ଧଧର୍ମର ପ୍ରଚାର ପ୍ରସାରରେ ଓଡିଶାର ଯୋଗଦାନ ବିଷୟରେ ଇତିହାସରେ ଲିପିବଦ୍ଧ ହୋଇରହିଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ସମୀର ମହାନ୍ତି ଓ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ବର୍ଷକରେ..

ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ବାବଦରେ ଜଙ୍ଗଲ ମନ୍ତ୍ରୀଙ୍କୁ ଏକ ମାସ ମଧ୍ୟରେ ଜଣାଇବା ପାଇଁ ମନ୍ତ୍ରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଖପୁରିଆପଦା ମା' ଆଦ୍ୟକାଳୀଙ୍କ ପୂଜାତ୍ସୋବ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ବନ୍ଧାଳୋ-ମଢିଆଳି ପଞ୍ଚାୟତ ଖପୁରିଆପଦା ଗ୍ରାମ ବୈତରଣୀ ନଦୀ କୂଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ୧୫୯ତମ ପୂଜାତ୍ସୋବ ଗୁରୁବାର ରାତ୍ରରୁ ଆରମ୍ଭ ହୋଇଛି। ପୂଜକ ଚୌଧୁରୀ ଭରତ ନନ୍ଦ ଜଳଘଟ ଉତ୍ତୋଳନ ଓ ସଙ୍କଳ୍ପ କାର୍ଯ୍ୟ ଏବଂ ପୁସ୍ତାକାଚର୍ଯ୍ୟ ଅଭିରାମ ପାଢୀ ଚଣ୍ଡିପାଠ କରୁଛନ୍ତି। ଖପୁରିଆପଦା କାଳୀଙ୍କୁ ଆଦ୍ୟକାଳୀ ବୋଲି ମଧ୍ୟ ବିବେଚନା କରାଯାଇ ସ୍ୱତନ୍ତ୍ର ଭାବେ ପୂଜା କରାଯାଇଥାଏ। ସାଧାରଣତଃ କାଳୀପୂଜାରେ ଶ୍ୟାମଳ ରଙ୍ଗର ମା' ଶ୍ୟାମାକାଳୀଙ୍କୁ ପୂଜା କରାଯାଇଥାଏ। ମାତ୍ର ଖପୁରିଆପଦା କାଳୀ ସମ୍ପୂର୍ଣ୍ଣ କଳାରଙ୍ଗର ଅଟେ। ପୃଥକ ରଙ୍ଗ, ଗଢ଼ଣ, ସ୍ୱରୂପ ଓ ଆୟୁଧ ମା'ଙ୍କର ଥିବାରୁ ତାଙ୍କୁ ଆଦ୍ୟକାଳୀ ଭାବେ ବିବେଚନା କରାଯାଇଥାଏ। କଲିକତା ମୁକାମରୁ ମା' ଦକ୍ଷିଣେଶ୍ୱର କାଳୀଙ୍କ ସତ୍ତା ବିରଜାମଣ୍ଡଳକୁ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ଅଣାଯାଇ ପୂଜା କରାଯାଉଥିଲା। ଜମିଦାର ଚୌଧୁରୀ ଅନନ୍ତ ପ୍ରସାଦ ନନ୍ଦ ଯାଜପୁର ବିରଜାମଣ୍ଡଳରୁ ମା'ଙ୍କ ସତ୍ତା ଭାବେ 'ଯନ୍ତ୍ର'କୁ ନିଜର ଅନ୍ୟତମ ତାଲୁକ ବୈତରଣୀ ନଦୀର ବଢ଼ଶଙ୍ଖନାଳ କୂଳରେ ଅବସ୍ଥିତ ଖପୁରିଆପଦାକୁ ଆଣି ପୂଜା ଆରମ୍ଭ କରିଥିଲେ ପ୍ରାୟ ୧୫୯ବର୍ଷ ପୂର୍ବେ। କାଳୀ ପୂଜା ପାଇଁ ଛିନ୍ନମୁଣ୍ଡ, ନରଦେହ, ଖଡ୍ଗ ଖର୍ପର ଧାରିଣୀ କଳା ରଙ୍ଗର ମୃଣ୍ମୟୀ ମୂର୍ତ୍ତୀ କାରିଗର ନିର୍ମାଣ କରିଥାଏ। ମାତ୍ର ୨୦୧୯ ମସିହାରୁ ମା'ଙ୍କ ମୃଣ୍ମୟ ମୂର୍ତ୍ତି ବଦଳରେ ପଥର ନିର୍ମିତ ମୂର୍ତ୍ତି ନିର୍ମାଣ କରାଯାଇ ପ୍ରତିଷ୍ଠା କରାଯାଇ ପରମ୍ପରା ମତେ ପୂଜାର୍ଚ୍ଚନା କରାଯାଉଛି। ତିନି ଦିନ ଓ ତିନି ରାତ୍ର ପୂଜା କରାଯିବା ପରେ ଦ୍ୱିତୀୟା ତିଥିରେ ମା'ଙ୍କୁ ବିସର୍ଜନ ଦିଆଯାଇଥାଏ। ଏହି ଗ୍ରାମବାସୀଙ୍କ ବନ୍ଧୁବାନ୍ଧବମାନେ ପୂଜା ସମୟରେ ଏଠାକୁ ଆସିଥା'ନ୍ତି। କାଳୀଙ୍କ ନିକଟରେ ଅପେରା ପ୍ରଦର୍ଶନ ହେବା ଏକ ପରମ୍ପରା ଭାବେ ଚାଲୁ ରହିଛି। ପୂର୍ବରୁ ମାନସିକଧାରୀ ମାନେ ଏଠାରେ ଛାଗଳ ବୋଦାଦି ବଳି ଦେଉଥିଲା ବେଳେ ଏହି ପ୍ରଥାକୁ ବନ୍ଦ କରିଦିଆଯାଇଛି। ଏବେ ମା'ଙ୍କ ନିକଟରେ କଖାରୁ ବଳି ଦିଆଯାଉଛି। ସ୍ଥାନୀୟ ଅଞ୍ଚଳରେ ଖପୁରିଆପଦା କାଳୀ ପୂଜାର ସ୍ଥାନ ସ୍ୱତନ୍ତ୍ର।

**AFFIDAVIT**

By virtue of an affidavit Sworn in before the notary public bhubaneswar in the name of Smt. Daisy Biswal aged about 49 years , wife of Ashok Biswal Resident at priya elite appartment plot no- 304, jaganath nagar , road no-14, 3rd floor, bhuneswar . this is to inform that the orginal sale deed and pata (RoR ) kabala no- (11081022021/2010) has been lost and i am not responsible if any body finds it and misutilizes it.

**AFFIDAVIT**

By virtue of an affidavit before the notary public Bhubaneswar. I, Pratyush Rath, aged about (21), S/o- Pravas Chandra Rath, Residing At- Qrs. No. 2B/04, Dera Colony, Dera, Talcher, Po- Dera, Ps- Talcher, Dist- Angul, Pin- 759103. Declare that this affidavit on dated. 02.11.2024, I have changed my mother's name from Rojalin Rath to Rosaline Rath. Henceforth she shall be known as Rosaline Rath for all purposes.

**AFFIDAVIT**

By Virtue Of An Affidavit Sworn Before The Executive Magistrate Bhubaneswar on Dated 26th July 2024, **I, Mrs. Eshani Jain Agarwal,** Address: Plot No.: 157, VIP Colony, IRC Village, PO.: IRC Village, P.S.: Nayapalli, Ward No.: 15, Bhubaneswar, Khordha, Odisha-751015, Have Changed My Name From "ESHANI JAIN" to "ESHANIJAIN AGARWAL". Henceforth, I Shall Be Known As **"ESHANI JAIN AGARWAL"** For All Purposes.

E-mail: eerw_ptng@yahoo.in
Phone No - 06658-222121

**GOVT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION PATNAGARH**

O- 486

**e Procurement Notice**

IFB IDENTIFICATION NO. **EEPTNG- Online -07/2024-25**

| | | | |
|---|---|---|---|
| 1. | Name of the work | : | Construction & Repair of Building works. |
| 2. | Total no of work | : | 25 (Twenty Five) No works |
| 3. | Time for completion | : | 01 to 06 (Six) Calendar month |
| 4. | Approx. Estimated cost | : | 1.69 lakh to 38.75 lakh |
| 5. | Mode of Submission of tender | : | Tender should be submitted online in **www.tendersorissa.gov.in** |
| 6. | **Other details are as follow** | | |

| Procurement Officer Identification | Bid No | Availability of tender On-line for bidding of seeking Tender | | Last Date & Time opening of Tender Clarifiacation | Date and time of |
|---|---|---|---|---|---|
| | | From | To | | |
| Executive Egnineer, R.W. Divn., Patnagarh | EEPTNG Online-07/2024-25 | Dt. 07.11.2024 at 11.00 A.M. | Dt. 19.11.2024 upto 5.00 P.M. | 18.11.2024 upto 5.00 P.M. | 20.11.2024 at 11.00 A.M. |

- **Further details can be seen from the website www.tendersorissa.gov.in**
- **Any Corrigendum/Addendum will be displayed in the above e tender website only.**

**OIPR: 25154/11/0008/2425** **Sd /- Executive Engineer, R.W. Division, Patnagarh**

# ୫୭ ବର୍ଷରେ ମା ଶ୍ୟାମାକାଳୀଙ୍କ ପୂଜା

ନୀଳଗିରି,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅଧୀନ ପୋଡ଼ାଶୋଳରେ ଚାଲିଥିବା ମା ଶ୍ୟାମାକାଳୀଙ୍କ ପୂଜା ୫୭ ବର୍ଷରେ ପଦାର୍ପଣ କରିଛି। ଏକତା ଭାବ ଓ ବନ୍ଧୁବର୍ଗଙ୍କୁ ମନେ ପକାଇବା ପାଇଁ ସ୍ଥାନୀୟ ଅଞ୍ଚଳ ବାସିଙ୍କ ସହଯୋଗରେ ପ୍ରଥମେ ପୂଜାକାର୍ଯ୍ୟ ପ୍ରାରମ୍ଭ କରିଥିଲେ । ପ୍ରଥମ ବର୍ଷ ଏହା ଘଟପୂଜାରୁ ଆରମ୍ଭ ହୋଇଥିଲା। କୁହାଯାଏ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ ୬୦ ଟଙ୍କା ପାରିଶ୍ରମିକ ନେଇ ମା କାଳୀଙ୍କ ମୂର୍ତ୍ତି ତିଆରି କରିଥିଲେ। ସେହି ବର୍ଷ ସ୍ଥାନୀୟ ଜନତାଙ୍କ ସାହାଯ୍ୟରେ ମାତ୍ର ୧୦୦ ଟଙ୍କାରେ ପୂଜା କାର୍ଯ୍ୟ ସମାପିତ ହୋଇଥିଲା । ପରେ ଜଗନ୍ନାଥପୁର ଅଞ୍ଚଳର ଅନାଦି ଜେନା ପ୍ରାୟ ୪ ବର୍ଷ ଧରି ମାଙ୍କ ମୂର୍ତ୍ତି ତିଆରି କରିଥିଲେ। ତେବେ ସେଦିନ ଶହେ ଟଙ୍କାରୁ ଆରମ୍ଭ ହୋଇଥିବା ପୂଜା ଆଜି ପ୍ରାୟ ୧୨ ଲକ୍ଷ ଟଙ୍କାକୁ ଛୁଇଁଲାଣି। ଘଟପୂଜାରୁ ଆରମ୍ଭ ହେବା ପରେ ତାର ପରବର୍ତ୍ତୀ ଅବସ୍ଥାରେ ମାଙ୍କ ମୂର୍ତ୍ତି ନିର୍ମାଣ ହୋଇ ପୂଜା ସମାପନ ପରେ ବିର୍ସଜନ ଦିଆଯାଇ ଆସୁଥିଲା। ତେବେ ଦୁଇ ବର୍ଷ ହେବ ବର୍ଷ ସ୍ୱତନ୍ତ୍ର ଭାବେ ମନ୍ଦିରରେ ମା ଶ୍ୟାମାକାଳୀ ଙ୍କ ବିଗ୍ରହ ପ୍ରତିଷ୍ଠା ହୋଇ ପୂଜା ଅର୍ଚ୍ଚନା କରାଯାଉଛି। ଚଳିତବର୍ଷ ଏହି ପୂଜାର ମୁଖ୍ୟ ଆକର୍ଷଣ ବଜାର ରାସ୍ତାର ଉଭୟପାଶର୍ବରେ ନିର୍ମିତ ହୋଇଥିବା ଏବର୍ଷ ରାମାୟଣର ସୀତା ହରଣ ଏବଂ ଭଗବାନ ବିଷ୍ଣୁଙ୍କ ସହସ୍ର ରୂପ କୁଞ୍ଜଗୁଡିକ ଦେଖିବାକୁ ଲୋକାରଣ୍ୟ ହୋଇପଡ଼ିଛି ପୋଡ଼ାଶୁଳ ଅଞ୍ଚଳ। ପୋଡ଼ାଶୂଳ କାଳୀପୂଜାର ଅନ୍ୟତମ ବିଶେଷତ୍ୱ ହେଲା ମିନାବଜାର, ଦୋଳି, କଣ୍ଢେଇ ନାଚ, ଭୂତ କୋଠି ସହିତ ୪୦୦ରୁ ଉର୍ଦ୍ଧ ଛୋଟବଡ଼ ବ୍ୟବସାୟୀମାନେ ବିକ୍ରିବଟା ପାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସି ୧୨ଦିନ ପାଇଁ ଏଠାରେ ପସରା ମେଲାଇଥାନ୍ତି। ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା କମିଟି ପକ୍ଷରୁ ପ୍ରଥମେ ରଙ୍ଗମହଲ ୪ ତାରିଖରୁ ୩ଦିନ ପର୍ଯ୍ୟନ୍ତ ଓ କଳିଙ୍ଗ ଗଣନାଟ୍ୟ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ପଡ଼ିବା ନେଇ ବ୍ୟବସ୍ଥା ରହିଛି। ପୋଡ଼ାଶୁଳ କାଳିପୂଜାରେ ଦର୍ଶକଙ୍କ ଭିଡ଼, ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ପାଇଁ ପୋଡ଼ାଶୋଳ ବଜାର କମିଟି ଓ କାଳି ପୂଜା କମିଟି ମିଳିତଭାବେ କାର୍ଯ୍ୟ କରୁଛନ୍ତି ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ନୀଳଗିରି,(ସବ୍ୟୁ): ବରହମପୁର ଅଧିନସ୍ଥ ଧରମପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ବାରିକଙ୍କ ୭୮ବର୍ଷ ବୟସରେ ପରଲୋକ ହୋଇଛି। ଶାରିରୀକ ଅସୁସ୍ଥତା ନେଇ କଟକ ବଡ଼ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ ହୋଇଥିଲା । ପ୍ରଥମେ ଶ୍ରୀ ବାରିକ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅଧୀନରେ ଶିକ୍ଷକତା ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କର ନିଜଗ୍ରାମ ଧରମପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରୂପେ ବହୁଦିନ ଧରି ଶିକ୍ଷକତା କରିବା ପରେ ଶେଷରେ ଭୋଗଦିଆ ପ୍ରାଥମିକ ବିଦ୍ୟାଳୟରୁ ୨୦୨୨ ମସିହାରେ ଅବସର ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁଖବର ପାଇ ତାଙ୍କ ନିକଟରେ ପଢ଼ିଥିବା ବହୁ ଛାତ୍ରଛାତ୍ରୀ ତାଙ୍କର ଶେଷଦର୍ଶନ କରିଥିଲେ। ବଡ଼ପୁଅ ମାନସ ମୁଖଗ୍ନି ଦେଇଥିବା ବେଳେ ଗ୍ରାମ ଶ୍ମଶାନରେ ତାଙ୍କ ପ୍ରାର୍ଥିବ ଶରୀରକୁ ସତ୍କାର କରାଯାଇଥିଲା।

**ଓଡିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
********

XXIV- 34

**ଅଧିସୂଚନା**

**File No COL-JAJ-VIIL- 39-2023/ 10672 / LA/ (Civil), Dated : 10.09.2024**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଯାଜପୁର ଟାଉନଠାରେ ମା ବିରଜାଙ୍କ ମନ୍ଦିର ଚତୁପାର୍ଶ୍ୱ ଉନ୍ନତିକରଣ (ଅତିରିକ୍ତ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା - ୟୁନିଟ-୧୪ ବିରଜାକ୍ଷେତ୍ର ଥାନା- ଯାଜପୁର ନଂ ୨୧୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୦.୮୫୩୧** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ୧୧(୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –** ଯାଜପୁର ଟାଉନଠାରେ ମା ବିରଜାଙ୍କ ମନ୍ଦିର ଚତୁପାର୍ଶ୍ୱ ଉନ୍ନତିକରଣ (ଅତିରିକ୍ତ) ନିମନ୍ତେ ।
**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –** ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ –** ଯାଜପୁର ଟାଉନଠାରେ ମା ବିରଜାଙ୍କ ମନ୍ଦିର ଚତୁପାର୍ଶ୍ୱ ଉନ୍ନତିକରଣ (ଅତିରିକ୍ତ) ।
**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ –** ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୩୮୫୩/ ୨୦.୦୭.୨୦୨୪
ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ –** ଉପଜିଲ୍ଲାପାଳ, ଯାଜପୁର
**୬. ଜମିର ବିବରଣୀ–**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | **ୟୁନିଟ-୧୪,** ବିରଜାକ୍ଷେତ୍ର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦. ୯୫୮ଡି | ଏ.୦. ୮୫୩୧ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ଯାଜପୁର** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, ଯାଜପୁର**

**ଭୂମି ଅନୁସୂଚୀ**

**ପ୍ରକଳ୍ପ- ଯାଜପୁର ଟାଉନଠାରେ ମା ବିରଜାଙ୍କ ମନ୍ଦିର ଚତୁପାର୍ଶ୍ୱ ଉନ୍ନତିକରଣ (ଅତିରିକ୍ତ)**

**ମୌଜା- ୟୁନିଟ ନଂ ୧୪ ବିରଜାକ୍ଷେତ୍ର, ଥାନା ନଂ- ୨୧୩, ଥାନା/ତହସିଲ/ ଜିଲ୍ଲା- ଯାଜପୁର**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୭୫ | ୨୯୪ | ୦.୦୦୨୦ | ୦.୦୦୨୦ | ଘରବାରି-୧ | ଗୋପାଳ ସାହୁ, ମଧୁ ସାହୁ ପି: କ୍ଷେତ୍ର ସାହୁ, ଚମ୍ପା ସାହୁ, ସ୍ୱା: ହରି ସାହୁ, ଭାଗିରଥି ସାହୁ, ଗୋବିନ୍ଦ ସାହୁ, ପି: ରଘୁ ସାହୁ, ଜା: ଗୁଡ଼ିଆ ବା: ଦେବିଦ୍ୱାର |
| ୨ | ୨୫୬/୩୨୪ | ୨୮୧ | ୦.୨୯୪୦ | ୦.୨୯୪୦ | ବଗାୟତ-୨ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି ପି: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି ପି: ରଫିଉଦ୍ଦିନ, ରହେମନ ବିବି ପି: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ ପି: ହାଫିଉଦ୍ଦିନ, ସମସୁମ ନିଶା ବିବି ସ୍ୱା: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁରଉଦ୍ଦିନ ପି: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି ପି: ସେକ ସଫିଉଦ୍ଦିନ ସଇତୁନ ନେଶା ବିବି ସ୍ୱା: ସେକ ସଫିଉଦ୍ଦିନ ଜା: ମୁସଲମାନ ବା: ନିଜଗାଁ |
| ୩ | ୨୫୬/୩୨୪ | ୨୮୧/୧୭୭୪ | ୦.୦୭୩୦୦ | ୦.୦୭୩୦୦ | ବଗାୟତ-୨ | |
| ୪ | ୧୫ | ୨୮୧/୧୧୨୭ | ୦.୦୬୨୦ | ୦.୦୬୨୦ | ବଗାୟତ-୨ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି ପି: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି ପି: ରଫି ଉଦ୍ଦିନ, ରହେମନ ବିବି ପି: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ ପି: ହାଫିଉଦ୍ଦିନ, ସମସୁମ ନିଶା ବିବି ସ୍ୱା: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ ପି: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି ପି: ସନାଉଲା ଜା: ମୁସଲବାନ ବା: ଦେବୀଦ୍ୱାର |
| ୫ | ୨୫୬/୨୫୪ | ୨୮୫ | ୦.୦୧୦୦ | ୦.୦୦୫୧ | ଘରବାରି-୨ | ଗୋପାଳ ସାହୁ, ମଧୁ ସାହୁ ପି: କ୍ଷେତ୍ର ସାହୁ, ଚମ୍ପା ସାହୁ, ସ୍ୱା: ହରି ସାହୁ ଭାଗିରଥି ସାହୁ, ଗୋବିନ୍ଦ ସାହୁ, ପି: ରଘୁ ସାହୁ, କବିତା ମଞ୍ଜରୀ ସାହୁ ସ୍ୱା: ଶ୍ୟାମସୁନ୍ଦର ସାହୁ, ମିନତି ସାହୁ, ସ୍ୱା: ଦାମୋଦର ସାହୁ, ଜା: ଗୁଡ଼ିଆ ବା: ଦେବିଦ୍ୱାର |
| ୬ | ୨୫୬/୧୮୯ | ୨୮୮ | ୦.୦୪୦୦୦ | ୦.୦୪୦୦୦ | ଘରବାରି | ନିର୍ମଳ କୁମାର ସାହୁ ପି: ନିରଞ୍ଜନ ସାହୁ ଜା: ଗୁଡ଼ିଆ ବା: ୟୁନିଟ ନଂ-୮ ଯଯାତିନଗର |
| ୭ | ୧୮ | ୨୭୨ | ୦.୩୬୩୦୦ | ୦.୨୬୩୦୦ | ଶାରଦ ଜଳ-୨ | ସେକ ଇବ୍ରାହିମ ଅଲ୍ଲୀ ପି: ସେକ ଅମାନତ ଅଲ୍ଲୀ ଜା: ମୁସଲମାନ, ବା: ଦେବୀଦ୍ୱାର |
| ୮ | ୭୪ | ୨୭୩ | ୦.୦୫୪୦୦ | ୦.୦୫୪୦୦ | ଜଳାଶୟ-୨ | ସେକ ଜିବ୍ରାହିମ ପି: ସେକ ହେଦାତୁଲା ଜା: ମୁସଲମାନ ବା: ଦେବିଦ୍ୱାର |
| ୯ | ୨୫୬/୧୧୨ | ୨୭୩/୧୧୨୮ | ୦.୦୬୦୦୦ | ୦.୦୬୦୦୦ | ଘରବାରି-୨ | ଖତିନା ବିବି ସ୍ୱା: ସେକ ଇସମାଇଲ ଜା: ମୁସଲମାନ ବା: ଦେବିଦ୍ୱାର |
| | | | ମୋଟ | ୦.୮୫୩୧ | | |

**OIPR: 24163/14/0043/2425** **ସ୍ୱା/ ଭୂ-ଅର୍ଜନ ଅଧିକାରୀ, ସିଭିଲ, ଯାଜପୁର**

# ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪

ଧାମନଗର,(ସବ୍ୟୁ):ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଧାମନଗର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଅନୁଷ୍ଠିତ ହୋଇଯାଇଛି। ରବିବାର ଦିବସ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ସଭା ଧାମନଗର ମଂଡଳ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା,ମୁଖ୍ୟବକ୍ତା ଭାବେ ଆଗରପଡ଼ା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ,ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ବିଧାୟକଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସମାଜସେବୀ ମନୋରଞ୍ଜନ ମଲ୍ଲିକ,ଧାମନଗର ହାଇସ୍କୁଲ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ,ଧୁଷୁରୀ ହାଇସ୍କୁଲ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା,ଅତିରିକ୍ତ ମଂଡଳ ଶିକ୍ଷାଧିକାରୀ ଭୀମସେନ ହୋ,ସତ୍ୟ ସୁନ୍ଦର ପରିଡ଼ା,ବିଜୟ ଲକ୍ଷ୍ମୀ ନାୟକ ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ପରିପ୍ରକାଶ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ଶକୁନ୍ତଳା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନନ୍ତ ଭୂଷଣ ମିଶ୍ର ବେଦ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକର ୧୯ଟି କ୍ଲଷ୍ଟରରୁ ୬୨୭ ଛାତ୍ର ଛାତ୍ରୀ ଯୋଗଦେଇ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୩ ଜଣ କୃତି ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ,ବକ୍ତୃତା,ହସ୍ତାକ୍ଷର,ସଂଗୀତ,ନାଚ,ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ତାଳସାରି ସାମୁଦ୍ରିକ ଥାନା ପୋଲିସ ସେଠାକୁ ଯାଇ ଉକ୍ତ ଜେସିବିକୁ ଥାନା ପରିସର ଏକ ବଣ ମଧ୍ୟରେ ଲୁଚାଇ ରଖି ଥିବାର ରହସ୍ୟକୁ ନେଇଁ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଘଟଣାର ୩ ଦିନ ବିତିଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରିବାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଗ୍ରାମରେ ଅସନ୍ତୋଷ ର ତାତି ବଢ଼ିବାରେ ଲାଗିଛି ।ଚୋରା ବାଲି ଚାଲାଣ ଓ ଜେସିବି ଜବତକୁ ନେଇଁ ତାଳସାରୀ ମେରାଇନଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ତଦନ୍ତ ଚାଲିଛି ବୋଲି ସୂଚନା ଦେଇଥିବାବେଳେ ଚୋରାରେ ବାଲି ଉତ୍ତୋଳନ କରୁଥିବା ଜେସିବିକୁ ପୋଲିସ ଛାଡିଦେଲେ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ଗଣ ଆନ୍ଦୋଳନ କରାଯିବବୋଲି ଗ୍ରାମବାସୀମାନେ ପ୍ରଶାସନକୁ କହିଛନ୍ତି।

# ମଣିଷ ଗନ୍ଧ ବାରି ଛୁଆକୁ ଗ୍ରହଣ କରୁନି ମା' ହାତୀ

କେନ୍ଦୁଝର,(ସ୍ୱପ୍ରବ୍ଧ): କେନ୍ଦୁଝର ଜିଲା ସଦର ରେଞ୍ଜ ଜଗଦଳା ଡ୍ୟାମ ନିକଟ ଗ୍ରାମରୁ ଉଦ୍ଧାର ହୋଇଥିବା ଛୁଆହାତୀକୁ ରବିବାର ବନ ବିଭାଗ ପୁଣି ଥରେ ମା' ଓ ହାତୀପଲ ସହିତ ସାମିଲ କରିବାକୁ ଉଦ୍ୟମ କରିଛି।ଛୁଆହାତୀକୁ ବସନ୍ତପୁର (ଗୁଗୁଡ଼ିହି) ଜଙ୍ଗଲରେ ବୁଲୁଥିବା ହାତୀ ଦଳ ପାଖକୁ ନିଆଯାଇଥିଲା। ଡ୍ରୋନ୍ କ୍ୟାମେରା ସହାୟତାରେ ଗତିବିଧି ନିରୀକ୍ଷଣ କରାଯାଇଥିଲା। ରାତି ମଧ୍ୟରେ ଛୁଆହାତୀକୁ ଦଳ ଗ୍ରହଣ ନ କଲେ ସୋମବାର ରାଜ୍ୟ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କୁ ଯୋଗାଯୋଗ କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଡିଏଫ୍ଓ ଧନାରାଜ ଏଚଡ଼ି ସୂଚନା ଦେଇଛନ୍ତି।ପ୍ରକାଶ ଯେ, ଶୁକ୍ରବାର ରାତିରେ ଛୁଆ ହାତୀଟି ପଲରୁ ଅଲଗା ହୋଇ ପାଖ ଗ୍ରାମରେ ରହିଯାଇଥିଲା। ଖବର ପାଇ ବନ ବିଭାଗ ଉଦ୍ଧାର କରି ପଲରେ ସାମିଲ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ରାତିରେ ସଦର ରେଞ୍ଜ ପଦ୍ମପୁର ମେଗା ନର୍ସରୀକୁ ଅଣାଯାଇ ରଖାଯାଇଥିଲା। ତା ଦେହରେ ମଣିଷ ଗନ୍ଧ ବାରିବାରୁ ଛୁଆହାତୀକୁ ପଲ ଗ୍ରହଣ କରୁ ନ ଥିବା କୁହାଯାଉଛି।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR**

E- 464 **No 4632/ CDM&PHD, Jagatsinghpur, Dt. 30.10.2024**

**ADDENDUM**

The following clauses are hereby added in the Tender Call Notice published vide this office Notice No. 4607 dtd. 30.10.2024.

1) The following categories/classifications apply to the quotation/tender invited from interested, reputed travel agencies, tour operators, or private individuals for the provision of two (2) AC petrol driven vehicles (Tiago, Bolt, or Celerio), preferably BS-VI emission compliant, with a maximum seating capacity of five people, including the driver. The model of the vehicles stated above is only indicative. Vehicles of similar model and segment, having the same mileage and hiring charges, may be taken into consideration

| |
|---|
| Vehicle No-1 |
| Vehicle No-2 |

2) The intended travel agencies, tour operators, or private individuals must submit a separate tender or quotation for each vehicle.
3) The quotation/tender documents must be submitted through Registered/Speed Post only in a sealed envelope superscribed with

**"QUOTATION/TENDER FOR HIRING OF VEHICLE NO. ........... IN O/O THE CDM&PHO, JAGATSINGHPUR"**

The remaining terms and circumstances stated in Notice No. 4607, dated October 30, 2024, will remain unchanged.

**Sd/- Chief District Medical & Public Health Officer Jagatsinghpur**

**OIPR : 10043/11/0007/2425**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଭେଟବର ମଠରେ ବନ୍ଧୁମିଳନ
# ମନମୋହିଲା ପୂର୍ବତନ ବିଧାୟକ, କର୍ପୋରେଟରଙ୍କ ଭଜନ ପରିବେଷଣ



କଟକ, (ସ୍ୱପ୍ର) : ପବିତ୍ର କାର୍ତ୍ତିକ ମାସରେ ମାଗୁଣୀ ଟି ଷ୍ଟଲ୍ ଉଦ୍ୟମରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ସାର୍ତ୍ତୋଳ ସ୍ଥିତ ଭେଟବର ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କଲ୍ୟାଣୀନଗର, ରାଜେନ୍ଦ୍ରନଗର, ଭିଜିଲାନ୍ସ କଲୋନୀ, ଅନ୍ଦରପୁର ଅଞ୍ଚଳର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ପରିବାର ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ରାଧାମାଧବ ଭଜନ ସଂଧ୍ୟା ଟିମ୍ର ସଦସ୍ୟମାନେ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ଅରବିନ୍ଦ ଜେନା ଯୋଗଦେଇ ଭଜନ ପରିବେଷଣ କରିଥିଲେ ଯାହା ଉପସ୍ଥିତ ଜନସାଧାରଣଙ୍କ ମନ ଛୁଆଁ ହୋଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ କର୍ପୋରେଟର ସୌଭାଗୀନି ଜେନା, ଡଃ ବିପିନ ବିହାରୀ ଭୋଳ, ମାଗୁଣୀ ଦାସ, ସରୋଜ କୁମାର ରାଉତ, ଚିତ୍ତରଞ୍ଜନ ନାୟକ, ରବିନ୍ଦ୍ର କୁମାର ରାଉତ, ପ୍ରଦୀପ ଦାସ, ବିନୋଦ ଦାସ, ସାହୀ ଅଧିକାରୀ ପ୍ରମୋଦ ଭୋଳ, ଶ୍ରୀନିବାସ ରଣା, ସଞ୍ଜୟ କୁମାର ସାହୁ, ସଚ୍ଚିଦାନନ୍ଦ ମିଶ୍ର, ଅକ୍ଷୟ ସ୍ୱାଇଁ, ନିର୍ମଳ କୁମାର ସ୍ୱାଇଁ, ଶୈଳେନ୍ଦ୍ର ଭୋଳ, ବିନୟ କୁମାର ଦାସ, ଅମର ସାମନ୍ତରାୟ, ପ୍ରଭାକର ମଲ୍ଲିକଙ୍କ ସମେତ ବହୁ ୫୨-୫୩ନଂ ୱାର୍ଡର ବହୁ ଲୋକ ଉପସ୍ଥିତ ରହିବନ୍ଧୁମିଳର ମଜା ନେଇଥିଲେ।

## ଚନ୍ଦ୍ରଭାଗାରେ ମୃତ ଅଲିଭରିଡଲେ

କୋଣାର୍କ,(ସବ୍ୟୁ)" ଅଲିଭ ରିଡଲେ କଇଁଛ ସୁରକ୍ଷା ନାମକୁ ମାତ୍ରଛ ଚନ୍ଦ୍ରଭାଗାରୁ ଇକୋ ରିଟ୍ରିଟ ପର୍ଯ୍ୟନ୍ତ ବେଳାଭୂମିରେ ୪ରୁ ଅଧିକ କଇଁଛ ମରି ପଡିଥିବା ଦେଖିବାକୁ ମିଳିଛି। ବର୍ତମାନ ଅଲିଭରିଡ଼ଲଙ୍କ ଅଣ୍ଡା ଦେବା ସମୟ । ଏହି ସମୟରେ ମାଳମାଳ ଅଲିଭ ରିଡ଼ଲେ କୂଳକୁ ଆସି ସୁରକ୍ଷିତ ଭାବେ ଅଣ୍ଡା ଦେଇଥାନ୍ତି। ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ କଟକଣା ଜାରି ହୋଇଥିବାବେଳେ ଚନ୍ଦ୍ରଭାଗା ଉପକୂଳ ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ ଅଲିଭରିଡଲେଙ୍କ ମୃତ୍ୟୁର କାରଣ ସାଜିଛି। ବନବିଭାଗ,ମେରାଇନ ପୁଲିସ ଓ ମସ୍ୟ ବିଭାଗର ମିଳିତ ଚଢାଉ ନହେବାରୁ ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ କରୁଥିବା ଅଭିଯୋଗ ହେଉଛି। ଆନ୍ତରିକତା ଓ ସମନ୍ୱୟ ଅଭାବରୁ ଏବେ ବିପଦ ମୁହଁରେ ବିରଳ ଅଲିଭ ରିଡ଼ଲେ। ଏ ସମ୍ପର୍କରେ ମେରାଇନ ମସ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ମୋବାଇଲ ଉଠାଇନଥିଲେ।

# ଇମର୍ତୀ ଦେବୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା




କଟକ, (ସ୍ୱ.ପ୍ର): ନୟାସଡ଼କ ସ୍ଥିତ ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ଭାରତ ସ୍କାଉଟ ଓ ଗାଇଡ଼ର ପ୍ରୋଗ୍ରାମ ଅଫିସରଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକାମାନେ ଦୁର୍ନୀତି ନିବାରଣ ନିମିତ ସାମୂହିକ ଭାବେ ସାଧୁତାର ଶପଥପାଠ କରିଥିଲେ। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତିନି ୟୁନିଟର ପ୍ରୋଗ୍ରାମ ଅଫସର ତଥା ସ୍ୱେଚ୍ଛାସେବୀମାନେ ବ୍ୟାନର, ପ୍ଲାକାର୍ଡ଼ ଧରି ଦୁର୍ନୀତି ନିବାରଣର ସ୍ଲୋଗାନ ଦେଇ ପଥ ପରିକ୍ରମା କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଲିଫଲେଟ ବଂଟନ କରିଥିଲେ। କଲେଜ ପରିସର ମଧ୍ୟରେ ଅଧ୍ୟକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତି' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟକ୍ଷା ସ୍ୱାଗତ ଜଣାଇ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଦୁର୍ନୀତି ନିବାରଣ କରିବା କଷ୍ଟସାଧ ଓ ସମୟ ସାପେକ୍ଷ ହେଲେ ମଧ ଅସମ୍ଭବ ନୁହେଁ। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ାକ୍ତର ରବିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଯୁବପିଢ଼ିଙ୍କୁ ଦୁର୍ନୀତିମୁକ୍ତ ରହି ଦେଶର ସମୃଦ୍ଧିରେ ହାତ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଡ଼ିଭିଜନର ଭିଜିଲାନ୍ସ ପୋଲିସ୍ ଡ଼ିଏସ୍‌ପି ପୁଷ୍ପାଞ୍ଜଳୀ ଜେନା ମୁଖ୍ୟବକ୍ତା ରୂପେ ଯୋଗ ଦେଇ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଦୁର୍ନୀତିର ମୂଳୋତ୍ପାଟନ କରି ଏକ ଦୁର୍ନୀତିମୁକ୍ତ ସମୃଦ୍ଧ ସମାଜର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତ ସ୍କାଉଟ୍ ଓ ଗାଇଡ୍‌ର ଅଫିସର ଡ଼କ୍ଟର ପ୍ରମୋଦିନୀ ସାହୁ ସଭା ସଂଚାଳନ କରିବା ସହିତ ଅତିଥିପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ରେଡ଼କ୍ରସର କାଉନ୍‌ସିଲର ସୁମିତା ଆଚାର୍ଯ୍ୟ ଓ ମଞ୍ଜୁସ୍ମିତା ବିଶ୍ୱାଳ, ସ୍କାଉଟ୍ ଓ ଗାଇଡ୍‌ର ସହ-ପ୍ରୋଗ୍ରାମ ଅଫିସର ମୋନିକା ନନ୍ଦ, ଅଧ୍ୟାପିକା ମଧୁସ୍ମିତା ଦାଶ ସହଯୋଗିତା କରିଥିଲେ। ଦେବାଶିଷ ସ୍ୱାଇଁ ଓ ଅଧ୍ୟାପିକା ଆଂଚଲ ଗୁପ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ଼କ୍ଟର ଛନ୍ଦା ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜ ମହୋତ୍ସବ-୨୦୨୪ ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ ମହୋତ୍ସବ - ୨୦୨୪ ପାଇଁ ସମସ୍ତ ଉପଖଣ୍ଡ ସ୍ତରୀୟ ପ୍ରସ୍ତୁତି ବୈଠକ ଜୋରସୋରରେ ଚାଲିଥିବାର ଦେଖାଯାଇଛି । ମୟୂରଭଞ୍ଜ ମହୋତ୍ସବ-୨୦୨୪ ପାଇଁ ଜିଲ୍ଲାର ସମସ୍ତ ଉପଖଣ୍ଡ ତଥା ୨୬ ଟି ବ୍ଲକ ର ବିଭିନ୍ନ ବର୍ଗର ଲୋକ ମାନଙ୍କୁ ନେଇ ଚଳିତ ଥର ବହୁ ଧୁମଧାମରେ ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲା ର ଭାଷା, କଳା , ସଂସ୍କୃତି ଏବଂ ସ୍ୱତନ୍ତ୍ର ପରମ୍ପରାକୁ ନେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି । ଏହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲା ପାଇଁ ଗର୍ବ ଏବଂ ଗୌରବ ର ବିଷୟ ହୋଇଥିବା ବେଳେ ସମସ୍ତ ଜିଲ୍ଲା ବାସୀ ଏହି କାର୍ଯ୍ୟକ୍ରମରେ ଜଡିତ ହେବା ପାଇଁ ମହୋତ୍ସବ କର୍ମକର୍ତ୍ତା ଏନେଇ ବିଭିନ୍ନ ସ୍ତରରେ ଜୋରସୋରରେ ପ୍ରସ୍ତୁତି ଜାରି ରଖିଛନ୍ତି । ଶନିବାର ଅପରାହ୍ନ ସମୟରେ ବେତନଟୀ ଡାକବଙ୍ଗଳା ପରିସରରେ ମୟୂରଭଞ୍ଜ ମହୋତ୍ସବ କମିଟି ଅଧ୍ୟକ୍ଷ ଅସିତ ପତିଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୟୂରଭଞ୍ଜ ମହୋତ୍ସବ ସଂଗଠନ ସମ୍ପାଦକ ରାକେଶ ସିଂ, ପ୍ରକାଶ ବେହେରା, ପ୍ରଦୀପ କୁମାର ସାମଲ , ସୁନ୍ଦର ମୋହନ ମହାନ୍ତ, କିଶୋର ନାୟକ, ଶିରିଶ ଚନ୍ଦ୍ର ବାରିକ, ଦୀପକ କୁମାର ସିଂହ, ସତ୍ୟପ୍ରକାଶ ପ୍ରଧାନ , ପ୍ରିୟବ୍ରତ ପଟ୍ଟନାୟକ, ସୁଜିତ କୁମାର ବେହେରା ଏବଂ ଅନ୍ୟ ମାନେ ଯୋଗଦାନ କରି ଆଗାମୀ ଦିନରେ ହେବାକୁ ଥିବା ବୈଠକ ବିଷୟରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଡାକବଙ୍ଗଳା ପରିସରରେ ମହୋତ୍ସବ ପାଇଁ ବଡ ଧରଣର ପ୍ରସ୍ତୁତି ବୈଠକ କରାଯିବାର ସ୍ଥିର କରାଯାଇଥିବା ବେଳେ ଏନେଇ ଏକ ଗ୍ରୁପ ମଧ୍ୟ କରାଯାଇ ସଦସ୍ୟ ସଂଗ୍ରହ କରାଯିବାର ସିଦ୍ଧାନ୍ତ ମଧ୍ୟ ନିଆଯାଇଥିବା ଜଣାଯାଇଛି । ଏଥିରେ ସମସ୍ତ ସାମ୍ବାଦିକ , ସମାଜସେବୀ , ସଙ୍ଗଠକ , ରାଜନେତା ଠୁ ଆରମ୍ଭ କରି ସମସ୍ତ ବ୍ୟକ୍ତି ଯୋଗଦାନ କରିବା ପାଇଁ ଅଧ୍ୟକ୍ଷ, ସଙ୍ଗଠନ ସମ୍ପାଦକ ଏବଂ ଉପସ୍ଥିତ ସଦସ୍ୟ ଆହ୍ୱାନ କରିଥିବାର ଜଣାଯାଇଛି । ଶେଷରେ ସଙ୍ଗଠନ ସମ୍ପାଦକ ଶ୍ରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେକର୍ଡ ୧୦୦ ବିଲିୟନ ଡଲାର
# ଅତିକ୍ରମ କରିଛି ଅନ୍ତର୍ଜାତୀୟ ସୁନା ଚାହିଦା

ଭୁବନେଶ୍ୱର : ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ୨୦୨୪ ୩ୟ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟ ଉନ୍ମୋଚନ କରିଛି । ଏହି ଅନୁଯାୟୀ ମୋଟ ସୁନା ଚାହିଦା ବାର୍ଷିକ ଆଧାରରେ ୫% ବୃଦ୍ଧି ପାଇ ୧୩୧୩ ଟନରେ ପହଂଚିଛି ଯାହାକି ଏକ ରେକର୍ଡ ୩ୟ ତ୍ରୈମାସିକ ଅଟେ । ପ୍ରଥମ ଥର ପାଇଁ ମୋଟ ଚାହିଦା ୧୦୦ ବିଲିୟନ ଡଲାର ଅତିକ୍ରମ କରିଛି, ଯାହା ଏକ ରେକର୍ଡ-ଉଚ୍ଚ ମୂଲ୍ୟ ପରିବେଶରେ ମଜବୁତ ନିବେଶ ଦ୍ୱାରା ସମର୍ଥିତ ଅଟେ । ଆନ୍ତର୍ଜାତୀୟ ନିବେଶ ଚାହିଦା ବାର୍ଷିକ ଆଧାରରେ ଦୁଇ ଗୁଣରୁ ଅଧିକ ବୃଦ୍ଧି ହୋଇ ୩୬୪ ଟନ ରହିଛି । ବିଶ୍ୱବ୍ୟାପୀ ଗୋଲ୍ଡ ଇଟିଏଫ୍‌ରେ ୯୫ ଟନ ବୃଦ୍ଧି ଘଟିଛି ଯାହା ୨୦୨୨ର ପ୍ରଥମ ତ୍ରୈମାସିକ ପରଠାରୁ ପ୍ରଥମ ସକାରାତ୍ମକ ତ୍ରୈମାସିକକୁ ଚିହ୍ନିତ କରୁଛି। ବାର୍ ଓ କଏନ୍ ଚାହିଦା ୯% ହ୍ରାସ ପାଇଛି କିନ୍ତୁ ୭୬୪ ଟନର ୧୦ ବର୍ଷର ହାରାହାରି ପରିମାଣ ତୁଳନାରେ ୱାଇ-ଟି-ଡି ମୋଟ ପରିମାଣ ୮୫୯ ଟନରେ ଶକ୍ତିଶାଳୀ ରହିଛି । କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ମନ୍ଥର ହୋଇଥିବା ବେଳେ ଚାହିଦା ୧୮୬ ଟନରେ ମଜବୁତ ରହିଛି । ୨୦୨୨ର ସମାନ ଅବଧି ସହ ସମାନ୍ତରାଳ ଭାବେ କେନ୍ଦ୍ରୀୟ ବ୍ୟାଙ୍କର ଇୟର-ଟୁ-ଡେଟ ଚାହିଦା ୬୯୪ ଟନରେ ପହଂଚିଛି । ୩ୟ ତ୍ରୈମାସିକ ସମୟରେ ସୁନା ମୂଲ୍ୟ ରେକର୍ଡ ଉଚ୍ଚ ସ୍ତରକୁ ବୃଦ୍ଧି ପାଇବା ଜାରି ରହିଛି, ଯାହା ଆଉନ୍ସ (ଓଜେଡ୍) ପିଛା ୨୪୭୪ ଡଲାରର ଏକ ହାରାହାରି ସ୍ତରରେ ପହଂଚିଛି, ଏହା ସୁନା ଅଲଙ୍କାର ପାଇଁ ଆନ୍ତର୍ଜାତୀୟ ଚାହିଦାକୁ କ୍ଷତି ପହଂଚାଉଛି। ମୋଟ ଅଲଙ୍କାର କ୍ରୟ ଏକ ପରିମାଣ ଆଧାରରେ ବାର୍ଷିକ ଭିତିରେ ୧୨% ହ୍ରାସ ପାଇଛି କିନ୍ତୁ ମୂଲ୍ୟ ଦୃଷ୍ଟିରୁ ୧୩% ବୃଦ୍ଧି ହୋଇଛି। ଏହାଛଡା ଟେକ୍ନୋଲୋଜି କ୍ଷେତ୍ରରେ ସୁନା ପାଇଁ ମୋଟ ଚାହିଦା ବାର୍ଷିକ ଆଧାରରେ ୭% ବୃଦ୍ଧି ହୋଇଛି।

# ଚନ୍ଦ୍ରଶେଖରପୁର ବୋଇତବନ୍ଦାଣ କମିଟିର ଦ୍ୱିତୀୟ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର (ସବ୍ୟୁ): ଚନ୍ଦ୍ରଶେଖରପୁର ବୋଇତବନ୍ଦାଣ କମିଟିର ଦ୍ୱିତୀୟ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନିୟ ଲୁମ୍ବିନିବିହାର ସ୍ଥିତ ପ୍ରୋଜେକ୍ଟ ୱାର୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଉପଦେଷ୍ଟା ସୁଧାଂଶୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଯୁବନେତା ମନୋଜ କୁମାର ସାହୁ, ସଂପାଦକ କେଶବ ରଣା, ବୋଇତବନ୍ଦାଣ ଘାଟ, ଚତୁର୍ଥପ୍ରହରୀ ଆୟୋଜନ, ଉଦ୍‌ଘାଟନୀ ଉତ୍ସବ ଓ ବୋଇତବନ୍ଦାଣ ଭଷାଣୀ ଉତ୍ସବ ପାଇଁ ଅତିଥିଙ୍କୁ ନିମନ୍ତ୍ରଣ ସଂପର୍କରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଯୁବ ସମାଜସେବୀ ଅଭୟ କୁମାର ବଡଜେନା, ବରିଷ୍ଠ ସଭ୍ୟ ପଦ୍ମ ଲୋଚନ ସାହୁ, ବିଚିତ୍ରା ନନ୍ଦ ରାଉତରାୟ, ଧରଣୀଧର ବିଶ୍ୱାଳ, ପ୍ରଶାନ୍ତ କୁମାର ଦାସ, ଦେବ ଚୌଧୁରୀ, ପଦ୍ମଲାଭ କର, ନିର୍ଦ୍ଦେଶିକା ମିଲି ରଣା, ତରୁଣ କୁମାର ସେନାପତି, ସଞ୍ଜୟ ନାୟକ, ପ୍ରଭାତୀ ପାଣି ଓ ସୁରେଖା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଶ୍ରୀ ଶ୍ୟାମବାବା ମନ୍ଦିର ପରିସରରେ ବନ୍ଧୁମିଳନ

କଟକ, (ସବ୍ୟୁର ):ଦୀପାବଳି ଓ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ବିନୋଦବିହାରୀସ୍ଥିତ ଶ୍ରୀ ଶ୍ୟାମବାବା ମନ୍ଦିର ପରିସରରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । କଟକ ସହରରେ ବସବାସ କରୁଥିବା ମାରୁୱାଡି ସମ୍ପ୍ରଦାୟର ପାରିବାରିକ ବନ୍ଧୁମିଳନ ଆନନ୍ଦଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇ ସୁସ୍ୱାଦୁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସର୍ବଶ୍ରୀ ଗଣେଶ କାଣ୍ଡୋଇ, ନରେଶ ଗୋଭେନ୍ଦ୍ରିୱାଲ, ଅଭେନାଶ ଖେଓ୍ୱାସ, ପଓ୍ୱନ ଚୌଧୁରୀ, ସତ୍ୟନାରାୟଣ ଭରେଲୱାଲ, ଜୟରାମ ଯୋଶୀ, କମଲ କୁମାର ଅଗ୍ରୱାଲ ଓ ସୁରେଶ କୁମାର କମାନୀ ପ୍ରମୁଖ ପରିଚାଳନା କରିଥିବା ବେଳେ ତିନିହଜାର ଲୋକଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ନବନିର୍ମାଣ ବିକାଶମଞ୍ଚର କେନ୍ଦ୍ରୀୟ ସଭାପତି ବିଶିଷ୍ଟ ଶିକ୍ଷାବିତ ତଥା ମାଳିକା ଗବେଷକ ଆଡ଼ଭୋକେଟ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସ, ଆଡ଼ଭୋକେଟ ଅମରେନ୍ଦ୍ର ମହାନ୍ତି, ଆଡ଼ଭୋକେଟ ପ୍ରସନ୍ନ ମହାପାତ୍ର,ବିଜୟ କୁମାର ସାମଲ, ପ୍ରଫେସର ସବିତାବାଳା ଆଚାର୍ଯ୍ୟ ଓ ନାରୀନେତ୍ରୀ ଆଡ଼ଭୋକେଟ ବିଶ୍ୱଜିତା ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

# ରେଳ ଷ୍ଟେସନ୍ ଟ୍ୟାକ୍ସି ଆସୋସିଏସନ୍'ର କାଳୀପୂଜା ମହୋତ୍ସବ

ପୁରୀ, (ସବ୍ୟୁ): ପ୍ରତିବର୍ଷ ପରି ଚଳିତ ବର୍ଷ ଶୁକ୍ରବାର ସନ୍ଧ୍ୟାରେ ପୁରୀ ରେଳ ଷ୍ଟେସନ ପରିସରରେ 'ପୁରୀ ରେଲ୍‌ୱେ ଷ୍ଟେସନ୍ ଟ୍ୟାକ୍ସି ଆସୋସିଏସନ୍'ର ୧୫ ତମ କାଳୀପୂଜା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗ ଦେଇ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍ପି ଦେବବ୍ରତ ଚକ୍ର, ସଦର ଏସ୍ଡିପିଓ ରବିନାରାୟଣ ଭଞ୍ଜ, ବରିଷ୍ଠ ଆଇନ୍ଜୀବୀ ଶୁଭେନ୍ଦୁ ମହାପାତ୍ର, ଶିଳ୍ପପତି ସନ୍ଦୀପ ରାୟ, ନଗର ମହିଳା ସଭାନେତ୍ରୀ ବିନୋଦିନୀ ଦାସ, ଯୁବ ସଂଗଠକ ଅମରେନ୍ଦ୍ର ପାଇକରାୟ, ଅନୁଷ୍ଠାନର ସଭାପତି କବିଚନ୍ଦ୍ର ପାଇକରାୟ, ସମ୍ପାଦକ ଜଳନ୍ଧର ରାଉତରାୟ, ଉପସଭାପତି ଡି.ସୀମାଦ୍ରି ରେଡ୍ଡୀ, ସହସମ୍ପାଦକ ବିଜୟ ମହାପାତ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର ସାହୁ, ପୂର୍ବତନ ସମ୍ପାଦକ ଅକ୍ଷୟ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନ ପକ୍ଷରୁ ସାଂସଦ ଶୁଭାଶିଷ ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ନାୟକ,



ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ପୁରୀ ସଦର ଏସଡିପିଓ ରବି ନାରାୟଣ ଭଞ୍ଜ, ବରିଷ୍ଠ ଆଇନଜୀବୀ ଅନିଲ କୁମାର ରାୟ, ରାଧା ରଞ୍ଜନ ମହାପାତ୍ର, ସାମ୍ବାଦିକ ବିକ୍ରମ କୁମାର ଆଚାର୍ଯ୍ୟଙ୍କ ସହ ମୋଟ ୮୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରଦୀପ ସାହୁ ଓ ଦାମୋଦର ମିଶ୍ର ମଞ୍ଚ ପରିଚାଳନା କରିଥିଲେ ଛ ଅନୁଷ୍ଠାନ ଉପଦେଷ୍ଟା ସୋମନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେଛ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଦେଢ଼ ହଜାରରୁ ଅଧିକ ଦର୍ଶକ ଓ ସଂଘର ସଦସ୍ୟମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଆଗକୁ ରାମଲୀଳା ସହ ଅନ୍ନଦାନ କାର୍ଯ୍ୟକ୍ରମ ଥିବାବେଳେ ଆସନ୍ତା ୬ ତାରିଖ ଅପରାହ୍ନରେ ମା'ଙ୍କ ଭସାଣି ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି ବୋଲି ସଂଘର ଉପଦେଷ୍ଟା ଶ୍ରୀ ସାହୁ କହିଛନ୍ତି । ମା'ଙ୍କ ମଣ୍ଡପରେ କର୍ତ୍ତା ଭାବେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଗୋକୁଳି ପରିଡ଼ା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଅନୁଷ୍ଠାନର ସଦସ୍ୟ ତପନ ଚୌଧୁରୀ, ଅଞ୍ଜନ୍ୟା ସାହୁ, ରତ୍ନାକର ପ୍ରଧାନ, ନିରଞ୍ଜନ ସାହୁ, ସୁଶାନ୍ତ ସୁବୁଦ୍ଧି, ଗଙ୍ଗାଧର ଦୋରା, ସୁନୀଲ ସାମନ୍ତରାୟଙ୍କ ସମେତ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରେକର୍ଡ ସୃଷ୍ଟି କରିଛି ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ

ଭୁବନେଶ୍ୱର, (ସବ୍ୟୁ): ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ (ଏଜିଆଇଏଫ୍) ୨୦୨୪ ଦେଶବ୍ୟାପୀ ଏହାର ଗ୍ରାହକ, ସେଲର ଓ ବ୍ରାଣ୍ଡ ପାର୍ଟନରଙ୍କ ପାଇଁ ସର୍ବୋତମ ସପିଙ୍ଗ୍ ସେଲିବ୍ରେଶନରେ ପରିଣତ ହୋଇଛି । ଏଜିଆଇଏଫ୍ ସେପ୍ଟେମ୍ବର ୨୦୨୪ ତାରିଖରୁ ୨୪ ଘଂଟାର ପ୍ରାଇମ୍ ୟର୍ଲି ଆକ୍‌ସେସ ସହ ଆରମ୍ଭ ହୋଇଥିଲା ଯାହା ଗ୍ରାହକଙ୍କୁ ଲାପ୍‌ଟପ, ଟିଭି, ସ୍ମାର୍ଟଫୋନ୍, ଫ୍ୟାଶନ ଓ ବିୟୁଟି, ହୋମ ଡେକୋର, ଆପ୍ଲାଏନ୍ସ, ଫର୍ଣ୍ଣିଚର ଓ ଗ୍ରୋସରୀ ଭଳି ବର୍ଗରେ ଶୀର୍ଷ ବ୍ରାଣ୍ଡ୍‌ଗୁଡିକରୁ ୨୫୦୦୦ରୁ ଅଧିକ ନୂଆ ଲଂଚ୍ ପାଇଁ ପହଂଚ ପ୍ରଦାନ କରିଥିଲା । ଏହି ସଫଳତା ସମ୍ପର୍କରେ ଆମାଜନ ଇଣ୍ଡିଆର କ୍ୟାଟାଗୋରିଜ୍ ବିଭାଗର ଉପାଧ୍ୟକ୍ଷ, ସୌରଭ ଶ୍ରୀବାସ୍ତବ କହିଛନ୍ତି, ଆମାଜନର ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୪ ବାସ୍ତବରେ ଭାରତର ସବୁଠାରୁ ବଡ ସପିଙ୍ଗ୍ ଇଭେଂଟରେ ପରିଣତ ହୋଇଛି ଯାହା ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି । ଦୈନନ୍ଦିନ ସାମଗ୍ରୀଠାରୁ ଆରମ୍ଭ କରି ଅଧିକ ମୂଲ୍ୟର କ୍ରୟ ପର୍ଯ୍ୟନ୍ତ ସବୁକିଛି ପାଇଁ ସମଗ୍ର ଦେଶରୁ ମିଳିଥିବା ଏହି ଉତ୍ସାହଜନକ ପ୍ରତିକ୍ରିୟା ଆମକାଜନ ଇଣ୍ଡିଆ ଉପରେ ଗ୍ରାହକଙ୍କ ଗଭୀର ବିଶ୍ୱାସକୁ ସୂଚିତ କରୁଛି।

# ସାମନ୍ତ ସମାଜର ଚିତ୍ରଗୁପ୍ତ ପୂଜା

କଟକ,(ସବ୍ୟୁ):ଉତ୍କଳ ସାମନ୍ତ(କରଣ) ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଥୋରିଆ ସାହିସ୍ଥିତ କାର୍ଯ୍ୟଳୟରେ ଅନୁଷ୍ଠିତ ଏହି ପୂଜାରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲର ପ୍ରାକ୍ତନ ଉପାଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, ଲକ୍ଷ୍ମୀ ପ୍ରସାଦ ଦାସ, ଗୋକୁଳାନନ୍ଦ ପଟ୍ଟନାୟକ,ଡଃ ଦ୍ୱିପାୟନ ପଟ୍ଟନାୟକ,ଦିଲୀପ ଦାସ, ଭୁବନାନନ୍ଦ ମହାନ୍ତି, ଅଜୟ କୁମାର ଦାସ, ଚୌଧୁରୀ ସତ୍ୟ ପ୍ରକାଶ ଦାସ, ସୁମନ ମହାନ୍ତି,ଚିତ୍ତରଞ୍ଜନ ପଟ୍ଟନାୟକ,ପ୍ରଶାନ୍ତ କୁମାର ମହାନ୍ତି, ନିର୍ମଳ ପଟ୍ଟନାୟକ,ପ୍ରଶାନ୍ତ କୁମାର



କାନୁନଗୋ,ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମନ୍ତ ସମାଜର ଉନ୍ନତି ପାଇଁ ତଥା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରାଯିବା ପାଇଁ ଏକ ପ୍ରସ୍ତାବ ଗ୍ରହଣ କରାଯାଇଛି ।

## ଯୁବରାଜ ସିଂ ସେଣ୍ଟର ଅଫ ଏକ୍ସଲେନ୍ସ ଓ ମର୍ଲିନ ଗ୍ରୁପ୍
# ପୂର୍ବ ଭାରତକୁ ଆଣୁଛନ୍ତି କ୍ରିକେଟ ଟାଲେଣ୍ଟହଣ୍ଟ

ଭୁବନେଶ୍ୱର : ଯୁବରାଜ ସିଂ ସେଣ୍ଟର ଅଫ ଏକ୍ସଲେନ୍ସ (ୱାଇଏସ୍‌ସିଇ), ମର୍ଲିନ ଗ୍ରୁପ୍‌ର କ୍ରୀଡା ବିଭାଗ କ୍ଲବ ପାଭିଲିଅନ ସହଯୋଗିତାରେ ପୂର୍ବ ଭାରତରେ ସ୍ୱତନ୍ତ୍ର କ୍ରିକେଟ ଟାଲେଣ୍ଟହଣ୍ଟ (ପ୍ରତିଭା ଅନ୍ୱେଷଣ) ଶୁଭାରମ୍ଭ ସମ୍ପର୍କରେ ଗର୍ବର ସହିତ ଘୋଷଣା କରୁଛି। ଏକାଧିକ ସହରରେ ହେବାକୁ ଥିବା ଏହି ଟାଲେଣ୍ଟହଣ୍ଟ ଭୁବନେଶ୍ୱରରେ ୨୦୨୪ ନଭେମ୍ବର ୯ ତାରିଖରେ ଆରମ୍ଭ ହେବ ଏବଂ ଏହା ଓଡ଼ିଶାରୁ ଉଦୀୟମାନ ଯୁବ କ୍ରିକେଟ ଖେଳାଳିଙ୍କ ଚିହ୍ନଟ ଓ ପରିପୋଷଣ କରିବା ଲକ୍ଷ୍ୟ ରଖିଛି। ଏହି ଅନୁସନ୍ଧାନ ପ୍ରକ୍ରିୟା ପାଟନା, ସିଲିଗୁଡି ଏବଂ କୋଲକାତା ସମେତ ପୂର୍ବ ଭାରତର ବୃହତ ସହରଗୁଡିକୁ ମଧ୍ୟ ପରିବ୍ୟାପ୍ତ କରାଯିବ ଏବଂ ବିଶ୍ୱ ଶ୍ରେଣୀର ତାଲିମ ଜରିଆରେ ଆକାଂକ୍ଷୀ ଖେଳାଳିମାନଙ୍କୁ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଭଳି ସୁଯୋଗ ଯୋଗାଇ ଦିଆଯିବ । ଓଡ଼ିଶା ନିମନ୍ତେ



ଟାଲେଣ୍ଟହଣ୍ଟ ଖୋଜିବ କାର୍ଯ୍ୟ ଭୁବନେଶ୍ୱରରେ ୨୦୨୪ ନଭେମ୍ବର ୯ ତାରିଖରେ ବିଜେବି ହାଇସ୍କୁଲ ପଡିଆରେ ଆୟୋଜିତ ହେବାକୁ ଯାଉଛି। ଏହି ଏକ ଦିବସୀୟ ଟ୍ରାଏଲ ଉକ୍ତ ତାରିଖରେ ଅନୁଷ୍ଠିତ ହେବ ଏବଂ ଏହା ଶ୍ରୀ ବିଶାଲ ଭାଟିଆ (ବିସିସିଆଇ ଲେବଲ ୧ ପ୍ରମାଣିକୃତ କୋଚ ଏବଂ ହେଡ କୋଚ- ଯୁବରାଜ ସିଂ ସେଣ୍ଟର ଅଫ ଏକ୍ସଲେନ୍ସ) ଏବଂ ଶ୍ରୀ ସତ୍ୟେନ୍ଦ୍ର ସିଂ (ବିସିସିଆଇ ଲେବଲ ୨ ପ୍ରମାଣିକୃତ କୋଚ ଏବଂ ହେଡ କୋଚ ୱାଇଏସ୍‌ସିଇ ଏଟିପି, କୋଲକାତା)ଙ୍କ ଦ୍ୱାରା ପରିଚାଳିତ ହେବ। ଓଡ଼ିଶା ଏବଂ ଭାରତର ଅନ୍ୟାନ୍ୟ ରାଜ୍ୟର ଆକାଙ୍କ୍ଷୀ କ୍ରିକେଟ ଖେଳାଳିମାନେ ଏଥିରେ ଯୋଗଦେବା ଏବଂ ୱାଇଏସ୍‌ସିଇ କୋଚମାନଙ୍କ ଦ୍ୱାରା ମନୋନୀତ ହେବାର ସୁଯୋଗ ଲାଭ କରିବାକୁ ସ୍ୱାଗତ କରାଯାଉଛି। ମନୋନୀତ ଅଂଶଗ୍ରହଣକାରୀଙ୍କୁ ୱାଇଏସ୍‌ସିଇର ଅଗ୍ରଣୀ ତାଲିମ କାର୍ଯ୍ୟକ୍ରମ ନିମନ୍ତେ ପୂର୍ଣ୍ଣାଙ୍ଗ ବୃତ୍ତି ପ୍ରଦାନ କରାଯିବ, ଯାହା କୋଲକାତାରେ ଯୁବରାଜ ସିଂ ସେଣ୍ଟର ଅଫ ଏକ୍ସଲେନ୍ସର ମର୍ଲିନ ରାଇଜ, କ୍ଲବ ପାଭିଲିଅନରେ ଅନୁଷ୍ଠିତ ହେବାକୁ ଯାଉଛି।

## ବରିଷ୍ଠ ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ୭୫ ତମ ଜନ୍ମ ଜୟନ୍ତୀ

କଟକ, (ସବ୍ୟୁ): କଟକ ସଦର ୪୨ ମୌଜା ପଟଣା ଗ୍ରାମର ଅଗ୍ରଣୀ ସାମାଜିକ ସଙ୍ଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ବରେଣ୍ୟ ସମ୍ପାଦକ,ପ୍ରତିଭାର ପୁଜାରୀ,ସାରସ୍ତ ସାଧକ,ଆଦର୍ଶ ବ୍ୟକ୍ତି, ଅହଙ୍କାର ବିବର୍ଜିତ ମାନବ,ବିଶିଷ୍ଟ ସଙ୍ଗଠକ,ପରିବେଶବି,ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତି (ଝରା ଭାଇ) ୭୫ ବର୍ଷରେ ପଦାର୍ପଣ କଲେ । ଏହି ଅବସରରେ ଆଦର୍ଶ ଶିକ୍ଷକ ମିହିର କୁମାର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ ଛାତ୍ରଛାତ୍ରୀଙ୍କୁ ଖାତା,କଲମ ଆଦି ପାଠ୍ୟ ଉପକରଣ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି,ଏହି ନଭେମ୍ବର ମାସ (କାର୍ତ୍ତିକ ମାସ)ରେ ବହୁବିଧ ସେବାକାର୍ଯ୍ୟ,ଆଶ୍ରମ ଭ୍ରମଣ ସହ ଖାଦ୍ୟ ବସ୍ତ୍ର ପାଠ୍ୟ ଓ କ୍ରୀଡ଼ା ସାମଗ୍ରୀ ପ୍ରଦାନ,ବୃକ୍ଷ ରୋପଣ,ସାହିତ୍ୟ ସେବା,ପୂଜ୍ୟପୂଜା ଆଦି କରା ଯିବାକୁ ସେ ସ୍ଥିର କରିଛନ୍ତି । ସମଗ୍ର ସଦର ବାସି ପ୍ରିୟ ଝରା ଭାଇଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି ।

# ରାଜ୍ୟସ୍ତରୀୟ ଅସଂଗଠିତ ଶ୍ରମିକ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ): ଆଜି ନିଖିଳ ଉତ୍କଳ ଚାଷୀ ମୂଲିଆ ସଂଘ 'ନାସ୍' ଓ ଆନ୍ତର୍ଜାତିକ ନିର୍ମାଣ ଶ୍ରମିକ ମହାସଂଘ ମିଳିତ ଉଦ୍ୟଗରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ପାଇଁ ଦାବି ଉପସ୍ଥାପନ ସମ୍ବନ୍ଧରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଡ. ରାମଚନ୍ଦ୍ର ଖୁଂଟିଆ ଭାରତ ବର୍ଷରେ କାର୍ଯ୍ୟରତ ୫୦ କୋଟିରୁ ଉର୍ଦ୍ଧ୍ୱ ଅସଂଗଠିତ ଶ୍ରମିକମାନେ ସଂପୂର୍ଣ୍ଣ ଅବହେଳିତ । ସେମାନଙ୍କ ପାଇଁ କୌଣସି ସାମାଜିକ ସୁରକ୍ଷା ତଥା ସ୍ୱାସ୍ଥ୍ୟ ନିରାପତା ବ୍ୟବସ୍ଥା ନାହିଁ । ଅନ୍ୟପକ୍ଷରେ ସର୍ବନିମ୍ନ ରୋଜଗାର ବ୍ୟବସ୍ଥା ମଧ ସରକାର କରିନାହାନ୍ତି । ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅସଂଗଠିତ କ୍ଷେତ୍ରର ଶ୍ରମିକ ମାନଙ୍କ ପାଇଁ କମ୍ପ୍ୟୁଟର ମାଧ୍ୟମରେ ପଞ୍ଜିକୃତ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । କିନ୍ତୁ କୌଣସି ରାଜ୍ୟରେ ଗତ ବଜେଟରେ ଗୋଟିଏ ଟଙ୍କା ମଧ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇନାହିଁ । ତେଣୁ ଅସଂଗଠିତ ଶ୍ରମିକ ମାନଙ୍କୁ ଏକତ୍ରିତ କରି ରାଜ୍ୟ ତଥା ଜାତୀୟ ସ୍ତରରେ ଆନ୍ଦୋଳନ କରିବା ହେଉଛି ଏକମାତ୍ର ଉପାୟ । ଏ.ଆଇ.ସି.ସି.ଟି.ୟୁର ସଭାପତି ରାଧାକାନ୍ତ ସେଠୀ ତାଙ୍କ ବକ୍ତବ୍ୟରେ ସରକାରଙ୍କ ଦ୍ୱାରା ମାଳମାଳ ଯୋଜନା ହେଇଛି ସିନା କିନ୍ତୁ କୌଣସି ଯୋଜନାରୁ ଶ୍ରମିକମାନେ କାଣିଚାଏ ପାଇପାରୁନାହାନ୍ତି । ଆମ ସରକାର କେବଳ କର୍ପୋରେଟ୍ ମାଫିଆ ମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି । ନିକଟରେ ଓଡ଼ିଶା ସରକାର ବକ୍ସସାଇଟ୍ ଖଣି ନିଲାମ ପ୍ରକ୍ରିୟାରେ ବାସ୍ତବ ମୂଲ୍ୟ ୮୦୦୦ ଟଙ୍କାକୁ ମାତ୍ର ୪୬୫ ଟଙ୍କାରେ ବିକ୍ରି କରିଛନ୍ତି




। ଏହା ଶ୍ରମିକମାନଙ୍କର ମୌଳିକ ଅଧିକାରକୁ କୋଠାରଘାତ କରୁଛନ୍ତି । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା ତାଙ୍କ ଅଭିଭାଷଣରେ ପ୍ରତ୍ୟେକ ନାଗରିକର ସମ୍ମାନ ସହ ବଞ୍ଚିବାର ଅଧିକାର ଅଛି ବୋଲି ସମ୍ବିଧାନରେ ଉଲ୍ଲେଖ ଅଛି କିନ୍ତୁ ଆମ ସରକାର ସମ୍ବିଧାନର ତଂଟି ଚିପି ନାଗରିକ ମାନଙ୍କୁ ମୌଳିକ ଅଧିକାର ଦେବା କଥା ତାବଦଳରେ ବିଭିନ୍ନ ଯୋଜନା ମାଧ୍ୟମରେ କଣ୍ଟୋରୋଧ କରୁଛନ୍ତି ବୋଲି କହିଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ମଦନ ମୋହନ ଧଳ ମଧ୍ୟ ବକ୍ତବ୍ୟ ରଖିଥିଲେ । ଆଲୋଚନାରେ ସମସ୍ତ ଅସଂଗଠିତ ଶ୍ରମିକମାନଙ୍କୁ କର୍ମଚାରୀ ରାଜ୍ୟ ସ୍ୱାସ୍ଥ୍ୟବୀମା ଯୋଜନା (ଇ.ଏସ୍.ଆଇ)ରେ ଅନ୍ତର୍ଭୁକ୍ତ କରିବା ସହିତ ପ୍ରସ୍ତାବିତ ଅସଂଗଠିତ କ୍ଷେତ୍ର ଶ୍ରମିକ ପରିଷଦ ନିମିତ୍ତ ଆମ ରାଜ୍ୟ ସରକାର ତୁରନ୍ତ ଅନ୍ୟୁନ୍ୟ ୫ ଶହ କୋଟି ଟଙ୍କା ପ୍ରଦାନ କରି ଏହାକୁ କାର୍ଯ୍ୟକ୍ଷମ କଲେ ଆଗାମୀ ଦିନରେ ଅନ୍ତତଃ ପ୍ରତ୍ୟେକ ଓଡିଆ ପୁଅ ସ୍ୱାସ୍ଥ୍ୟସେବାରୁ ବଂଚିତ ହେବ ନାହିଁ । ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟ କର୍ମସାଳା ସଂଯୋଜନା କରିଥିଲେ । ସି.ଆଇ.ଟି.ୟୁର ଦୁଷ୍ମନ୍ତ ଦାଶ, କେନ୍ଦ୍ରୀୟ ଶ୍ରମିକ ନେତା ନିରଞ୍ଜନ ମହାନ୍ତି, ଅମୀୟ କୁମାର ମହାନ୍ତି, ଧରଣୀଧର ସ୍ୱାଇଁ, କୃଷଚନ୍ଦ୍ର ସାହୁ, ପ୍ରଣତି ମିଶ୍ର, କେଶବ ବେହେରା, ସିଲି ସେଠୀ, ବେଦଦ୍ୟୁତ ପୃଷ୍ଟି, ଚୈତନ୍ୟ ତାଣ୍ଡି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସଂଜୀବ ମହାନ୍ତି, ପ୍ରୀୟବ୍ରତ ନାୟକ, ଡ. ଦୁଷ୍ମନ୍ତ ନାୟକ, ବିଦ୍ୟାଚରଣ ସୁନା ଓ ବିଷ୍ଣୁପ୍ରସାଦ ଭୁଜବଳ ପ୍ରମୁଖ ଆଲୋଚନାରେ ଭାଗ ନେଇ ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯିବା ପାଇଁ ମତ ପ୍ରକାଶ କରିଥିଲେ ।

## ‘ୱାନ ନେସନ, ୱାନ ଇଲେକ୍ସନ’କୁ ଥାଲାପତି ବିଜୟଙ୍କ ବିରୋଧ



ଚେନ୍ନାଇ: ରାଜନୀତିରେ ଏଣ୍ଟ୍ରି ମାରୁ ମାରୁ ମୋଦି ସରକାରଙ୍କ ଯୋଜନାକୁ ବିରୋଧ କରିଛନ୍ତି ତାମିଲ ଅଭିନେତା ଥାଲାପତି ବିଜୟ । ନୂଆକରି ବିଜୟ ଗଢ଼ିଥିବା ଦଳ ‘ତାମିଲଗା ଭେଟ୍ରି କାଝଗମ’ ରବିବାର ମୋଦି ସରକାରଙ୍କ ‘ୱାନ ନେସନ୍-ୱାନ ଇଲେକ୍ସନ’ ଯୋଜନାକୁ ବିରୋଧ କରି ଏକ ସଂକଳ୍ପ ପାରିତ କରିଛି ।

କିଛିଦିନ ହେବ ସମଗ୍ର ଦେଶରେ ଗୋଟିଏ ସମୟରେ ନିର୍ବାଚନ କରାଇବାକୁ କେନ୍ଦ୍ର ସରକାରଙ୍କ ଯୋଜନାକୁ ନେଇ ବିରୋଧୀ ଓ ବିଜେପି ମୁହାଁମୁହିଁ ସ୍ଥିତିରେ । ଏଭଳି ପରିସ୍ଥିତିରେ ଏହାକୁ ବିରୋଧ କରି ଏକ ସଂକଳ୍ପ ପାରିତ କରିଛନ୍ତି ବିଜୟ । ଏତିକି ନୁହେଁ, ତାମିଲନାଡୁରୁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ହଟାଇବାକୁ ମଧ୍ୟ ଦାବି କରିଛି ବିଜୟଙ୍କ ଦଳ ।

ତେବେ କେବଳ ଶାସକ ବିଜେପି ନୁହେଁ, ବିଜୟଙ୍କ ଦଳ ଟିଭିକେ ଟାର୍ଗେଟରେ ରାଜ୍ୟର ଡିଏମକେ ସରକାର ବି ରହିଛି । ଏମ.କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମକେ ସରକାର ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରିବାକୁ ଚେଷ୍ଟା କରୁନଥିବା କହିଛନ୍ତି ବିଜୟ । ଏଥିପାଇଁ ସେ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି । ତାମିଲନାଡୁର ଶାସକ ଡିଏମକେ ଦଳ କ୍ଷମତାକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ଭୁଲି ଯାଇଛି ବୋଲି ବିଜୟ କହିଛନ୍ତି ।

## ଇସ୍ରାଏଲ ଉପରେ ଆକ୍ରମଣ କଲେ ପରିଣାମ ଭୟଙ୍କର : ବାଇଡେନ୍

ୱାଶିଂଟନ୍: ଇସ୍ରାଏଲ ଉପରେ ଆଉ ଆକ୍ରମଣ ନ କରିବାକୁ ଆମେରିକା ଇରାନକୁ ଚେତାବନୀ ଦେଇଛି । ରାଷ୍ଟ୍ରପତି ଜୋ ବାଇଡେନ ପ୍ରଶାସନ ଇରାନକୁ ଧମକ ଦେଇ କହିଛି ଯେ ଯଦି ଆୟୋତୋଲ୍ଲା ଅଲି ଖାମେନି ପ୍ରଶାସନ ପୁନର୍ବାର ଉତ୍ତେଜିତ ହୁଅନ୍ତି ତେବେ ଇସ୍ରାଏଲର କଡ଼ା ପ୍ରତିକ୍ରିୟାକୁ ବନ୍ଦ କରିହେବ ନାହିଁ ।



ଇରାନ ଉପରେ ଇସ୍ରାଏଲର ପ୍ରତିଶୋଧ ଆକ୍ରମଣ ପରେ ତେହେରାନର ସାମରିକ ବେସ୍ ଏବଂ କ୍ଷେପଣାସ୍ତ୍ର ସୁବିଧା କ୍ଷତିଗ୍ରସ୍ତ ହୋଇଥିଲା । ଏହା ପରେ ଇରାନ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଶନିବାର ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖାମେନି ପୁଣି ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଆକ୍ରମଣ କରିବାକୁ ଧମକ ଦେଇଥିଲେ । ପ୍ରତିଶୋଧ ପରାୟଣ କାର୍ଯ୍ୟ ବିଷୟରେ ଇରାନ ସେନା ମଧ୍ୟ କହିଥିଲା ।

ଆମେରିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ୱାଶିଂଟନ୍ ତେହେରାନକୁ କହିଛି ଯେ ଯଦି ଇରାନ ପୁଣି ଆକ୍ରମଣ କରେ ତେବେ ଆମେରିକା ଇସ୍ରାଏଲର ପ୍ରତିକ୍ରିୟାକୁ ବନ୍ଦ କରି ପାରିବ ନାହିଁ । ଯେକୌଣସି ପ୍ରତିକ୍ରିୟା ପୂର୍ବ ପରି ସୀମିତ ରହିବ ନାହିଁ ।

ଇସ୍ରାଏଲର ଜଣେ ପୂର୍ବତନ ଅଧିକାରୀଙ୍କ କହିବାନୁସାରେ, ସ୍ୱିସ୍ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ବାର୍ତ୍ତା ପଠାଯାଇଥିଲା । ଏନେଇ ମିଳିତ ଜାତିସଂଘରେ ଇରାନର ମିଶନ କୌଣସି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ହ୍ୱାଇଟ ହାଉସ କିଛି କହିବାକୁ ମନା କରି ଦେଇଛି ।

ହ୍ୱାଇଟ ହାଉସର ମୁଖପାତ୍ର କରାଇନ୍ ଜାନ-ପିଆର କହିଥିଲେ ଯେ ଇରାନ କୌଣସି ପ୍ରତିକ୍ରିୟାକୁ ଏଡାଇବା ଉଚିତ୍ । ଏପରି ହେଲେ ଇସ୍ରାଏଲକୁ ଆମେରିକାର ସମର୍ଥନକୁ ଜାରି ରହିବ । ଏହି ସମୟରେ, ପେଣ୍ଟାଗନ୍ ମୁଖପାତ୍ର ଜେନେରାଲ୍ ପ୍ୟାଟ୍ ରାଇଡର୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପାଇଁ ବିନାଶକାରୀ ଜାହାଜ, ଯୁଦ୍ଧ ବିମାନ ସ୍କ୍ୱାଡ୍ରନ୍, ରିଫିଲିଂ ବିମାନ ଏବଂ ଦୂରଗାମୀ ବି-୫୨ ବୋମାବର୍ଷଣକାରୀ ସହିତ ଅତିରିକ୍ତ ସାମରିକ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛନ୍ତି ।

ରାଇଡର୍ ଜୋର ଦେଇଛନ୍ତି ଯେ ଆମେରିକାର ପ୍ରତିରକ୍ଷା ସଚିବ ଓଲିଉଡ ଅଷ୍ଟିନ ସ୍ପଷ୍ଟ କରିଛନ୍ତି ଇରାନ କିମ୍ବା ଏହାର ପ୍ରକ୍ସିଙ୍କ ଦ୍ୱାରା ଆକ୍ରମଣ ହେଲେ ଆମେରିକା ନିଜର ଶକ୍ତି ଏବଂ ସ୍ୱାର୍ଥ ରକ୍ଷା ପାଇଁ ନିର୍ଣ୍ଣାୟକ କାର୍ଯ୍ୟ କରିବ । ଅକ୍ଟୋବର ୨୬ ସକାଳେ ଇରାନର ବାଲିଷ୍ଟିକ୍ ଆକ୍ରମଣର ଜବାବରେ ଇସ୍ରାଏଲ ଇରାନ ଉପରେ ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କରିଥିଲା । ଏହି ଆକ୍ରମଣରେ ୧୦୦ ରୁ ଅଧିକ ଯୁଦ୍ଧ ବିମାନ ବ୍ୟବହାର କରାଯାଇଥିଲା । ଯେଉଁଥିରେ ବିପଜ୍ଜନକ ଏଫ-୩୫ ସାମିଲ ଥିଲା । ଇସ୍ରାଏଲର ଆକ୍ରମଣରେ ଇରାନରେ ୫ଜଣ ପ୍ରାଣ ହରାଇଥିଲେ ।

ଗୋଟିଏ ସପ୍ତାହ ଚୁପ୍ ରହିବା ପରେ ଶନିବାର ଦିନ ଇରାନର ସର୍ବୋଚ୍ଚ ନେତା ଖାମେନି ପୁଣିଥରେ ଇସ୍ରାଏଲ ବିରୋଧରେ ଆକ୍ରମଣ କରିବାକୁ ଧମକ ଦେଇଥିଲେ । ଖାମେନି କହିଥିଲେ ଯେଉଁମାନେ ଇରାନ ଏବଂ ଏହାର ସହଯୋଗୀ ଦଳ ଉପରେ ଆକ୍ରମଣ କରୁଛନ୍ତି ସେମାନଙ୍କୁ କଡ଼ା ଜବାବ୍ ଦିଆଯିବ । ଖାମେନି ଇସ୍ରାଏଲ ସହିତ ଆମେରିକାର ନାମ ମଧ୍ୟ ନେଇଥିଲେ । ସେ କହିଥିଲେ, ଶତ୍ରୁ ଇସ୍ରାଏଲ ହେଉ କି ଆମେରିକା, ଯିଏ ଇରାନକୁ ଆଘାତ ଦେଉଛି ଏବଂ ପ୍ରତିରୋଧ କରୁଛି ତାକୁ ନିଶ୍ଚିତ ଭାବରେ ଉପଯୁକ୍ତ ଉତ୍ତର ମିଳିବ ।

## ଅଜିତ ପାୱାର ହେବେ କିଙ୍ଗମେକର

ନୂଆଦିଲ୍ଲୀ: ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଅଜିତ ପାୱାର ଦଳର ନେତା ନବାବ ମଲିକଙ୍କ ଏକ ବଡ ବିବୃତ୍ତି ସାମ୍ନାକୁ ଆସିଛି । ସେ କହିଛନ୍ତି ଯେ ରାଜ୍ୟରେ ମହାଯୁତୀ ଏବଂ ମହାବିକାଶ ଅଘାଡି ମିଳିତ ମଞ୍ଚ ମଧ୍ୟରେ କଡା ପ୍ରତିଯୋଗିତା ରହିଛି । କିଏ ସଂଖ୍ୟାଗରିଷ୍ଠତା ହାସଲ କରିବେ ତାହା ଜଣା ପଡିନାହିଁ, କିନ୍ତୁ ଅଜିତ ପାୱାରଙ୍କ ଇଚ୍ଛା ବିନା କୌଣସି ସରକାର ଗଠନ ହୋଇପାରିବ ନାହିଁ । ରାଜ୍ୟରେ କିଏ କାହା ସହିତ ଯିବେ କେହି ଜାଣି ନାହାଁନ୍ତି, ଫଳାଫଳ ପରେ କିଛି ବି ହୋଇପାରେ, ଅଜିତ ପାୱାର ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ।

ପୂର୍ବତନ ମନ୍ତ୍ରୀ ନବାବ ମଲିକ ଆହୁରି କହିଛନ୍ତି ଯେ ସମସ୍ତ ବିରୋଧ ସତ୍ତ୍ୱେ ମୁଁ ଅଜିତ ପାୱାରଙ୍କ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରୁଛି । ସମାଜବାଦୀ ପାର୍ଟିର ପ୍ରାର୍ଥୀ ମଧ୍ୟ ମୋ ବିପକ୍ଷରେ ଅଛନ୍ତି । ଲୋକମାନେ ମୋତେ ଆତଙ୍କବାଦୀ ଏବଂ ଦେଶଦ୍ରୋହୀ ବୋଲି କହୁଥିଲେ । କିନ୍ତୁ ମୁଁ ଅଭିଯୋଗକୁ ଭୟ କରେ ନାହିଁ । ମୁଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁନଥିଲି । ତେଣୁ ମୋ ଝିଅ ମୋର ସମସ୍ତ କାର୍ଯ୍ୟର ଯତ୍ନ ନେଉଥିଲା । କିନ୍ତୁ ମାନଖୁରଦ-ଶିବାଜୀ ନଗରର ଲୋକମାନେ ଦାବି କରୁଥିଲେ, ତେଣୁ ମୁଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସ୍ଥିର କଲି । ଏହା ପୂର୍ବରୁ ମଧ୍ୟ ଏନସିପି ନେତା ମଲିକ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେ କହିଥିଲେ ମୁଁ ଜାଣେ ଯେ ଯଦି ମୁଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରେ, ତେବେ ବିଜେପି ଏବଂ ଶିବସେନା ବିରୋଧ କରିବେ । କିନ୍ତୁ ଯେଭଳି ଦଳ ମୋ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରି ମୋତେ ଟିକେଟ ଦେଇଛନ୍ତି, ମୁଁ ପୂର୍ଣ୍ଣ ଶକ୍ତି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି । ବିରୋଧ ସତ୍ତ୍ୱେ ମୋତେ ଯେଉଁଭଳି ଭାବେ ଟିକେଟ୍ ଦିଆଯାଇଥିଲା, ତାହା ଦେଖିଲେ, ବହୁ ବିଚାର ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ଅଜିତ ପାୱାରଙ୍କୁ କୃତଜ୍ଞତା ଜଣାଇ ସେ କହିଛନ୍ତି ଯେ ଏଠାରେ ପ୍ରତିଯୋଗିତା ସମସ୍ତଙ୍କ ସହ ନବାବ ମଲିକଙ୍କର ହେବାକୁ ଯାଉଛି ।

## ଯୋଗୀଙ୍କୁ ହତ୍ୟା ଧମକ: ଅଭିଯୁକ୍ତ ଯୁବତୀ ଗିରଫ

ଲକ୍ଷ୍ନୌ : ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହତ୍ୟା ଧମକ ଦେବା ପଛରେ ଥିବା ୨୪ ବର୍ଷୀୟ ଯୁବତୀଙ୍କୁ ପୁଲିସ୍ ଗିରଫ କରିଛି । ଯଦି ୧୦ ଦିନ ଭିତରେ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବେ, ତା’ହେଲେ ତାଙ୍କୁ ମୁମ୍ବାଇର ରାଜନେତା ବାବା ସିଦ୍ଦିକିଙ୍କ ଭଳି ହତ୍ୟା କରାଯିବ ବୋଲି ଧମକ ମିଳିଥିଲା । ଏହାର ତଦନ୍ତ ଆରମ୍ଭ ହୋଇଥିବା ମୁମ୍ବାଇ ପୁଣି ଥାନେରୁ ଫାତିମା ଖାନ ନାମକ ଜଣେ ଯୁବତୀଙ୍କୁ ଗିରଫ କରିଛି । ତାଙ୍କ ଫୋନ ନମ୍ବରରୁ ଆଦିତ୍ୟନାଥଙ୍କୁ ଧମକ ମିଳିଥିଲା ।ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ ଫାତିମା ବେଶ ଉଚ୍ଚ ଶିକ୍ଷିତା । ହେଲେ ସେ ମାନସିକ ରୋଗରେ ପୀଡ଼ିତ । ଫାତିମା ସୂଚନା ପ୍ରଯୁକ୍ତି ବିଦ୍ୟାରେ ବିଏସସି ଡିଗ୍ରୀ ହାସଲ କରିଛନ୍ତିଛ ଥାନେରେ ସେ ପରିବାର ଲୋକଙ୍କ ସହ ରୁହନ୍ତି । ତାଙ୍କ ବାପା କାଠ ବ୍ୟବସାୟ କରି ପରିବାର ଚଳାନ୍ତି । ଏବେ ପୁଲିସ୍ ଫାତିମାଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ କରୁଛି । ମୁମ୍ବାଇ ଟ୍ରାଫିକ ପୁଲିସ କଣ୍ଟ୍ରୋଲ ରୁମକୁ ଯୋଗୀ ଆଦିତ୍ୟନାଥଙ୍କ ହତ୍ୟା ଧମକ ସମ୍ପର୍କରେ ମେସେଜ ଆସିଥିଲା । କଣ୍ଟ୍ରୋଲ ରୁମର ହ୍ୱାଟସଆପ ନମ୍ବରକୁ ଆସିଥିବା ମେସେଜରେ କୁହାଯାଇଥିଲା ଯେ ଯଦି ଯୋଗୀ ଆଦିତ୍ୟନାଥ ଆସନ୍ତା ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବେ, ତା’ହେଲେ ତାଙ୍କୁ ବାବା ସିଦ୍ଦିକିଙ୍କ ଭଳି ଗୁଳି କରି ହତ୍ୟା କରାଯିବ । କିଛି ଦିନ ପୂର୍ବେ ମହାରାଷ୍ଟ୍ର ଏନସିପିର ବରିଷ୍ଠ ନେତା ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ତାଙ୍କ ପୁଅଙ୍କ ଅଫିସ ସମ୍ମୁଖରେ ତାଙ୍କ ଉପରକୁ ଫାୟାରିଂ କରାଯାଇଥିଲା । ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରଠୁ ବାବା ସିଦ୍ଦିକିଙ୍କ ପରି ଅବସ୍ଥା କରିଦେବୁ କହି ଦେଇ ବଡ଼ ବଡ଼ ନେତା ଓ ସେଲିବ୍ରେଟିମାନଙ୍କୁ ଧମକ ମିଳିବାରେ ଲାଗିଛି । ପୂର୍ବରୁ ସଲମାନ ଖାନ ଓ ସାଂସଦ ପପୁ ଯାଦବଙ୍କୁ ହତ୍ୟା ଧମକ ମିଳିଥିବା ବେଳେ ଏବେ ଯୋଗୀଙ୍କ ଉଦ୍ଦେଶ୍ୟରେ ଧମକ ମିଳିଥିଲା ।

## ଶ୍ରୀନଗରରେ ଗ୍ରେନେଡ ଆକ୍ରମଣ: ୧୦ରୁ ଅଧିକ ଆହତ



ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ‘ଲଶ୍କର-ଏ-ତୋଏବା’ ପାକିସ୍ତାନୀ ଆତଙ୍କୀ ସଂଗଠନର ଏକ ଶୀର୍ଷ କମାଣ୍ଡର ଟଳିବା ପରେ ରବିବାର ଶ୍ରୀନଗରରେ ଏକ ବଡ଼ ଆକ୍ରମଣ ହୋଇଛି । ଗ୍ରେନେଡ ବିସ୍ଫୋରଣରେ ପ୍ରାୟ ୧୦ରୁ ଅଧିକ ନାଗରିକ ଆହତ ହୋଇଥିବା କୁହାଯାଉଛି ।

ଶ୍ରୀନଗରସ୍ଥିତ ପର୍ଯ୍ୟଟକ ସ୍ୱାଗତ କେନ୍ଦ୍ର ବାହାରେ ଥିବା ବଜାରରେ ରବିବାର କାରଣରୁ ବହୁ ସଂଖ୍ୟାରେ ଲୋକଙ୍କ ଗହଳି ରହିଥିଲା । ଏହି ସମୟରେ ଏପରି ଗ୍ରେନେଡ ଆକ୍ରମଣ କାରଣରୁ ଅନେକ ଲୋକ ଆହତ ହୋଇଛନ୍ତି । ପ୍ରାରମ୍ଭିକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ଗ୍ରେନେଡ ବିସ୍ଫୋରଣରେ ଆହତ ନାଗରିକଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହା ପରେ କଶ୍ମୀର ପୋଲିସର ସ୍ପେଶାଲ ଅପରେସନ୍ ଗ୍ରୁପକୁ ତଦନ୍ତ ପାଇଁ ନିୟୋଜିତ କରାଯାଇଛି । ଆକ୍ରମଣକାରୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ମଧ୍ୟ ଆରମ୍ଭ ହୋଇଛି ।

ପ୍ରକାଶ ଥାଉ, ଅନନ୍ତନାଗ ଏବଂ ଶ୍ରୀନଗରର ଖାନିଆରରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ତୀବ୍ର ଗୁଳିବିନିମୟ ହୋଇଥିଲା । ଏଥିରେ ଉଭୟ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ତିନିଜଣ ଆତଙ୍କବାଦୀ ନିହତ ହୋଇଥିଲେ । ନିହତ ଆତଙ୍କବାଦୀଙ୍କ ମଧ୍ୟରେ ପାକିସ୍ତାନର ‘ଲଶ୍କର-ଏ-ତୋଏବା’ ପାକିସ୍ତାନୀ ଆତଙ୍କୀ ସଂଗଠନର ଏକ ଶୀର୍ଷ କମାଣ୍ଡର ମଧ୍ୟ ରହିଛି । ଏହାପରେ ପରେ ଆକ୍ରମଣ ସୁରକ୍ଷାକର୍ମୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

## କଂଗ୍ରେସ ନେତାଙ୍କ ଅଶ୍ଳୀଳ ଆଚରଣକୁ ଯୁବତୀଙ୍କ ପ୍ରତିବାଦ

ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ବାଗପାତ ଜିଲ୍ଲାର କଂଗ୍ରେସ ଦଳର ଜିଲ୍ଲା ସଭାପତି ଜଣେ ମହିଳାଙ୍କ ସହିତ ଅଶ୍ଳୀଳ ଭାବେ କଥା ହେଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ଭାଇରାଲ ଭିଡିଓରେ ଜିଲ୍ଲା ସଭାପତି ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଅଶ୍ଳୀଳ ଭାବେ କଥା ହେଉଥିବା ଶୁଣିବାକୁ ମିଳିଛି । ସୋସିଆଲ ମିଡିଆରେ ଜିଲ୍ଲା ସଭାପତିଙ୍କ ଭିଡିଓ ଭାଇରାଲ ହେବା ପରେ ଫେସବୁକ ସମେତ ଅନ୍ୟାନ୍ୟ ସୋସିଆଲ ସାଇଟରେ ଲୋକମାନେ ଜିଲ୍ଲା ସଭାପତିଙ୍କୁ ସମାଲୋଚନା କରିବା ଆରମ୍ଭ କରି ଦେଇଛନ୍ତି । ତେବେ ଭିଡିଓରେ ଦେଖିବାକୁ ମିଳୁଥିବା ମହିଳା ଜଣକ କିଏ ଏବଂ ଏହି ଭିଡିଓ କେଉଁଠାରୁ ଆସିଛି ତାହା ସ୍ପଷ୍ଟ ହୋଇ ପାରି ନଥିଲା । ଭାଇରାଲ୍ ଭିଡିଓଟି ମୋଟ ୧ମିନିଟ୍ ୩୪ ସେକେଣ୍ଡର ରହିଛି । ଭାଇରାଲ ଭିଡିଓରେ ଯୁବତୀ ଜଣକ କୋଠରି ବାହାରେ ଠିଆ ହୋଇଥିବା ବେଳେ ଜିଲ୍ଲା ସଭାପତି ରୁମ ଭିତରେ ଠିଆ ହୋଇ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି । ଏହି ସମୟରେ ଯୁବତୀ ଜଣକ କହୁଛନ୍ତି, ’ନା ସାର, ଏହା ଭୁଲ୍ ସାର୍, ଏପରି କରନ୍ତୁ ନାହିଁ । ମୋ ମା ମୋତେ ମାରିଦେବେ ।

## ଅବସର ନେବା ପୂର୍ବରୁ ଚନ୍ଦ୍ରଚୂଡ ଶୁଣାଇବେ ୫ ରାୟ

ନୂଆଦିଲ୍ଲୀ : ଦେଶର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ ନଭେମ୍ବର ୧୦ରେ ଅବସର ନେଉଛନ୍ତି । ତାଙ୍କ ପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ସିଜେଆଇ ଭାବରେ ଦାୟିତ୍ୱ ଗ୍ରହଣ କରିବେ ।

ଏଭଳି ପରିସ୍ଥିତିରେ ବର୍ତ୍ତମାନର ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ଙ୍କର ସୁପ୍ରିମକୋର୍ଟରେ ମାତ୍ର ୫ କାର୍ଯ୍ୟଦିବସ ବାକି ଅଛି । ଏହି ୫ ଦିନରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେବେ । ସେଥିମଧ୍ୟରେ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟକୁ ସଂଖ୍ୟାଲଘୁ ଅନୁଷ୍ଠାନର ମାନ୍ୟତା ପ୍ରଦାନ ଏବଂ ମଦ୍ରାସା ଆଇନର ବୈଧତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନ୍ତର୍ଭୁକ୍ତ ରହିଛି । ସେ ୫ଟି ବଡ଼ ମାମଲାରେ ରାୟ ଦେବେ । ଯାହା ଦେଶରେ ବ୍ୟାପକ ପ୍ରଭାବ ପକାଇବ । ମଦ୍ରାସା ଆଇନର ବୈଧତା ସହ ଜଡିତ ଏହି ପ୍ରସଙ୍ଗରେ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ତାଙ୍କ ରାୟ ପ୍ରଦାନ କରିବେ । ନିକଟରେ ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ୩ ଜଣିଆ ବିଚାରପତିଙ୍କ ଏକ ବେଞ୍ଚ ଉତ୍ତରପ୍ରଦେଶ ମଦ୍ରାସା ଆକ୍ଟର ବୈଧତା ସହ ଜଡିତ ଏହି ପ୍ରସଙ୍ଗରେ ନିଜର ରାୟ ସଂରକ୍ଷିତ ରଖିଛନ୍ତି ।



ଏହି ପରିପ୍ରେକ୍ଷୀରେ ଆହ୍ଲାବାଦ ହାଇକୋର୍ଟର ଏକ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଛି ଯେଉଁଥିରେ କୋର୍ଟ ଉତ୍ତରପ୍ରଦେଶ ମଦ୍ରାସା ଆଇନକୁ ଅଣସାମ୍ବିଧାନିକ ଘୋଷଣା କରିଛନ୍ତି ଏବଂ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସିଜେଆଇଙ୍କ ଦ୍ୱାରା ପରିଚାଳିତ ୯ ଜଣିଆ ସମ୍ବିଧାନ ବେଞ୍ଚ ସମ୍ପତ୍ତି ବିବରଣୀ ମାମଲାରେ ରାୟ ସଂରକ୍ଷିତ ରଖିଛନ୍ତ । ବ୍ୟକ୍ତିଗତ ସମ୍ପତ୍ତି ହାସଲ କରିବା ଏବଂ ପୁନଃବଣ୍ଟନ କରିବାର ଅଧିକାର ଉପରେ ସୁପ୍ରିମକୋର୍ଟ ରାୟ ପ୍ରଦାନ କରିବେ ।

## ଝାଡ଼ଖଣ୍ଡରେ ଲଢେଇର ନାଁ ‘ଅସ୍ମିତା’

ନୂଆଦିଲ୍ଲୀ: ଓଡିଶା ପରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଅସ୍ମିତା ପ୍ରସଙ୍ଗ । ବିଜେପିର ରୋଟି, ମାଟି, ବେଟି ବନାମ ଜେଏମଏମର ଝାଡ଼ଖଣ୍ଡ ଅସ୍ମିତା । ଲୋକସଭା ଲଢେଇରେ ଆଦିବାସୀ ଅସ୍ମିତାକୁ ପ୍ରସଙ୍ଗ କରି ବିଜେପିକୁ ମାତ୍ ଦେଇଥିବା ଜେଏମଏମ୍ ବିଧାନସଭା ନିର୍ବାଚନରେ ବି ସମାନ ଫର୍ମୁଲା ଆପଣାଇଛି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଗିରଫଦାରୀ ପ୍ରସଙ୍ଗକୁ ଅସ୍ତ୍ର କରି ଆଦିବାସୀ ଅସ୍ମିତା ଓ ଭିକ୍ଟିମ କାର୍ଡ ଖେଳୁଛି ଜେଏମଏମ । ସେପଟେ ରାଜ୍ୟକୁ ବାଂଲାଦେଶୀ ଅନୁପ୍ରବେଶକାରୀ ଓ ଧର୍ମାନ୍ତରଣକୁ ପ୍ରସଙ୍ଗ କରି ସନାତନ ଅସ୍ମିତାର ରକ୍ଷା ପାଇଁ ଭୋଟ୍ ଦେବାକୁ କହୁଛି ବିଜେପି ।

### ଜେଏମଏମର ‘ଆଦିବାସୀ ଅସ୍ମିତା’ କାର୍ଡ

ଝାଡ଼ଖଣ୍ଡ ନିର୍ବାଚନରେ ଆଦିବାସୀ ଅସ୍ମିତା କାର୍ଡ ଖେଳି ନିଜ ଆଦିବାସୀ ଭୋଟବ୍ୟାଙ୍କ ସୁରକ୍ଷିତ ରଖିବାକୁ ଉଦ୍ୟମ କରୁଛି ଜେଏମଏମ । ନିଜକୁ ଝାଡ଼ଖଣ୍ଡ ବିକାଶ ପାଇଁ ପ୍ରତିବଦ୍ଧ ନେତା ଦର୍ଶାଇବାର ସହ ବିଜେପିକୁ ବାହାରୁ ଆସିଥିବା ଦଳ ଦେଖାଉଛନ୍ତି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ । ପ୍ରତି ସଭାରେ ସରନା କୋଡ୍ ଓ ଖତିୟାନ ପ୍ରସଙ୍ଗ ଉଠାଇ ନିଜେ ରାଜ୍ୟର ଅସଲ ନିବାସୀ ବୋଲି ପରିଚୟ ଦେଉଛନ୍ତି । ହେମନ୍ତ ସୋରେନଙ୍କ ଗିରଫଦାରୀ ବେଳେ ଜେଏମଏମ ପକ୍ଷରୁ ଝାଡଖଣ୍ଡ ଝୁକେଗା ନେହିଁର ନାରା ଦିଆଯାଇଥିଲା । ନିର୍ବାଚନରେ ଏହାକୁ ସଂକଳ୍ପ ଭାବେ ବ୍ୟବହାର କରୁଛି ଦଳ । ଝାଡଖଣ୍ଡ ଜନତାଙ୍କ ଅଧିକାର ପାଇଁ ଲଢେଇ କରିବାରୁ ତାଙ୍କୁ ଜେଲ୍ ପଠାଯାଇଥିବା କହି ଲୋକଙ୍କ ଆଗରେ ଭିକ୍ଟିମ କାର୍ଡ ଖେଳୁଛନ୍ତି ହେମନ୍ତ । ଗତ ଲୋକସଭା ନିର୍ବାଚନରେ ରାଜ୍ୟରେ ଗୋଟିଏ ବି ଆଦିବାସୀ ସିଟ୍ ଜିତିପାରିନଥିଲା ବିଜେପି । ଏଥର ସମାନ ମ୍ୟାଜିକ ଦୋହରାଇବା ଆଶାରେ ରହିଛି ଜେଏମଏମ ।

### ଅସ୍ମିତା ବନାମ ସନାତନ ରକ୍ଷା

କେନ୍ଦ୍ରକୁ ବାଣ ମାରି ବିଜେପିକୁ ଝାଡ଼ଖଣ୍ଡ ମଇଦାନରେ ସିଧାସଳଖ ବିରୋଧ କରୁଛି ଜେଏମଏମ ।



ନିର୍ବାଚନୀ ସଭାରେ ବିଜେପି ବିରୋଧରେ ମିଛ, ଧନବଳ, ବିଭାଜନକାରୀ ରଣନୀତି ଓ ଷଡଯନ୍ତ୍ର ଭଳି ଅଭିଯୋଗ ଆଣୁଛି ଦଳ । ଝାଡଖଣ୍ଡ ଅସ୍ମିତା ରକ୍ଷା ପାଇଁ ଜେଏମଏମକୁ ଭୋଟ୍ ଦେବାକୁ ଆହ୍ୱାନ କରୁଛି । ସେପଟେ ଆଦିବାସୀ ଅସ୍ମିତା ଉପରେ ଅନୁପ୍ରବେଶକାରୀଙ୍କ ଆକ୍ରମଣକୁ ପ୍ରସଙ୍ଗ କରିଛି ବିଜେପି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଲଗାତର ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରସଙ୍ଗରେ ଜେଏମଏମକୁ ଟାର୍ଗେଟ୍ କରୁଛନ୍ତି । ରାଜ୍ୟରେ ବିଜେପି ସରକାର ଆସିଲେ ଅନୁପ୍ରବେଶକାରୀମୁକ୍ତ ହେବ ଝାଡ଼ଖଣ୍ଡ । ତେବେ ବିଜେପି ହାରିଗଲେ ସନାତନ ଓ ଝାଡ଼ଖଣ୍ଡ ହାରିଯିବ କହି ଭୋଟ୍ ମାଗୁଛି ବିଜେପି ।

### କାହିଁକି ଜରୁରୀ ଆଦିବାସୀ ଭୋଟ୍ ?

ଝାଡ଼ଖଣ୍ଡର ମୋଟ୍ ଜନସଂଖ୍ୟାର ୨୬ପ୍ରତିଶତ ଆଦିବାସୀ । ତେଣୁ ଆଦିବାସୀ ଭୋଟରଙ୍କୁ ନିଜ ସପକ୍ଷରେ କରିବାକୁ ସବୁ ଦଳ ଉଦ୍ୟମ କରୁଛନ୍ତି । ଗତ ଲୋକସଭା ନିର୍ବାଚନରେ ଗୋଟିଏ ବି ଆଦିବାସୀ ସିଟରେ ପଦ୍ମ ଫୁଟାଇ ପାରିନଥିଲା ବିଜେପି । ହେମନ୍ତ ସୋରନଙ୍କ ଗିରଫଦାରୀକୁ ନେଇ ଆଦିବାସୀ ବିଜେପି ବିରୋଧରେ ଭୋଟ୍ କରିଥିଲେ । ସମାନ ସମବେଦନା ପୁଣି ସାଉଁଟିବାକୁ ଜେଏମଏମ ଆଦିବାସୀ ଅସ୍ମିତା ନାରା ଦେଇଛି । ସେପଟେ ଅନୁପ୍ରବେଶକାରୀଙ୍କ ଠାରୁ ଆଦିବାସୀଙ୍କୁ ସୁରକ୍ଷା ଦେବା କଥା କହି ଆଦିବାସୀଙ୍କୁ ମନାଇବାକୁ ଚେଷ୍ଟା କରୁଛି ବିଜେପି । ଇଣ୍ଡିଆ ମେଣ୍ଟର ପାରମ୍ପରିକ ଆଦିବାସୀ-ମୁସଲିମ୍ ଭୋଟ ବିଭାଜନ କରିବାକୁ ବାବୁଲାଲ ମାରାଣ୍ଡି, ଚମ୍ପାଇ ସୋରେନ୍, ମଧୁ କୋଡାଙ୍କ ଭଳି ଆଦିବାସୀ ନେତାଙ୍କୁ ଦଳରେ ମିଶାଇ ଝାଡ଼ଖଣ୍ଡରେ ଚକ୍ରବ୍ୟୂହ ପ୍ରସ୍ତୁତ କରିଛି ବିଜେପି । ଆଉ ହିନ୍ଦୁତ୍ୱ କାର୍ଡ ଖେଳି ଲଢେଇକୁ ଆହୁରି ରୋଚକ କରିଛି । ତେବେ ପ୍ରଶ୍ନ, ଆଦିବାସୀ ଅସ୍ମିତା ନା ଅନୁପ୍ରବେଶକାରୀଙ୍କ ବିରୋଧରେ ରଣହୁଙ୍କାର, କାହାକୁ ସମର୍ଥନ କରିବେ ଝାଡ଼ଖଣ୍ଡ ଭୋଟର?

## ଟ୍ରେନରେ ବାଣ ବିସ୍ଫୋରଣ, ୪ ଆହତ

ଫତେଗଡ଼: ଟ୍ରେନରେ ପୁଣି ଏକ ଅଗ୍ନିକାଣ୍ଡର ଖବର ଆସିଛି । ଅମୃତସର-ହାୱଡ଼ା ମେଲରେ ନିଆଯାଉଥିବା ବାଣ ବିସ୍ଫୋରଣ ଯୋଗୁଁ ସେଥିରେ ନିଆଁ ଲାଗିଥିଲା, ଫଳରେ ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି ।

ସୂଚନା ଅନୁସାରେ, ଶନିବାର ରାତି ୧୦ଟା ୨୦ମିନିଟରେ ଅମୃତସର-ହାୱଡ଼ା ମେଲ୍ ଫତେଗଡ଼ ଜିଲ୍ଲାର ସରହିନ୍ଦ ଷ୍ଟେସନରୁ ବାହାରିବା ବେଳେ ଏହି ବିସ୍ଫୋରଣ ଘଟିଥିଲା । ଏକ ଜେନେରାଲ କୋଚ୍‌ରେ ଏହି ବିସ୍ଫୋରଣ ଘଟିଥିଲା । ପୋଲିସର ସୂଚନା ଅନୁଯାୟୀ, ଟ୍ରେନରେ ଥିବା ଏକ ବାଣ ଭର୍ତ୍ତି ପ୍ଲାଷ୍ଟିକ୍ ବାଲ୍ଟିରେ ବିସ୍ଫୋରଣ ଘଟିଥିଲା । ଜନଗହଳି ଓ ଲଗେଜରେ ଭର୍ତ୍ତି ହୋଇଥିବା ଜେନେରାଲ କୋଚରେ ବିସ୍ଫୋରଣ ହେବା ପରେ ତାହା ଧୂଆଁରେ ଭର୍ତ୍ତି ହୋଇଯାଇଥିଲା ଓ ଲୋକଙ୍କ ଚିତ୍କାର ଶୁଭିଥିଲା । ଜୀବନ ବଞ୍ଚାଇବା ପାଇଁ ଯାତ୍ରୀମାନେ ଟ୍ରେନ୍‌ରୁ ଡେଇଁବା ଆରମ୍ଭ କରିଥିଲେ । ଏହି ବିସ୍ଫୋରଣ ଯୋଗୁଁ ୪ ଜଣ ଯାତ୍ରୀ ନିଆଁରେ ପୋଡ଼ି ଯାଇଥିଲେ । ଏମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି । ଆହତମାନେ ହେଲେ ଉତ୍ତରପ୍ରଦେଶର ଭୋଜପୁର ପିରୁ, ବହରାଇଚ, ବମିଆରୀ, ବିହାରର ସୋନୁ କୁମାର ଓ ତାଙ୍କ ପତ୍ନୀ ସଙ୍ଗୀତା କୁମାରୀ ।



# ଲଜ୍ଜାଜନକ ପରାଜୟ

ମୁମ୍ବାଇ,୩।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଭାରତ ମାଟି କାମୁଡିଛି । ପ୍ରଥମଥର ପାଇଁ ଘରୋଇ ମାଟିରେ ଟେଷ୍ଟ ଶୃଙ୍ଖଳାର ଗୋଟିଏ ବି ମ୍ୟାଚ ଜିତି ପାରିନି ଭାରତ । ତୃତୀୟ ଟେଷ୍ଟରେ ଏଜାଜ୍ ପଟେଲଙ୍କ ସ୍ପିନ୍ ଆଗରେ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ କରି ଭାରତ ବ୍ୟାଟର ୨୫ ରନ୍‌ରେ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହୋଇଛନ୍ତି । ଭାରତକୁ ବିଜୟ ୧୪୭ ରନ୍‌ର ଟାର୍ଗେଟ୍ ମିଳିଥିଲା । ଭାରତ ଏହି ଲକ୍ଷ୍ୟକୁ ପିଛା କରି ୨୯.୧ ଓଭରରେ ୧୨୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଭାରତୀୟ ବ୍ୟାଟରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁଁ ନ୍ୟୁଜିଲାଣ୍ଡ ଶୃଙ୍ଖଳା ମୂଳପୋଛ କରିବାରେ ସକ୍ଷମ ହୋଇଛି । ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିଜୟରେ ଏଜାଜ ପଟେଲ ହିରୋ ସାଜିଛନ୍ତି । ସେ ଭାରତର ଦ୍ୱିତୀୟ ପାଳିରେ ୬ ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ପାଳିରେ ୫ ୱିକେଟ୍ ନେଇଥିଲେ । ୨୪ ବର୍ଷ ପରେ ଘରୋଇ ମାଟିରେ ଟେଷ୍ଟ ଶୃଙ୍ଖଳା ହାରିଛି ଭାରତୀୟ ଦଳ । ପୂର୍ବରୁ ୨୦୦୦ ମସିହାରେ ଦ.ଆଫ୍ରିକା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ବିଜୟଲାଭ କରିଥିଲା । ପ୍ରଥମଥର ପାଇଁ ଭାରତୀୟ ଦଳ ଘରୋଇ ଶୃଙ୍ଖଳାରେ ୩-୦ରେ ହାରିଛି । ଏହି ପରାଜୟ ଭାରତୀୟ ଦଳ ପାଇଁ ବେଶ ଲଜ୍ଜାଜନକ ସାବ୍ୟସ୍ତ ହୋଇଛି ।

## ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ପଏଣ୍ଟ ଟେବୁଲରେ ଖସିଲା ଭାରତ

ଘରୋଇ ମାଟିରେ ଲଜ୍ଜାଜନକ ପରାଜୟ ଯୋଗୁଁ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ପଏଣ୍ଟ ଟେବୁଲରେ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଦୀର୍ଘ ଦିନ ଧରି ପଏଣ୍ଟ ଟେବୁଲର ନଂ.୧ ସ୍ଥାନରେ ରହିବା ସହ ଫାଇନାଲ ଖେଳିବା ଆଡେ ଆଗକୁ ବଢୁଥିବା ଭାରତକୁ ପରାଜୟ ପରେ ଝଟକା ଲାଗିଛି । ଭାରତ ଶୃଙ୍ଖଳା ହାରିବା ଯୋଗୁଁ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ନଂ.୧ ସ୍ଥାନକୁ ଉଠିଛି । ଶ୍ରୀଲଙ୍କାର ବିଜୟ ପ୍ରତିଶତ ସହ ଭାରତ ଏହାର ଅତି ନିକଟରେ ପହଞ୍ଚି ଯାଇଛି । ଅଷ୍ଟ୍ରେଲିଆ ନଂ.୧ ସ୍ଥାନକୁ ଉଠିଥିବା ବେଳେ ଭାରତ ଦ୍ୱିତୀୟ ଓ ଶ୍ରୀଲଙ୍କା ତୃତୀୟ ସ୍ଥାନରେ ରହିଛି । ନ୍ୟୁଜିଲାଣ୍ଡ ଶୃଙ୍ଖଳା ବିଜୟ ସହ ଚତୁର୍ଥ ସ୍ଥାନକୁ ଉଠିଛି । ନଭେମ୍ବର ୨୨ରୁ ଭାରତ ବର୍ଡର ଗାଭାସ୍କର ଟ୍ରଫି ଖେଳିବାକୁ ଅଷ୍ଟ୍ରେଲିଆ ଯିବ । ଏହି ଶୃଙ୍ଖଳାର ଫଳାଫଳ ଉପରେ ଭାରତର ଫାଇନାଲ ଖେଳିବା ନିର୍ଭର କରେ । ଭାରତର ବିଜୟ ହାର ୫୮.୩୩ ରହିଥିବା ବେଳେ ଅଷ୍ଟ୍ରେଲିଆ ୬୨.୫୦ ସହ ନଂ.୧ରେ ରହିଛି । ଶ୍ରୀଲଙ୍କାର ବିଜୟ ହାର ୫୫.୫୬ ଏବଂ ନ୍ୟୁଜିଲାଣ୍ଡର ୫୪.୫୫% ରହିଛି । ଦ.ଆଫ୍ରିକା ୫୪.୧୭ ସହ ପଞ୍ଚମ ସ୍ଥାନରେ ରହିଛି । ଭାରତ ପରବର୍ତ୍ତୀ ଟେଷ୍ଟ ଶୃଙ୍ଖଳାରେ ଅଷ୍ଟ୍ରେଲିଆକୁ ଭେଟିବ । ସେହିପରି ଶ୍ରୀଲଙ୍କା ବିଦେଶ ମାଟିରେ ଦ.ଆଫ୍ରିକା ଓ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ଦୁଇଟି ଲେଖାଏଁ ଟେଷ୍ଟ ମ୍ୟାଚ ଖେଳିବ । ନ୍ୟୁଜିଲାଣ୍ଡ ନିଜ ମାଟିରେ ଇଂଲଣ୍ଡ ବିପକ୍ଷରେ ୩ଟି ମ୍ୟାଚ ଖେଳିବ ।

## ଟିମ୍ ଇଣ୍ଡିଆର ଅଲୋଡା ରେକର୍ଡ

୧୩ ବର୍ଷ ତଳେ ଯେଉଁ ୱାଙ୍ଖଡେରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ୍ ଜିତିଥିଲା । ସେହି ସମାନ ଭେନ୍ୟୁରେ ଦଳ ଟେଷ୍ଟ ଇତିହାସର ସବୁଠାରୁ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଛି । ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ଟେଷ୍ଟ ନାଟକୀୟ ଢ଼ଙ୍ଗରେ ଶେଷ ହେବା ସହ ଭ୍ରମଣକାରୀ ଦଳ ୩-୦ରେ ଶୃଙ୍ଖଳା କବ୍‌ଜା କରିଛି । ନ୍ୟୁଜିଲାଣ୍ଡ ପ୍ରଥମଥର ପାଇଁ ଶୃଙ୍ଖଳା ସୁଇପ୍ କରିବାର ରେକର୍ଡ କରିଛି ।

ବିବାଦୀୟ ଢ଼ଙ୍ଗରେ ରିଷଭ ପନ୍ତ ଆଉଟ୍ ହେବା ପରେ ଭାରତ ବିଜୟ ଟ୍ରାକ୍‌ରୁ ବାହାରି ଯାଇଥିଲା । ୧୬ ରନ୍‌ରେ ଦଳ ଶେଷ ୫ ୱିକେଟ୍ ହରାଇ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହୋଇଥିଲା । ପରାଜୟ ପରେ ଭାରତୀୟ ଟେଷ୍ଟ କ୍ରିକେଟ୍‌ରେ ନୂଆ ଲଜ୍ଜାଜନକ ରେକର୍ଡ ଯୋଡି ହୋଇଛି । ଭାରତ ପ୍ରଥମଥର ପାଇଁ ୩ କିମ୍ବା ତା ଠାରୁ ଅଧିକ ଟେଷ୍ଟ ଘରୋଇ ମାଟିରେ ହାରିଛି । ୧୯୩୩-୩୪ରେ ଭାରତ-ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳା ଖେଳାଯାଇଥିଲା । ସ୍ୱାଧିନତା ପୂର୍ବରୁ ହୋଇଥିବା ଏହି ଶୃଙ୍ଖଳାରେ ଭାରତୀୟ ଦଳକୁ ଇଂଲଣ୍ଡ ୨-୦ରେ ହରାଇଥିଲା । ଏହାପର ଠାରୁ ଭାରତୀୟ ଦଳ କେବେ ହେଲେ ଘରୋଇ ମାଟିରେ ୩ କିମ୍ବା ତା ଠାରୁ ଅଧିକ ମ୍ୟାଚ ବିଶିଷ୍ଟ ଶୃଙ୍ଖଳା ହାରି ନଥିଲା । ସ୍ୱାଧୀନତା ପରେ ନ୍ୟୁଜିଲାଣ୍ଡ ପ୍ରଥମ ଦଳ ଭାବେ ଭାରତକୁ ତାରି ଗଡରେ ମୁଳପୋଛ କରିଛି । ନ୍ୟୁଜିଲାଣ୍ଡ ୩-୦ରେ ଶୃଙ୍ଖଳା ଜିତିବା ପରେ ବିଶ୍ୱର ଚତୁର୍ଥ ଦଳ ଭାବେ ଭାରତକୁ ୩ କିମ୍ବା ତାଠୁ ଅଧିକ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଗୋଟିଏ ବି ମ୍ୟାଚ ଜିତିବାକୁ ଦେଇନାହିଁ । ଇଂଲଣ୍ଡ ଏପରି ରେକର୍ଡ ୪ଥର କରିଥିବା ବେଳେ ଅଷ୍ଟ୍ରେଲିଆ ୩ଥର ଓ ୱେଷ୍ଟଇଣ୍ଡିଜ୍ ଥରେ ଭାରତକୁ ଟେଷ୍ଟ ଶୃଙ୍ଖଳାରେ ମୁଳପୋଛ କରିଛି । ୨୦୧୨ ଡିସେମ୍ବରରେ ଭାରତ ୧-୨ରେ ଇଂଲଣ୍ଡଠାରୁ ସିରିଜ୍ ହାରିଥିଲା । ଏହାପରେ ଭାରତ କ୍ରମାଗତ ୧୮ଟି ଶୃଙ୍ଖଳା ଜିତିଥିଲା । ହେଲେ ଏହି ରେକର୍ଡକୁ ନ୍ୟୁଜିଲାଣ୍ଡ ମାଟିରେ ମିଶାଇ ଦେଇଛି ।



୩-୦ରେ ନ୍ୟୁଜିଲାଣ୍ଡର ଶୃଙ୍ଖଳା ବିଜୟ

## ୪ ବରିଷ୍ଠ ଖେଳାଳିଙ୍କ ଆସନ ଟଳମଳ

ନ୍ୟୁଜିଲାଣ୍ଡ ନିକଟରୁ ଶୋଚନୀୟ ପରାଜୟ ପରେ ଭାରତୀୟ କ୍ରିକେଟ୍ ଦଳର ୪ ଜଣ ବରିଷ୍ଠ ଖେଳାଳି ନିଜର ପ୍ରଦର୍ଶନ ପାଇଁ ହରଡଘଣାରେ ପଡିଛନ୍ତି । ବିସିସିଆଇ କଠୋର ପନ୍ଥା ଆପଣାଇବା ପାଇଁ ବିଚାର କରୁଛି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଏପରିକି ସିନିୟର ଖେଳାଳିମାନେ ଭାରତରେ ସେମାନଙ୍କ ଶେଷ ଅନ୍ତର୍ଜାତୀୟ ଟେଷ୍ଟ ଖେଳିସାରିଛନ୍ତି ବୋଲି କୁହାଯାଇଛି । ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନ ଓ ରବିନ୍ଦ୍ର ଜାଡେଜା ଏହି ଟାର୍ଗେଟରେ ଅଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ପାଇଁ ଦଳ ଘୋଷଣା ହୋଇସାରିଥିବାରୁ ବିସିସିଆଇ ନିରବ ରହିଛି । ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲରେ ଯଦି ଭାରତ ପ୍ରବେଶ କରିନପାରେ । ତେବେ ଏମାନଙ୍କ କ୍ୟାରିୟର ପ୍ରାୟତଃ ଶେଷ ହୋଇଯିବ । ବିରାଟ କୋହଲିଙ୍କ ନିକଟରେ କିଛିଟା ସୁଯୋଗ ରହିପାରେ । କିନ୍ତୁ ଅନ୍ୟ ୩ ବରିଷ୍ଠଙ୍କ ବିକଳ୍ପ କରିବା ପାଇଁ ନିର୍ଦ୍ଦେଶ ମିଳିସାରିଛି । ବିସିସିଆଇ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ସହ ଏସମ୍ପର୍କରେ ଆଲୋଚନା ମଧ୍ୟ ସରିଛି । ଅବଶ୍ୟ ଏହା କେତେକ ଦୂର ସତ ତାହା ସ୍ପଷ୍ଟ ହୋଇନି । ଇଂଲଣ୍ଡଗସ୍ତ ପୂର୍ବରୁ ଏକ ମଜଭୁତ ଟେଷ୍ଟ ଦଳ ଗଠନ ପାଇଁ ବୋର୍ଡ ଉଦ୍ୟୋମ ଆରମ୍ଭ କରିଛି । ସାଇ ସୁଦର୍ଶନ, ଦେବଦୂତ ପଡିକାଲ, ୱାଶିଂଟନ ସୁନ୍ଦରଙ୍କ ପରି ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯିବା ପାଇଁ ବିଚାର ଚାଲିଛି ।






## ଭାରତ-ଇଂଲଣ୍ଡ ବାରବାଟୀ ମ୍ୟାଚ ଟିକେଟ୍ ମୂଲ୍ୟ ଧାର୍ଯ୍ୟ

ଭୁବନେଶ୍ୱର,୩।୧୧ (ସବ୍ୟୁ): ୨୦୨୫ ଫେବୃଆରୀ ୯ରେ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ-ଇଂଲଣ୍ଡ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ଖେଳାଯିବ । ଏହି ମ୍ୟାଚ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଟିକେଟ ମୂଲ୍ୟ ଧାର୍ଯ୍ୟ କରିଛି । ନଂ.୧ ଗ୍ୟାଲେରୀ ପାଇଁ ଟିକେଟ୍ ମୂଲ୍ୟ ୧୨ ଶହ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ନଂ.୨ ଗ୍ୟାଲେରୀ ପାଇଁ ୧୦୦୦ ଟଙ୍କା, ନଂ.୩ ଗ୍ୟାଲେରୀ ପାଇଁ ୧୨ ଶହ ଟଙ୍କା, ନଂ.୪ ଗ୍ୟାଲେରୀ ପାଇଁ ୧୦୦୦ ଟଙ୍କା, ନଂ.୫ ପାଇଁ ୧୫ ଶହ, ନଂ.୬ ପାଇଁ ୧୨ ଶହ ଏବଂ ନଂ.୭ ଗ୍ୟାଲେରୀ ପାଇଁ ୮୦୦ ଟଙ୍କା ପାଇଁ ଧାର୍ଯ୍ୟ ହୋଇଛି । ସ୍ପେଶାଲ ଏନ୍‌କ୍ଲୋଜର ଟିକେଟ୍ ମୂଲ୍ୟ ୭୦୦୦ ଟଙ୍କା ରହିଥିବା ବେଳେ ଏସି ଗ୍ୟାଲେରୀ ବକ୍ସ ପାଇଁ ୯୦୦୦ ଟଙ୍କା, କର୍ପୋରେଟ୍ ବକ୍ସ ପାଇଁ ୨୦,୦୦୦ ଟଙ୍କା, ନ୍ୟୁପାଭେଲିଅନ୍ ପାଇଁ ଟିକେଟ୍ ଦାମ୍ ୧୦,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

ବାରବାଟୀ ଷ୍ଟାଡିୟମ୍‌ର ଦର୍ଶକ କ୍ଷମତା ୪୪,୫୨୪ ରହିଛି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତ ମ୍ୟାଚ ଅପେକ୍ଷା ଭାରତ-ଇଂଲଣ୍ଡ ମ୍ୟାଚ ଲାଗି ଟିକେଟ୍ ଦର ଦ୍ୱିଗୁଣିତ ହୋଇଛି । ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ସହ ଓସିଏ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ରାଜକନିକା କପ: କିଶୋର କ୍ଲବ, ଭଦ୍ରକ ଏକାଦଶ ବିଜୟୀ

ରାଜକନିକା,୩।୧୧ (ସବ୍ୟୁ): ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆର. ଏନ. ହାଇସ୍କୁଲ ମିନି ଷ୍ଟାଡିଅମ ଠା ରେ ୪୩ ତମ ରାଜକନିକା କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ ଘାଟିତ ହୋଇଯାଇଛି । ଉଦ୍ଘାଟନୀ ମ୍ୟାଚ ରାଜକନିକା ଆଥେଲେଟିକ ଆସୋସିଏସନ ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା ।ଏଥିରେ କିଶୋର କ୍ଲବ ଭୁବନେଶ୍ୱର ୫-୪ ଟ୍ରାଇବ୍ରେକର ଗୋଲରେ ରାଜକନିକା ଆଥେଲେଟିକ ଆସୋସିଏସନକୁ ହରାଇ ପ୍ରଥମ ଦଳ ଭାବେ କ୍ୱାଟର ଫାଇନାଲ ରେ ପ୍ରବେଶ କରିଛି । ଏହି ଖେଳରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସହ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ପାତ୍ର ଓ ସମାଜସେବୀ ପ୍ରବୀର କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖେଳଟି ଅନୁଷ୍ଠାନ ର ଉପଦେଷ୍ଟା ଦିବଂଗତ ପ୍ରଦ୍ୟୋତ କୁମାର ଦେଓ ଙ୍କୁ ସମର୍ପିତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଆଇଏଫସି ରାଉଲକେଲା ଓ ଭଦ୍ରକ ଏକାଦଶ ଙ୍କ ମଧ୍ୟରେ ହୋଇଥିଲା ।ଏଥିରେ ଭଦ୍ରକ ୫-୦ ଗୋଲରେ ଆଇଏଫସି ରାଉଲକେଲା କୁ ହରାଇ ଦ୍ୱିତୀୟ ଦଳ ଭାବେ କ୍ୱାଟର ଫାଇନାଲ ରେ ପ୍ରବେଶ କରିଛି ।ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ବିରଞ୍ଚି ନାରାୟଣ ପଲାଇ, ସମ୍ମାନିତ ଅତିଥି ଭାବେ ଆଇନଜୀବି ଚିରଞ୍ଜିବି ଦାସ, ଜାଗୁଳାଇ ପଡ଼ା ସମିତି ସଭ୍ୟ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ ଖେଳ ଟିକୁ ଉତ୍ସାହିତ କରିଥିଲେ ।ଏହି ଖେଳକୁ ସ୍ୱର୍ଗତ ଧନଞ୍ଜୟ ପଲାଇ ଓ ସ୍ୱର୍ଗତ ଡାକ୍ତର ରାମଚନ୍ଦ୍ର ସୁତାରଙ୍କୁ ସମର୍ପିତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନ ସଭାପତି ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ଉପସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା ଓ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ଇଂ. ପ୍ରଶାନ୍ତ କୁମାର ବିଶ୍ୱାଳ, ଡ଼. ଫକୀର ଚନ୍ଦ୍ର ପ୍ରଧାନ ଓ ପ୍ରାଣବନ୍ଧୁ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ ଏବଂ ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ପବିତ୍ର ଦୀପାବଳୀ ଓ କାଳୀପୂଜା ଅବସରରେ ଜିଲ୍ଲାବାସୀଙ୍କୁ
ଆମ୍ଭ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ
M/S PANCHALI PHARMACEUTICALS
DL NO - 20B BH19305/W, 21B- BH19306/WC, 20G- BH6991/WX, TIN- 21933902088
MAIN ROAD, CHARMPA, BHADRAK- 756101(ODISHA)
Ph. : 06784-230885, Mob. : 9437307177

ପବିତ୍ର କାଳୀପୂଜା ଓ ଦୀପାବଳୀ ଉପଲକ୍ଷେ
ଭଦ୍ରକ ଜିଲ୍ଲାର ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ
ମୋ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ସୁରେଶ ଚନ୍ଦ୍ର ମହାନ୍ତି
ସମାଜସେବୀ ତଥା ସଂଗଠକ, ଭଦ୍ରକ

ଦୈନିକ ଖବରକାଗଜ 'ସମୟ'ର
୨୮ତମ ସନକ୍ଷତ୍ର ଦିବସ
ଏବଂ ପବିତ୍ର ଦୁର୍ଗାପୂଜା ଓ ଦଶହରା ପାଇଁ
ଭଦ୍ରକ ଜିଲ୍ଲାର ସମସ୍ତ ଭାଇ ଓ
ଭଉଣୀ ମାନଙ୍କୁ ହାର୍ଦ୍ଦିକ
ଅଭିନନ୍ଦନ ଓ ଶୁଭେଚ୍ଛା ।
ଅମ୍ବିକା ପ୍ରସନ୍ନ ଦାସ
ଆବାହକ
ସାଳନ୍ଦୀ ବିକାଶ ମଞ୍ଚ, ଭଦ୍ରକ ଜିଲ୍ଲା

With Best Complements From
USHA MACHINARY
Deals -
ORIPLAST, PLASTO PIPES
& TANKS AND ALL KINDS OF
SANITARY FITTINGS
BONT CHHAKA, BHADRAK, ODISHA
MOB.: 9437087233

With Best Compliments From...
UTKAL BUILDING MATERIALS PVT. LTD.
Deals in-
Marbles, Granite, Vitrified, Ceramic Wall & Floor Tiles, GI PVC, CPVC Pipe & Fittings, G.P., G.C. & A.C Sheets, PVC Door, Sanitary wares & Order Suppliers.
Auth. Dealers-
Somany Wall & Floor Tiles, Birla White Cement & Putty, Jaquar C.P., Bath Fittings, Tata & Bhusan G.C. Sheets Finolex PVC Pipes & Fittings, SOMANY Sanitary Ware.
BY-PASS, BHADRAK, ODISHA, PIN-756100
MOB-7894188977, 06784-251895(O), 251307(O)

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି